* Vol.- 46, Issue No. 211
* Sunday, 2 November 2025
* ରବିବାର, ୨ ନଭେମ୍ବର ୨୦୨୫
* Bhubaneswar
* Price: Rs. 2.00, Page: 8
* R.N.I. Regd. No. 34063/81
* Postal Regd. No. BN/79/18-20
* Online Portal: www.dinalipi.com
* Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


**ଓଡ଼ିଶାରେ ସ୍ୱର୍ଣ୍ଣିମ ଦିନ**

### ରାଜ୍ୟର ପ୍ରଥମ ସେମିକଣ୍ଡକ୍ଟର ପ୍ରକଳ୍ପ ଭୂମିପୂଜନରେ ମୁଖ୍ୟମନ୍ତ୍ରୀ

# ଗୌରବପୂର୍ଣ୍ଣ ଅଧ୍ୟାୟର ଶୁଭାରମ୍ଭ

ଭୁବନେଶ୍ୱର, ୧ ।୧ ୧ : ଶନିବାର ରାଜ୍ୟର ପ୍ରଥମ କମ୍ପାଉଣ୍ଡ ସେମିକଣ୍ଡକ୍ଟର ପ୍ରକଳ୍ପ ପାଇଁ ଭୁବନେଶ୍ୱର ଜଟଣୀ ସ୍ଥିତ ଇନଫୋଭାଲିରେ ଭୂମି ପୂଜନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପ୍ରକଳ୍ପ ଭାରତର ସେମିକଣ୍ଡକ୍ଟର ଉତ୍ପାଦନ ଇକୋସିଷ୍ଟମକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ବିଶ୍ୱସ୍ତରୀୟ ଇଲେକ୍ଟ୍ରୋନିକ୍ସ ଏବଂ

* ଆଇଟି ରାଜଧାନୀ ହେବ ଓଡ଼ିଶା
* ୨ ହଜାର ୬୭ କୋଟି ଟଙ୍କା ନିବେଶ
* ୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ
* ଡବଲ ଇଞ୍ଜିନ ସରକାରରେ ଓଡ଼ିଶାର ପ୍ରତ୍ୟେକ କ୍ଷେତ୍ରରେ ବିକାଶ: ଅଶ୍ୱିନୀ ବୈଷ୍ଣବ



କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭିସି ଜରିଆରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସିକ୍ସେମ ପ୍ରାଇଭେଟ ଲିମିଟେଡ ସେମିକଣ୍ଡକ୍ଟର ପ୍ରକଳ୍ପ ଭୁବନେଶ୍ୱରରେ ପ୍ରତିଷ୍ଠା ରାଜ୍ୟ ସରକାରଙ୍କର ବଡ ପଦକ୍ଷେପ । ଏଥିପାଇଁ ୨ ହଜାର ୬୭ କୋଟି ଟଙ୍କା ନିବେଶ କରିବ ସଂସ୍ଥା । ଏହା ଦ୍ୱାରା ୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । 'ମେକ ଇନ ଇଣ୍ଡିଆ' ଏବଂ 'ଡିଜିଟାଲ ଇଣ୍ଡିଆ'ର ଦୃଷ୍ଟିକୋଣ ସହିତ ଏହି ସେମିକଣ୍ଡକ୍ଟର ନିର୍ମାଣ କ୍ଷେତ୍ରରେ ଓଡ଼ିଶାକୁ ଏକ ପ୍ରମୁଖ କେନ୍ଦ୍ରରେ ପରିଣତ କରିବା ଦିଗରେ ଆଜି ଏକ ଅଭିନବ ଓ ଗୌରବପୂର୍ଣ୍ଣ ଅଧ୍ୟାୟର ଶୁଭାରମ୍ଭ ହୋଇଛି । ଆଜି ଭୁବନେଶ୍ୱରର ଇନଫୋ ଭ୍ୟାଲିରେ ସିକ୍ସେମ ପ୍ରାଇଭେଟ ଲିମିଟେଡର କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫ୍ୟାବ ଏବଂ ଏଟିଏମପି ସୁବିଧାର ଭୂମିପୂଜନ ସମ୍ପନ୍ନ ହୋଇଛି । ଏହା ଆମ ରାଜ୍ୟକୁ ଉନ୍ନତ ଇଲେକ୍ଟ୍ରୋନିକ୍ସ ଏବଂ ସେମିକଣ୍ଡକ୍ଟର ନିର୍ମାଣର ଏକ ପ୍ରମୁଖ କେନ୍ଦ୍ର କରିବାର ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହି ମାଇଲଖୁଣ୍ଟ 'ଆତ୍ମନିର୍ଭର ଭାରତ' ଦିଗରେ ଆମର ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହା ସହିତ ଓଡ଼ିଶାର ପ୍ରଗତିଶୀଳ ନୀତି, ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ନବୋନ୍ମେଷ ପାଇଁ ଅନୁକୂଳ ପରିବେଶକୁ ପ୍ରମାଣିତ କରୁଛି । 'ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, 'ବିଜେପି ସରକାର ଆରମ୍ଭରୁ ହିଁ ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ, ଇଓ ଏବଂ ଅନ୍ୟାନ୍ୟ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ସମର୍ପିତ ନୀତି ପ୍ରଣୟନ କରିଛନ୍ତି, ଯାହା ଓଡ଼ିଶାକୁ ଭାରତର ସର୍ବୋତ୍ତମ ନିବେଶ ଅନୁକୂଳ ରାଜ୍ୟ ମଧ୍ୟରେ ଅନ୍ୟତମ ଭାବେ ସ୍ଥାନ ଦେଇଛି । ଭାରତୀୟ ସେମିକଣ୍ଡକ୍ଟର ମିଶନ ଅନୁମୋଦିତ ଏହି କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫ୍ୟାବ୍ରିକେସନ୍ ପ୍ରକଳ୍ପ ୨,୦୬୭ କୋଟି ବିନିଯୋଗରେ ସ୍ଥାପିତ ହେବ । ଏହା ଦ୍ୱାରା ପ୍ରାୟ ୫୦୦୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ତିଆରି ହେବ । ଏହାର ବାର୍ଷିକ କ୍ଷମତା ୬୦,୦୦୦ଟି ଓ୍ୱେଫର ଉତ୍ପାଦନ ଏବଂ ୯ କୋଟି ୬୦ ଲକ୍ଷ ୟୁନିଟ୍ର ପ୍ୟାକେଜିଂ କରିବାକୁ ଲକ୍ଷ୍ୟ ରଖିଛି। ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଛନ୍ତି, 'ଆଇଆଇଟି ଭୁବନେଶ୍ୱରରେ ୬୪ କୋଟି ବିନିଯୋଗରେ ଏକ ଗବେଷଣା ଓ ନବୋନ୍ମେଷ କେନ୍ଦ୍ର ପ୍ରତିଷ୍ଠା କରାଯାଉଛି। ଯାହା ସିଲିକନ କାର୍ବାଇଡ ପ୍ରଯୁକ୍ତିବିଦ୍ୟାରେ ଗବେଷଣାକୁ ଆଗକୁ ନେଇ ରାଜ୍ୟର ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ଅଧିକ ଶକ୍ତିଶାଳୀ କରିବ । କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, 'ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଓଡ଼ିଶାରେ ପ୍ରଥମ କମ୍ପାଉଣ୍ଡ ସେମିକଣ୍ଡକ୍ଟର ପ୍ରକଳ୍ପ ପାଇଁ ଭୂମି ପୂଜନ ହୋଇଛି । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଶେଷ କୃତଜ୍ଞତା ଦେଉଛି । ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟର ବିକାଶ ପରିକଳ୍ପନାର ଏହା ଅଂଶ ବିଶେଷ । ଓଡ଼ିଶା ଓ ଆସାମକୁ ସେମିକଣ୍ଡକ୍ଟର ଭଳି ଅତ୍ୟାଧୁନିକ ଟେକ୍ନୋଲୋଜି ପ୍ଲାଣ୍ଟ କରିବା ପାଇଁ ସୁଯୋଗ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହଯୋଗରୁ ଏହାର ସଫଳ ରୂପାୟନ ହେବାକୁ ଯାଉଛି । ଡବଲ ଇଞ୍ଜିନ ସରକାରରେ ଓଡ଼ିଶାର ପ୍ରତ୍ୟେକ କ୍ଷେତ୍ରରେ ବିକାଶ ହେଉଛି ।

---

### ଏସ୍ଆଇ ପରୀକ୍ଷା କେଲେଙ୍କାରୀ
## ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଗିରଫ



ଭୁବନେଶ୍ୱର, ୧ ।୧ ୧ : ଓଡ଼ିଶା ପୋଲିସ ସବ-ଇନ୍ସପେକ୍ଟର (ଏସଆଇ) ନିଯୁକ୍ତି ପରୀକ୍ଷା କେଲେଙ୍କାରୀରେ ଏକ ବଡ଼ ସଫଳତା ହାସଲ ହୋଇଛି। ଓଡ଼ିଶା କ୍ରାଇମ୍ ବ୍ରାଞ୍ଚ ଶନିବାର ନେପାଳ ସୀମା ନିକଟ ଉତ୍ତରାଖଣ୍ଡରୁ ମୁଖ୍ୟ ଅଭିଯୁକ୍ତ ତଥା ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟିଙ୍କୁ ଗିରଫ କରିଛି। ଏକ ସୂତ୍ର ଅନୁଯାୟୀ, ଏହି ଦୁର୍ନୀତି ସାମ୍ନାକୁ ଆସିବା ପରଠାରୁ ଶଙ୍କର ପୃଷ୍ଟି ଫେରାର୍ ଥିଲେ ଏବଂ ଗିରଫଦାରିରୁ ରକ୍ଷା ପାଇବା ପାଇଁ ସେ ନେପାଳ ସୀମାରେ ଲୁଚି ରହିଥିବା ସନ୍ଦେହ କରାଯାଇଥିଲା। ବ୍ୟାପକ ନଜର ରଖିବା ଏବଂ ସମନ୍ୱିତ ପ୍ରୟାସ ପରେ, କ୍ରାଇମ୍ ବ୍ରାଞ୍ଚ ଦଳ ତାଙ୍କୁ ସଫଳତାର ସହ ଟ୍ରାକ୍ କରି ଗିରଫ କରିଛି। ପୂର୍ବରୁ, ରାକେଟର ମୁଖ୍ୟ ଏବଂ ପଞ୍ଚସଫ୍ଟ କମ୍ପାନୀର ମୁଖ୍ୟ ବୋଲି କୁହାଯାଉଥିବା ଶଙ୍କର ପୃଷ୍ଟି ଆଗୁଆ ଜାମିନ ପାଇଁ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଶଙ୍କର ଏବଂ ତାଙ୍କ ପତ୍ନୀ ଦୀପ୍ତିମୟୀଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ।

---

## ମାର୍ଚ୍ଚ ୮ରେ 'ସୁଭଦ୍ରା' ନୂଆ ହିତାଧିକାରୀଙ୍କୁ ମିଳିବ ଟଙ୍କା

ଭୁବନେଶ୍ୱର, ୧ ।୧ ୧(ନିପ୍ର): ମାର୍ଚ୍ଚ ୮ରେ ସୁଭଦ୍ରାର ନୂଆହିତାଧିକାରୀଙ୍କୁ ମିଳିବ ଟଙ୍କା । ନୂଆ ହିତାଧିକାରୀଙ୍କୁ ମିଳିବ ୨ଟି କିସ୍ତିର ଟଙ୍କା । ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି । ଶନିବାରଠାରୁ ସୁଭଦ୍ରା ପୋର୍ଟାଲରେ ଆବେଦନ କରିବେ ହିତାଧିକାରୀ । ମାସେ ପର୍ଯ୍ୟନ୍ତ ସୁଭଦ୍ରା ପୋର୍ଟାଲରେ କରିହେବ ଆବେଦନ। ୨୧ ବର୍ଷ ହୋଇଥିଲେ କରିହେବ ସୁଭଦ୍ରା ଆବେଦନ ବୋଲି ପ୍ରଭାତୀ ପରିଡା କହିଛନ୍ତି।

---

## ସିଏମଏସ୍-୩ ଉତ୍କ୍ଷେପଣ ଆଜି



ନୂଆଦିଲ୍ଲୀ, ୧ ।୧ ୧ :ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଏହାର ସବୁଠାରୁ ଭାରୀ ମଲ୍ଟି-ବ୍ୟାଣ୍ଡ ଯୋଗାଯୋଗ ଉପଗ୍ରହ, ସିଏମଏସ-୦୩ କୁ ମହାକାଶକୁ ଉତ୍କ୍ଷେପଣ କରିବାକୁ ପ୍ରସ୍ତୁତ ହୋଇଛି। ଏହାକୁ ୨ ନଭେମ୍ବର, ୨୦୨୫ ରେ ଅପରାହ୍ନ ୪:୫୬ ରେ ଏକ ଏଲଭିଏମ୩-ଏମ ୫ ରକେଟ୍ରେ ଉତ୍କ୍ଷେପଣ କରାଯିବ। ଏହି ଉପଗ୍ରହକୁ ଆନ୍ଧ୍ର ପ୍ରଦେଶରେ ଅବସ୍ଥିତ ଶ୍ରୀହରିକୋଟାର ଦ୍ୱିତୀୟ ଲଞ୍ଚ ପ୍ୟାଡ୍ରୁ ଉତ୍କ୍ଷେପଣ କରାଯିବ ।ଏହା ଉଲ୍ଲେଖନୀୟ ଯେ ଏଲଭିଏମ୩-ଏମ ୫ ରକେଟ୍ ଏହାର ଭାରୀ-ଉଠାଣ କ୍ଷମତା ପାଇଁ 'ବାହୁବଳୀ' ନାମରେ ମଧ୍ୟ ନାମିତ। ଇସ୍ରୋ ଅନୁଯାୟୀ, ଏହି ଉପଗ୍ରହର ଓଜନ ପ୍ରାୟ ୪,୪୧୦ କିଲୋଗ୍ରାମ, ଯାହାକୁ ଏକ ଜିଓସିଙ୍କ୍ରୋନାସ୍ ଟ୍ରାନ୍ସଫର ଅରବିଟ୍ରେ ସ୍ଥାପନ କରାଯିବ।

---

## ଅମାନୁଷିକତାର ସୀମା ଟପିଲା ବସ୍ ଚାଳକ

କେନ୍ଦୁଝର, ୧ ।୧ ୧(ନିପ୍ର): ବର୍ବରତା ଏବଂ ଅମାନୁଷିକତାର ସବୁ ସୀମା ଟପିଗଲା ଜଣେ ବସ ଚାଳକ। ପ୍ରଥମେ ଗାଡ଼ି ଚଢ଼ାଇ ଜୀବନ ନେଲା, ପରେ ଗାଡ଼ି ପଛରେ ମୃତ କୁକୁରକୁ ବାନ୍ଧି ଘୋଷାଡ଼ିଲା। ଏଭଳି ବର୍ବର ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ କାଦକଳା ଗାଁରେ । ଶନିବାର କାଦକଳାରୁ କେନ୍ଦୁଝର ଯାଉଥିବା ଏକ ଘରୋଇ ବସ୍ ଚକା ତଳେ ଏକ କୁକୁରକୁ ମଡ଼ାଇ ଦେଇଥିଲା ବସ୍ର ଡ୍ରାଇଭର। ମା' କୁକୁରର ମୃତ୍ୟୁ ପରେ ୪ ଛୁଆ ଛେଉଣ୍ଡ ହୋଇଥିଲେ। ମୃତ କୁକୁରକୁ ବସ୍ ପଛ ପଟେ ବାନ୍ଧି ଘୋଷାଡି ନେଇଥିଲା ଚାଳକ ଜଣକ। ଯାହାର ଦୃଶ୍ୟ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଏଭଳି ଦୃଶ୍ୟ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମନରେ ଗଭୀର ଦୁଃଖ ଆଣି ଦେଇଛି।

---

### ବସ୍ଚାଳକଙ୍କ ମାନବିକତା
## ଜୀବନ ଯିବା ପୂର୍ବରୁ ବଞ୍ଚାଇଦେଲେ ୭୦ ଯାତ୍ରୀଙ୍କ ଜୀବନ

ବୋଲଗଡ଼, ୧ ।୧ ୧(ନିପ୍ର):)ମୃତ୍ୟୁ ବି ଏମିତି ଆସେ । ହୃଦ୍ଘାତରେ ଚଳନ୍ତା ବସର ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ୭୦ରୁ ଅଧିକ ଯାତ୍ରୀଙ୍କ ଜୀବନ ବଞ୍ଚାଇ ନିଜେ ମୃତ୍ୟୁପୁର ଚାଲିଗଲେ ଡ୍ରାଇଭର ।ସୂଚନା ଅନୁଯାୟୀ ଶନିବାର ଦିନ ୨ଟା ସମୟରେ ଭୁବନେଶ୍ୱରରୁ ବୌଦ୍ଧ ଯାଉଥିବା ବିଶାଖା ନାମକ ଘରୋଇ ବସ ଭରପୂର ଯାତ୍ରୀଙ୍କୁ ନେଇ ଗନ୍ତବ୍ୟ ସ୍ଥଳକୁ ଯାଉଥିଲା । ଖୋର୍ଦ୍ଧା ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥ ଉପରେ ବୋଲଗଡ଼ ବସଷ୍ଟାଣ୍ଡଠାରେ ହଠାତ୍ ବସ୍ର ଡ୍ରାଇଭର ଅସୁସ୍ଥ ଅନୁଭବ କରିବାରୁ ବସକୁ ଷ୍ଟାଣ୍ଡ ଉପରେ ରାସ୍ତା ପାର୍ଶ୍ୱରେ ରଖିଦେଇ ଅଚେତ ହୋଇପଡ଼ିଥିଲେ । ବଜାରର କିଛି ବ୍ୟବସାୟୀ ସଙ୍ଗେ ସଙ୍ଗେ ତାଙ୍କୁ ନିକଟସ୍ଥ ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ହୃଦ୍ଘାତରେ ମୃତ୍ୟୁବରଣ କରିଥିବାର ଘୋଷଣା କରିଥିଲେ। ମୃତକ ଡ୍ରାଇଭର ଜଣକ ବୋଲଗଡ ଥାନା ଅଧୀନ ସାଗର ଗାଁ ପଞ୍ଚାୟତ ଗୋଡିଆଳି ଗ୍ରାମର ସୁବଳ ମାର୍ଥାଙ୍କ ପୁଅ ଶରତ ମାର୍ଥା। ବୟସ- ୫୭ ବର୍ଷ । ତାଙ୍କ ମୃତ ଶରୀରକୁ ସଂଧାରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଛେଦ ପାଇଁ ପଠାଇ ଦେଇଛନ୍ତି । ସେ ଜଣେ ଦକ୍ଷ ଡ୍ରାଇଭର ଭାବେ ପରିଚିତ। ତାଙ୍କ ମୃତ୍ୟୁରେ ଗାଁରେ ଶୋକର ଛାୟା ଖେଳିଯାଇଛି। ଅନ୍ୟ ପକ୍ଷେ ବସ୍ରେ ଥିବା ୭୦ ରୁ ଅଧିକ ଯାତ୍ରୀଙ୍କ ଜୀବନକୁ ବଞ୍ଚାଇ ଦେଇଥିଲେ। ଯାତ୍ରୀ ମାନଙ୍କୁ ସୁରକ୍ଷିତରେ ଅନ୍ୟବସ୍ରେ ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ପଠାଇ ଦିଆଯାଇଥିଲା। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବାକୁ ସାଧାରଣରେ ଦାବି ହେଉଛି।




---

## ସ୍ପ୍ରେ ମାରି ଯୁବତୀଙ୍କୁ ଗଣଦୁଷ୍କର୍ମ ଅଭିଯୋଗ
### ୨ ଅଟକଙ୍କୁ ପଚରାଉଚରା

ସୁବର୍ଣ୍ଣପୁର, ୧ ।୧ ୧ : ମୁହଁରେ ସ୍ପ୍ରେ ମାରି ଯୁବତୀଙ୍କୁ ଉଠାଇ ନେଇ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଯୁବତୀ ଜଣକ ଅଫିସ କାମ ସାରି ଫେରୁଥିବା ବେଳେ କେତେକ ଅଜଣା ଦୁର୍ବୃତ୍ତ ତାଙ୍କୁ ରାସ୍ତାରୁ ଉଠାଇ ନେଇ ଗଣଦୁଷ୍କର୍ମ କରିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଅଞ୍ଚଳରୁ ଆସିଛି ଏଭଳି ଏକ ସାଂଘାତିକ ଅଭିଯୋଗ । ଯୁବତୀ ଜଣକ ଗତକାଲି ନିଜ ଅଫିସ୍ କାମ ସାରି ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ବାଟରେ ୩ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ପ୍ରଥମେ ତାଙ୍କୁ ଅସଦାଚରଣ କରିଥିଲେ । ପରେ ମୁହଁରେ ସ୍ପ୍ରେ ମାରି ଅଚେତ୍ ଅବସ୍ଥାରେ ତାଙ୍କୁ ହିଡ଼ୁଡ଼ି ଆଇଟିଆଇ ପଛ ପାର୍ଶ୍ୱକୁ ଉଠାଇ ନେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ପୀଡ଼ିତା ଜଣକ ଚେତାଶୂନ୍ୟ ଅବସ୍ଥାରେ ବହୁ ସମୟ ଧରି ସେଠାରେ ପଡ଼ି ରହିଥିଲେ । ଚେତା ଆସିବା ପରେ ସେ ଘରକୁ ଫେରି ପରିବାର ଲୋକଙ୍କୁ ସବୁକଥା କହିଥିଲେ। ଏନେଇ ଯୁବତୀଙ୍କ ପକ୍ଷରୁ ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି । ଏନେଇ ତଦନ୍ତ ଜାରି ରହିଛି ବୋଲି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନାରାୟଣ ଚନ୍ଦ୍ର ନାଏକ ସୂଚନା ଦେଇଛନ୍ତି।

---

### ୪୪ ସବ-ରେଜିଷ୍ଟ୍ରେସନ କାର୍ଯ୍ୟାଳୟ ଉଦ୍ଘାଟନ କଲେ ମୁଖ୍ୟମନ୍ତ୍ରୀ
## ସରକାରୀ ସେବା ପାଇବା ହେଉଛି ଲୋକଙ୍କ ଅଧିକାର

ଭୁବନେଶ୍ୱର, ୧ ।୧ ୧(ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ରାଜ୍ୟର ୧୩ଟି ଜିଲ୍ଲାର ୪୪ଟି ତହସିଲରେ ନୂଆ ସବ-ରେଜିଷ୍ଟ୍ରେସନ କାର୍ଯ୍ୟାଳୟ ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପର୍ଯ୍ୟାୟକ୍ରମେ ରାଜ୍ୟର ସବୁ ତହସିଲରେ ସବ୍ରେଜିଷ୍ଟ୍ରେସନ ଅଫିସ୍ ଖୋଲାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସରକାରୀ ସେବା ସୁବିଧାରେ ପାଇବା ହେଉଛି ଲୋକଙ୍କ ଅଧିକାର। ଲୋକଙ୍କୁ ସମ୍ମାନର ସହିତ ଉତ୍ତମ ସେବା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ରାଜସ୍ୱ ବିଭାଗ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଲୋକସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ନୂଆ ଉପନିବନ୍ଧନ ବା ସବ୍-ରେଜିଷ୍ଟ୍ରେସନ କାର୍ଯ୍ୟାଳୟର ଉଦ୍ଘାଟନ କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟର ସମୁଦାୟ ୩୧୭ ତହସିଲ ମଧ୍ୟରୁ ୨୧୭ ତହସିଲରେ ପୂର୍ବରୁ ସବ୍-ରେଜିଷ୍ଟ୍ରେସନ ଅଫିସ୍ ଖୋଲାଯାଇଛି। ଅବଶିଷ୍ଟ ୧୦୦ରୁ ୪୪ଟି ସବ୍-ରେଜିଷ୍ଟ୍ରେସନ ଅଫିସ ଖୋଲାଗଲା। ବାକି ୫୬ଟି ପର୍ଯ୍ୟାୟକ୍ରମେ ଚଳିତବର୍ଷ ଶେଷ ସୁଦ୍ଧା ଖୋଲିବାପାଇଁ ଯୋଜନା ରଖାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ୧୬ ମାସ ଧରି ଆମ ସରକାର ପ୍ରଶାସନିକ ବ୍ୟବସ୍ଥାରେ ଅନେକ ସଂସ୍କାର ଆଣିଛନ୍ତି। ଆମର ମୂଳ ଲକ୍ଷ୍ୟ ହେଉଛି ଶାସନ ବ୍ୟବସ୍ଥାକୁ ସ୍ୱଚ୍ଛ, ପାରଦର୍ଶୀ ଓ ଲୋକାଭିମୁଖୀ କରିବା। ଯେତେଦୂର ସମ୍ଭବ ଶାସନ ବ୍ୟବସ୍ଥାକୁ ଲୋକଙ୍କ ଦୁଆର ମୁହଁକୁ ନେବା ହେଉଛି ଆମର ମୁଖ୍ୟ ଲକ୍ଷ୍ୟ। ଖୁସିର କଥା ଏହା ହାସଲ କରିବା ପାଇଁ ଟେକ୍ନୋଲୋଜିର ଉପଲବ୍ଧତା ରହିଛି। ଟେକ୍ନୋଲୋଜିର ବ୍ୟବହାର କରି ସରକାର ଲୋକଙ୍କ ନିକଟତର ହୋଇପାରୁଛନ୍ତି ଏବଂ ଜନସାଧାରଣ ଘରେବସି ଅନେକ ସରକାରୀ ସେବା ସୁବିଧାରେ ପାଇପାରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ ରାଜ୍ୟ ସରକାର ୩୨ଟି ବିଭାଗର ୪୩୩ଟି ସେବାକୁ ଅନ୍ଲାଇନ ଜରିଆରେ ଯୋଗାଇ ଦେଉଛନ୍ତି। ନିକଟରେ ଜମିଜମା ପଞ୍ଜୀକରଣ ପାଇଁ ସ୍ଲଟ୍ ବୁକିଂ ନିମନ୍ତେ ଇ-ରେଜିଷ୍ଟ୍ରେସନ ମୋବାଇଲ୍ ଆପ୍ର ମଧ୍ୟ ଶୁଭାରମ୍ଭ ହୋଇଥିଲା। ଏଥିରେ ସ୍ଲଟ ବୁକିଂ ସହିତ ଇ.ସି ଏବଂ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ମଧ୍ୟ ମିଳିପାରୁଛି। ଉଦ୍ଦେଶ୍ୟ ହେଉଛି ଯେତେଦୂର ସମ୍ଭବ ଲୋକଙ୍କୁ ସୁବିଧାରେ ଓ ସହଜରେ ସେବା ଯୋଗାଇଦେବା। ସ୍ମାର୍ଟ ସର୍ଭେଲାନ୍ସ ଜରିଆରେ ସମସ୍ତ ସବ୍-ରେଜିଷ୍ଟ୍ରେସନ ଅଫିସକୁ ସିସିଟିଭି ଜରିଆରେ ନିରୀକ୍ଷଣ କରାଯାଉଛି। ଏହାଦ୍ୱାରା କର୍ମଚାରୀ ମାନଙ୍କର ସମୟାନୁବର୍ତ୍ତୀତା ଏବଂ ପାରଦର୍ଶିତାକୁ ସୁନିଶ୍ଚିତ କରାଯାଇ ପାରୁଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଲେ ଯେ, ସବୁ ତହସିଲରେ ସବ୍ ରେଜିଷ୍ଟ୍ରେସନ୍ ଖୋଲାଯିବା, କିଣାବିକା ପ୍ରକ୍ରିୟାକୁ ସରଳ କରିବା, ରାଜସ୍ୱ ରେକର୍ଡକୁ ସଂଶୋଧନ କରିବା, କ୍ୟାସଲେସ୍ ଅର୍ଥ ନେଣ-ଦେଣ ଏବଂ ତ୍ୱରିତ ପଟ୍ଟା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉଛି।



**ଏଣିକି ତହସିଲରେ ଜମି ପଞ୍ଜୀକରଣ**

---

### ମନ୍ଦିର ଭିତରେ ମୃତ୍ୟୁର ତାଣ୍ଡବ
# ଭେଙ୍କଟେଶ୍ୱର ମନ୍ଦିର ଦଳାଚକଟାରେ ୯ ମୃତ

ଶ୍ରୀକାକୁଲମ୍/ନୂଆଦିଲ୍ଲୀ, ୧ ।୧ ୧: ମନ୍ଦିର ଭିତରେ ମୃତ୍ୟୁର ତାଣ୍ଡବ ଓ ବଞ୍ଚିବା ପାଇଁ ଆର୍ତ୍ତ ଚିତ୍କାର ଶନିବାର ଆନ୍ଧ୍ର ପ୍ରଦେଶକୁ ସ୍ତବ୍ଧ କରିଛି । ଏହି ରାଜ୍ୟର ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମସ୍ଥିତ କାଶିବୁଗା ଭେଙ୍କଟେଶ୍ୱର ସ୍ୱାମୀଙ୍କ ମନ୍ଦିର ଭିତରେ ଦଳାଚକଟା ଘଟି ୯ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ମହିଳା ଓ ଶିଶୁ ଥିବା ଜଣାପଡିଛି । ମୃତ୍ୟୁ ସଂଖ୍ୟା ବଢିବା ଆଶଙ୍କା କରାଯାଉଛି । ଏକାଦଶୀ ପର୍ବ ପାଇଁ ପ୍ରବଳ ଭିଡ଼ ପାଇଁ ଅଘଟଣ ଘଟିଛି । ଅନେକ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି । ଚିକିତ୍ସା ପାଇଁ ସ୍ଥାନୀୟ ମେଡିକାଲରେ ଆହତଙ୍କୁ ଭର୍ତ୍ତି କରାଯାଇଛି । ଅଘଟଣ ହୃଦୟବିଦାରକ ବୋଲି କହିବା ସହ ଦୁଃଖ ପ୍ରକାଶ କରିଛନ୍ତି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ । ଆହତଙ୍କ ତ୍ୱରିତ ଚିକିତ୍ସା ସେବା ଯୋଗାଇ ଦେବା ସହା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ମନ୍ଦିର ପରିସରରେ ମୃତଦେହ ବିଛାଡ଼ି ହୋଇ ପଡ଼ିଥିବାର ଦେଖିବାକୁ ମିଳିଛି । ଶ୍ରଦ୍ଧାଳୁ ଜୀବନ ବଞ୍ଚାଇବାକୁ ଏଣେ ତେଣେ ଦୌଡୁଥିବା ଭିଡିଓରେ ଦେଖିବାକୁ ମିଳିଛି ।



* ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ ନାଇଡୁ
* ମୃତକଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ ୨ ଲକ୍ଷ ଅନୁକମ୍ପା ରାଶି

ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଛି । ଘଟଣା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରିଛନ୍ତି। ସେ ମୃତକଙ୍କ ପରିବାର ଏବଂ ଆହତଙ୍କ ପାଇଁ କ୍ଷତିପୂରଣ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ 'ଏକ୍ସ'ରେ ଲେଖିଛନ୍ତି, ଯେଉଁମାନେ ସେମାନଙ୍କ ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ମୋର ଗଭୀର ସମବେଦନା। ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ୍ ପାଣ୍ଠିରୁ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯିବ। ଆହତମାନଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ।' ଏହା ସହ ପ୍ରଧାନମନ୍ତ୍ରୀ ଆହତଙ୍କ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି। ପ୍ରଶ୍ନ ଉଠୁଛି ଏହି ଅଘଟଣ ପାଇଁ ଦାୟୀ କିଏ ? ଏକାଦଶୀରେ ଦର୍ଶନ ପାଇଁ ମନ୍ଦିରରେ ଅନ୍ୟୁନ ୩ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟବସ୍ଥା ଥିବା ବେଳେ ହଠାତ୍ ଏହି ସଂଖ୍ୟା ପ୍ରାୟ ୨୫ ହଜାରକୁ ବୃଦ୍ଧି ପାଇଥିଲା। ଫଳରେ ହଠାତ୍ ଘଟିଥିଲା ଠେଲାପେଲା ଓ ଦଳାଚକଟା। ମୃତକଙ୍କ ମଧ୍ୟରେ ମହିଳା, ବୃଦ୍ଧ ଏବଂ କିଛି ଯୁବକ ଅଛନ୍ତି। ତଦନ୍ତରୁ ଜଣାପଡିଛି ଯେ ମନ୍ଦିର ପରିଚାଳନା କିମ୍ବା ଆୟୋଜକମାନେ ଏହି କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାର କିମ୍ବା ସ୍ଥାନୀୟ ପ୍ରଶାସନଠାରୁ କୌଣସି ଅନୁମତି ନେଇ ନଥିଲେ। ମନ୍ଦିରଟି ବ୍ୟକ୍ତିଗତ ଭାବରେ ପରିଚାଳିତ ଏବଂ ଦେବୋତ୍ତର ବିଭାଗ ଅଧୀନରେ ନାହିଁ। ଏହି କାର୍ଯ୍ୟକ୍ରମ ବିଷୟରେ ସରକାର କିମ୍ବା ଜିଲ୍ଲା ପ୍ରଶାସନକୁ ସୂଚନା ଦିଆଯାଇ ନଥିଲା। କୌଣସି ଭିଡ଼ ପରିଚାଳନା ଯୋଜନା କରାଯାଇ ନଥିଲା। ଯେଉଁଠାରେ ଭକ୍ତମାନଙ୍କର ପ୍ରବଳ ଭିଡ଼ ଏକତ୍ର ହୋଇଥିଲା, ସେହି ସ୍ଥାନରେ ନିର୍ମାଣ କାର୍ଯ୍ୟ ଚାଲୁଥିଲା। ସେଠାରେ କାଦୁଅ, ପଥର, ଗାତ ଏବଂ ଲୁହା ରଡ୍ ଖୋଲା ଅବସ୍ଥାରେ ଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ଲୋକମାନେ ଦର୍ଶନ ପାଇଁ ଆଗକୁ ବଢୁଥିବା ସମୟରେ ସେତେବେଳେ କାହାର ଗୋଡ ଖସି ତଳେ ପଡିଯାଇଥିଲେ , ଫଳରେ ଆଉ କିଛି ଲୋକ ପଡ଼ିଗଲେ ଏବଂ ପଛରେ ଆସୁଥିବା ଭିଡ଼ ଅନିୟନ୍ତ୍ରିତ ହୋଇଯାଇଥିଲା। ନିର୍ମାଣ କାର୍ଯ୍ୟର ଭଗ୍ନାବଶେଷ ଏବଂ ସଂକୀର୍ଣ୍ଣ ପଥ ଦଳାଚକଟାର ଅନ୍ୟତମ ପ୍ରମୁଖ କାରଣ ବୋଲି କୁହାଯାଉଛି ।

### ମୃତକଙ୍କ ମଧ୍ୟରେ ଓଡ଼ିଆ ଯୁବତୀ

ପାତ୍ରପୁର, ୧ ।୧ ୧ : ଶ୍ରୀକାକୁଲମ ଦଳାଚକଟା ଘଟଣାରେ ମୃତକଙ୍କ ମଧ୍ୟରେ ଜଣେ ଓଡ଼ିଆ ଯୁବତୀ ରହିଛନ୍ତି। ତାଙ୍କ ନାମ ଆର. ରୁପା। ତାଙ୍କ ଘର ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଗୁଡ଼ିପଦର ଗ୍ରାମରେ। ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ରୁପାଙ୍କ ମରଶରୀରକୁ ଗାଁକୁ ଅଣାଯାଉଥିବା ସୂଚନା ମିଳିଛି ।ଅନ୍ୟ ଜଣେ ଓଡ଼ିଆ ମହିଳା ଗୁରୁତର ହୋଇଥିବା କୁହାଯାଉଛି।

# ଶ୍ରୀମନ୍ଦିରରେ ସେବା ଓ ସେବକ








ବିଶ୍ୱବିଖ୍ୟାତ ଶ୍ରୀଜଗନ୍ନାଥ ମନ୍ଦିର, ସେବା ଓ ସେବକ ଦୃଷ୍ଟିରୁ ଅଦ୍ୱିତୀୟ। ହିନ୍ଦୁ ଜଗତର ଏଭଳି କୌଣସି ମନ୍ଦିର ନାହିଁ ଯେଉଁଠାରେ ବର୍ଷସାରା ସହସ୍ରାଧିକ ସେବକ କାମ କରନ୍ତି। ସେହିଭଳି ଦୈନିକ ନୀତି, ବିଶେଷ ନୀତି ଓ ଦ୍ୱାଦଶ ଯାତ୍ରା ନୀତିର ବ୍ୟବସ୍ଥା ଶ୍ରୀଜଗନ୍ନାଥ ମନ୍ଦିର ସହ କୌଣସି ତୁଳନୀୟ ମନ୍ଦିରରେ ଦେଖିବାକୁ ମିଳେ ନାହିଁ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ସମସ୍ତ ସେବକ ଶ୍ରେଣୀ ୧୧୯ ଗୋଷ୍ଠୀରେ ବିଭକ୍ତ ଏବଂ ବର୍ଷସାରା ପାଳି ଅନୁଯାୟୀ ସେମାନଙ୍କ ସଂଖ୍ୟା ୧୧୭୬।

ସମସ୍ତ ସେବକଙ୍କୁ ଶ୍ରେଣୀ ଗୁରୁତ୍ୱ ଅନୁଯାୟୀ ମହାନାୟକ, ଅଙ୍ଗିଲା ଇତ୍ୟାଦି ଭେଦରେ ୬ଟି ଶ୍ରେଣୀଭୁକ୍ତ କରାଯାଇଛି। ଆଦ୍ୟ ସେବକ ଗଜପତି ମହାରାଜ, ରାଜ ଗୁରୁ, ଦେଉଳି ପୁରୋହିତ, ପଟ୍ଟଯୋଶୀ ମହାପାତ୍ର ଇତ୍ୟାଦିଙ୍କୁ ମହାନାୟକ ସେବକ ଶ୍ରେଣୀଭୁକ୍ତ କରାଯାଇଥିବା ସ୍ଥଳେ ସିଂଘାରୀ, ପଶୁପାଳକ, ପ୍ରତିହାରୀ ଇତ୍ୟାଦିଙ୍କୁ ଅଙ୍ଗିଲା ବା ଅଙ୍ଗଲାଗି ସେବକ ଭାବେ ଗ୍ରହଣ କରାଯାଇଛି।

ନିମ୍ନୋକ୍ତ କେତେକ ସେବା ବିବରଣୀରୁ ସେବା ପରିଚାଳନା କ୍ଷେତ୍ରରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ବନ୍ଧରେ ସମ୍ୟକ ସୂଚନା ମିଳିବ।

### କୋଠସୁଆଁସିଆ

ଗୁଣ୍ଡିଚା ଓ ବାହୁଡ଼ା ଯାତ୍ରାରେ ମନ୍ଦିର ଭିତରେ ରତ୍ନବେଦି ଠାରୁ ଚନ୍ଦନ କାଠ ଅର୍ଗଳି ପର୍ଯ୍ୟନ୍ତ ଖିରମାଳ ବାନ୍ଧନ୍ତି। ବର୍ଷାସାରା ପର୍ବପର୍ବାଣିରେ ଯଥା ଶ୍ରୀକୃଷ୍ଣ ଜନ୍ମରେ ଦୋଳ ବାନ୍ଧିବା, ମାର୍କଣ୍ଡେଶ୍ୱର ପୁଷ୍କରିଣୀରେ କାଳୀୟଦଳନ ଏକାଦଶୀ ମଞ୍ଚା ବାନ୍ଧିବା, ଆଶ୍ୱିନ ମାସରେ ଷୋଳପୂଜାରେ ବିମଳାଙ୍କ ପାଖରେ ଚାଳଘର ଛାମୁଣ୍ଡିଆ ତିଆରି କରିବା, ସ୍ନାନମଣ୍ଡପରେ ଚାନ୍ଦୁଆ ବାନ୍ଧିବା, ଦୋଳବେଦିରେ ଚାନ୍ଦୁଆ ବାନ୍ଧିବା, ରଥରେ କନା ପକାଇବା ଓ ତିନି କଳସ ଉଠାଇବା, ନବକଳେବରରେ ଶ୍ରୀଜୀଉଙ୍କ ବିଗ୍ରହ ସମାଧି ପାଇଁ ଶ୍ମଶାନ କାର୍ଯ୍ୟ କରିବା, ନବକଳେବର କୋଇଲି ବୈକୁଣ୍ଠରେ ମଣ୍ଡପ ନିର୍ମାଣ କରିବା, ଘର, ଚାଳି ଓ ମଣ୍ଡପ ଆଦି କାର୍ଯ୍ୟ କରନ୍ତି। ଏମାନେ ଜାତିରେ ଚଷା। ଗୁଡ଼ିଆ ସାହି, ଧାନକୁଟି ସାହି, ମାର୍କଣ୍ଡେଶ୍ୱର ସାହିରେ ଅଛନ୍ତି। ସ୍ୱତ୍ୱଲିପି ଅନୁଯାୟୀ ଏମାନେ ପ୍ରାୟ ୭ଟି ପରିବାର ହେଲେ ମଧ୍ୟ ଦରକାର ହେଲେ ବାହାରୁ ଲୋକ ଆଣି କାମ କରନ୍ତି। ଏମାନଙ୍କ ସେବା ବଂଶାନୁକ୍ରମିକ ମାତ୍ର ଶାଢ଼ିବନ୍ଧା ସେବକ ନୁହନ୍ତି।

### ବେକ

ଦର୍ପଣିଆ, ଶାଢ଼ି ବନ୍ଧା ଦିଅଁଙ୍କ ପୂଜା ବାସନ ମାଜିବା, କେବଳ ସକାଳ ଅବକାଶରେ ଦର୍ପଣ ପୂଜା ସ୍ଥାନରେ ଥୋଇବା, ରୁନ୍ଧା ଫିଟାଇବା, ଶ୍ରୀଜୀଉଙ୍କ ବିଗ୍ରହ ବନ୍ଧା ହୋଇଥିବା ପାଟ ଦଉଡି ପଛ ପଟରୁ ସିଡ଼ି ପକାଇ ଖୋଲିବା। ବାଲିସାହିରେ ଗୋଟିଏ ପରିବାର ବର୍ତ୍ତମାନ କାମ କରୁଛନ୍ତି।

### ଚୁନରା

ଏମାନେ ଶାଢ଼ିବନ୍ଧା ସେବକ। ଦ୍ୱାରପାଳ ପୂଜାପୂର୍ବରୁ ଗରୁଡ଼ଙ୍କୁ ଗାଧୋଇବା, ନୀଳଚକ୍ରରେ ଧ୍ୱଜା ବାନ୍ଧିବା, ପ୍ରତ୍ୟେକ ଏକାଦଶୀରେ ମହାଦୀପ ଉଠାଇବା ପାଇଁ ରୂପାଗଡୁରେ ଘିଅବତି କରି ପ୍ରତି ୬ ଇଞ୍ଚ ଲମ୍ବରେ କଞ୍ଚା କଦଳୀ ବାସୁଙ୍ଗାରେ ଶୁଖିଲା କନାରେ ଘିଅ ବୁଡ଼ାଇ ତିନୋଟିଯାକ ସଂଧ୍ୟା ଧୂପ ଟେରା ଫିଟିଲେ କାଠ ପାଖକୁ ନେଇ ପ୍ରତିହାରୀ ପୂଜାପଣ୍ଡାଙ୍କୁ ଦେବେ। ତାକୁ ନେଇ ସେ



ମହାଦୀପ ଡାକିବାକୁ ଯିବେ। ଉକ୍ତ ସେବକମାନେ ସିଂହଦ୍ୱାର ନିକଟସ୍ଥ ଅରୁଣଙ୍କ ସେବା କରନ୍ତି। ଦେବ ଦୀପାବଳିରେ ମନ୍ଦିରରେ ଦୀପ ବସାନ୍ତି। ଏମାନେ ବର୍ତ୍ତମାନ ପ୍ରାୟ ୧୦ଘର ଦୋଳ ମଣ୍ଡପ ସାହିରେ ଅଛନ୍ତି।

### ଅଣସର ସୁଧସୁଆର

ଅଣସର ସମୟରେ ଠାକୁରଙ୍କ ଲାଗି ଝୁଣା, ତେଲରେ ଅଠା, (ଓଷୋ) ପ୍ରସ୍ତୁତ କରନ୍ତି। ଚିତାଲାଗି ରାହୁଲେଖା ଲାଗିରେ ଔଷଧ (ଝୁଣା-ଅଠା) ଯୋଗାଇ ଥାଆନ୍ତି। ଅଣସର ୧୫ ଦିନ ପଣାଭୋଗ ପାଇଁ ପତିମହାପାତ୍ରଙ୍କୁ ଭୋଗ କରିବା ପାଇଁ ଡାକିବେ। ପନ୍ଦର ଦିନ ଯାକ ଦଇତାପତିମାନେ ଭିତରେ ଖାଇଥିବା ପଇଡ ଠୋଲା, ଖପରା, ଫଳଚୋପା ଇତ୍ୟାଦି ଯାହାକୁ ଏକ ଶବ୍ଦରେ ଜୁଣ କୁହାଯାଏ, ତାହା ପରିଷ୍କାର କରନ୍ତି। ନବକଳେବର ଓ ପ୍ରତି ବର୍ଷ ଗୁଣ୍ଡିଚାରେ ବିରୂପ ଶ୍ରୀଜୀଉଙ୍କ ଶ୍ରୀମୁଖ ଆବରଣକୁ ଉଠାଇ ବାଉଁଶ ପାତିଆ ପେଡ଼ିରେ ନେଇ କୋଇଲି ବୈକୁଣ୍ଠରେ ବିସର୍ଜନ କରନ୍ତି। ଏମାନେ ଶାଢିପିନ୍ଧା ସେବକ ନୁହନ୍ତି। ବିଶେଷତଃ ଉକ୍ତ ସେବକମାନେ ନିଜ ନିଜ ଗୃହରେ ଅଣସର ଅବସରରେ ଖଳି ରାନ୍ଧି ଯୋଗାଇଥାନ୍ତି।

### ଶୁଦ୍ଧସୁଆର

ଦୈନିକ ଗୋପାଳବଲ୍ଲଭ ଭୋଗ ପୂର୍ବରୁ ବଲ୍ଲଭପିଣ୍ଡକୁ ଓଳାଇ ପରିଷ୍କାର କରି ଥାଳି ପରଖ ଧୋଇ କନ୍ୟାଙ୍କ ପାଖେ ବଲ୍ଲଭ ଭୋଗ ବାଢ଼ିବେ। ପ୍ରତ୍ୟେକ ମହାସ୍ନାନରେ ପୂଜା ଠା କରିବେ ଏବଂ ପଣ୍ଡାଙ୍କ ହାତକୁ ପାଣିଦେବେ। ଏମାନେ ଶାଢ଼ିପିନ୍ଧା ସେବକ ନୁହନ୍ତି। ପ୍ରାୟ ୫/୬ ଘର ଦୋଳ ମଣ୍ଡପ ସାହିରେ ରୁହନ୍ତି। ମକର ସଂକ୍ରାନ୍ତି ପୂର୍ବ ରାତିରେ ଚାଉଳ ଧୋଇ ଥାଳିରେ (ମୁରୁଜ ମୂଳ) ସଜାଡ଼ିବା କାମ କରିବେ। ଏମାନେ ଦଇତାପତି ସେବକ ରୂପେ ବିଦିତ।

### ଦଉମହାପାତ୍ର

ଶ୍ରୀମୁଖ ଶିଙ୍ଗାର କରନ୍ତି। ଠାକୁରଙ୍କ ଅଣସର ଓ ବର୍ଷାସାରା ଅନ୍ୟାନ୍ୟ ଦିନରେ ମଧ୍ୟ 'ବନକଲାଗି' (ମୁଖ ଚିତ୍ରକରିବା) କରନ୍ତି। ପର ଘର ଅନୁଯାୟୀ ପ୍ରତି ବୁଧବାର ବା ଗୁରୁବାର ଦିନ ଶ୍ରୀମୁଖ ବନକଲାଗି ହେବା କଥା। ଖଳିଲାଗି ଏକାଦଶୀ ଦିନ ଛତା କାହାଳୀ ବାଜି ସେମାନଙ୍କ ଘରୁ ଖଳିପ୍ରସାଦ ଆସେ। ଗୋଟିଏ ସୁନ୍ଦର ହାଣ୍ଡି ଚିତ୍ରିତ ହୋଇ ଫୁଲରେ ସଜାହୋଇ ଟାହିଆ ଇତ୍ୟାଦି ଦିଆଯାଇ ଶ୍ରୀମନ୍ଦିରକୁ ଆସେ। ସଂପୃକ୍ତ



ସେବକ ମାନଙ୍କ ସ୍ତ୍ରୀଲୋକମାନେ ସେ ଦିନ ଉପବାସ କରିଥାନ୍ତି। ଉକ୍ତ ଖଡିହାଣ୍ଡିକୁ ବନ୍ଦାପନା କରିଥାନ୍ତି। ତାପରେ ଦଉମହାପାତ୍ର ସେବକ ଉକ୍ତ ହାଣ୍ଡିକୁ ନେଇ ଯାଆନ୍ତି। ଖଡ଼ିପ୍ରସାଦ ଶ୍ରୀଜୀଉଙ୍କୁ ଲାଗି ପରେ ପ୍ରସାଦ ଆକାରରେ ରାଜାଙ୍କ ଘରକୁ ଘଣ୍ଟ କାହାଳୀ ଛତା ମାଧ୍ୟମରେ ନିଅନ୍ତି। ଗୋଟିଏ ଘର ବର୍ତ୍ତମାନ ସେବା କରନ୍ତି।

- କିଶୋର କୁମାର ଜେନା,କଟକ
ମୋ: ୭୩୨୫୯୦୪୯୨୭

# ପଞ୍ଚୁକରେ ପଞ୍ଚ ରାସ ଉତ୍ସବ



**କାର୍ତ୍ତିକର ଶେଷ ପାଞ୍ଚ ଦିନ ପଞ୍ଚୁକ କୁହାଯାଉ ଥିବାବେଳେ ଏହି ପାଞ୍ଚ ଦିନ ସନ୍ଧ୍ୟାରେ ବିଭିନ୍ନ ମଠ ଓ ମନ୍ଦିରରେ ରାସ ଉତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଥାଏ। ଯାହାକୁ ପଞ୍ଚ ରାସ ଉତ୍ସବ କୁହା ଯାଇଥାଏ।**

କାର୍ତ୍ତିକର ଶେଷ ପାଞ୍ଚ ଦିନ ପଞ୍ଚୁକ କୁହାଯାଉ ଥିବାବେଳେ ଏହି ପାଞ୍ଚ ଦିନ ସନ୍ଧ୍ୟାରେ ବିଭିନ୍ନ ମଠ ଓ ମନ୍ଦିରରେ ରାସ ଉତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଥାଏ। ଯାହାକୁ ପଞ୍ଚ ରାସ ଉତ୍ସବ କୁହା ଯାଇଥାଏ। କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ରାସ ଉତ୍ସବ ଅନୁଷ୍ଠିତ ହେଉଥିବାରୁ କାର୍ତ୍ତିକ ପୂର୍ଣ୍ଣିମାକୁ ରାସ ପୂର୍ଣ୍ଣିମା ବୋଲି ମଧ୍ୟ କୁହାଯାଇଥାଏ। ବିଭିନ୍ନ ମଠ ଓ ମନ୍ଦିରରେ ରାସ ଉତ୍ସବ ପାଇଁ ସ୍ୱତନ୍ତ୍ର କୁଞ୍ଜ ପ୍ରସ୍ତୁତ କରାଯାଇ ଥାଏ। ସନ୍ଧ୍ୟାରେ ମଠ ଓ ମନ୍ଦିରରେ ପୂଜା ପାଉଥିବା ଶ୍ରୀରାଧାରାଣୀ ଓ ଶ୍ରୀକୃଷ୍ଣଙ୍କ ପ୍ରତିମାଙ୍କୁ ଶୋଭାଯାତ୍ରାରେ ଆଣି ପୂର୍ବରୁ ପ୍ରସ୍ତୁତ ସୁସଜ୍ଜିତ କୁଞ୍ଜରେ ବିଜେ କରା ଯାଇଥାଏ। କୁଞ୍ଜ ସମ୍ମୁଖରେ ଶରତ ରାସ ପୁସ୍ତକରୁ ପ୍ରତ୍ୟେକ ଦିନ ଗୋଟିଏ ଅଧ୍ୟାୟ ପାଠ କରା ଯାଇଥାଏ। ଶରତ ରାସ ପୁସ୍ତକ ପାଠ ପରେ ଶ୍ରୀ ରାଧାକୃଷ୍ଣଙ୍କୁ ବାଳ ଭୋଗ ଲାଗି ଓ ବନ୍ଦାପନା କରା ଯାଇଥାଏ। ଶେଷରେ ଶୋଭା ଯାତ୍ରାରେ ଶ୍ରୀରାଧାକୃଷ୍ଣଙ୍କୁ ମନ୍ଦିର ଭିତରକୁ ନିଆଯାଇ ତାଙ୍କ ପୂର୍ବ ଆସ୍ଥାନରେ ବିଜେ କରା ଯାଇଥାଏ। କାର୍ତ୍ତିକ ପୂର୍ଣ୍ଣିମାରେ ରାସ ଉତ୍ସବ ଶେଷ ହୋଇଥାଏ। ସାରା ଜଗତ ପ୍ରେମ ର ବଶ। ପ୍ରେମରେ ବନ୍ଧା ଶ୍ରୀପରମାନନ୍ଦ। ଶ୍ରୀରାଧା କୃଷ୍ଣ ହିଁ ପ୍ରେମର ସ୍ୱରୂପ। ମାନବ ରୂପରେ ଅବତରୀ ଶ୍ରୀକୃଷ୍ଣ ଗୋପରେ ଗୋପୀ ଓ ଶ୍ରୀରାଧାଙ୍କ ସହିତ ଯେଉଁ ଦିବ୍ୟ ଲୀଳା ରଚିଥିଲେ ତାହା ହିଁ ରାସ ଲୀଳା ବା ଉତ୍ସବ। ମୁନି ଋଷିଗଣଙ୍କ ପ୍ରାର୍ଥନା ଶୁଣି ସେମାନଙ୍କ ଇଚ୍ଛା କୁ ପୂର୍ଣ୍ଣ କରିବାକୁ ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଏହି ରାସ ଲୀଳା ରଚିଥିଲେ। ଶ୍ରୀମଦ୍ ଭାଗବତ ଅନୁସାରେ ଶ୍ରୀକୃଷ୍ଣ ହିଁ ପରମ ପୁରୁଷ। ଆଉ ସମସ୍ତେ ନାରୀ। ଅର୍ଥାତ୍, ଭଗବାନ ଶ୍ରୀକୃଷ୍ଣ ହିଁ ପରମାତ୍ମା ଆଉ ସମସ୍ତେ ଆତ୍ମା। ଆତ୍ମା ଚାହେଁ ମୋକ୍ଷ ପ୍ରାପ୍ତ ହୋଇ ପରମାତ୍ମାଙ୍କ ସହିତ ମିଶି ଯିବା ପାଇଁ। ଏହାହିଁ ରାସ ଲୀଳାର ଗୂଢ଼ ରହସ୍ୟ ବା ତତ୍ତ୍ୱ। ଭଗବାନ ଶ୍ରୀକୃଷ୍ଣଙ୍କ ଏହି ଲୀଳାକୁ ମନେ ପକାଇ ଓ ତାଙ୍କ ପାଦପଦ୍ମରେ ବିଲୀନ ହେବାକୁ ଇଚ୍ଛା ପ୍ରକାଶ କରି ବୈଷ୍ଣବ ଭକ୍ତମାନେ କାର୍ତ୍ତିକ ମାସର ପଞ୍ଚୁକରେ ଅନୁଷ୍ଠିତ କରିଥାନ୍ତି ପଞ୍ଚ ରାସ ଉତ୍ସବ। କାହିଁ କେତେ କାଳରୁ ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ଏହା ରହି ଆସିଛି ।

- ସନ୍ତୋଷ କୁମାର ଦାଶ







# ସତ୍ୟ ଉପରେ ଆଧାରିତ ହିନ୍ଦୁ ଧର୍ମ

**୧) ବ୍ରହ୍ମାଣ୍ଡ କେବେ ଆସିଲା ଏବଂ କିପରି ?**
**୨) ସୃଷ୍ଟି ଏବଂ ସୃଷ୍ଟିକର୍ତ୍ତା ମଧ୍ୟରେ ସମ୍ପର୍କ କ'ଣ ?**
**୩) ଯେତେବେଳେ ଆମର ମୃତ୍ୟୁ ଘଟେ ସେତେବେଳେ ଆମ ସହିତ କ'ଣ ହୁଏ ?**
**୪) ଆମ ମୃତ୍ୟୁ ପରେ ଆମେ ବିଦ୍ୟମାନ କି ?**
**୫) ଆମ ଜନ୍ମ ପୂର୍ବରୁ ଆମେ ବିଦ୍ୟମାନ ଥିଲୁ କି ?**

ସଭ୍ୟତାର ଆରମ୍ଭରୁ ଏହିପରି ପ୍ରଶ୍ନ ମାନବ ମନକୁ ଚ୍ୟାଲେଞ୍ଜ କରିଆସୁଛି । ଏପରିକି ଅତି ବୁଦ୍ଧିମାନ ମନ ଥିବା ବ୍ୟକ୍ତିମାନେ ମଧ୍ୟ ଏହି ପ୍ରଶ୍ନଗୁଡ଼ିକର ନିର୍ଦ୍ଦିଷ୍ଟ ଉତ୍ତର ପାଇ ନାହାନ୍ତି । ସେମାନେ ଯାହା ଉତ୍ତର ପାଇଛନ୍ତି ତାହା କେବଳ କଳ୍ପନା ଉପରେ ଆଧାରିତ, କିନ୍ତୁ କିଛି ଆଧାତ୍ମିକ ଆଲୋକିତ ସାଧୁ, ବିଶେଷ ଶୁଦ୍ଧ ମନର ସାହାଯ୍ୟରେ, ଉତ୍ତରଗୁଡିକ ପାଇଥିବା କୁହାଯାଏ । ଏହି ଉତ୍ତରଗୁଡିକ ଶେଷରେ ଶାସ୍ତ୍ର ନାମରେ ଜଣାଶୁଣା ପୁସ୍ତକଗୁଡ଼ିକରେ ପୁନଃ ନିର୍ମାଣ କରାଯାଇଥିଲା । ହିନ୍ଦୁ ଧର୍ମ ଅନୁଯାୟୀ ଶାସ୍ତ୍ରଗୁଡ଼ିକ ହାରାହାରି ଅଶୁଦ୍ଧ ମନ ଦ୍ୱାରା ଜଣା ନଥିବା ସତ୍ୟ ପ୍ରକାଶ କରିବାର କ୍ଷମତାରେ ଅତୁଳନୀୟ । ଏକ 'ଅଶୁଦ୍ଧ' ଏବଂ 'ଶୁଦ୍ଧ' ମନ ମଧ୍ୟରେ ପାର୍ଥକ୍ୟକୁ ଅନୁରୂପ ଅନୁସରଣ କରି ବ୍ୟାଖ୍ୟା କରାଯାଇପାରେ ।

ବରଫ, ଜଳ ଏବଂ ଜଳୀୟ ବାଷ୍ପ - ତିନୋଟି ସମାନ ରାସାୟନିକ ପଦାର୍ଥ । ତଥାପି ସେଗୁଡ଼ିକ ସେଠାରେ ଗୁଣରେ ବହୁତ ଭିନ୍ନ । ଅପେକ୍ଷାକୃତ କହିବାକୁ ଗଲେ, ତିନୋଟି ମଧ୍ୟରେ ବରଫର ସର୍ବନିମ୍ନ ସ୍ୱାଧୀନତା ଅଛି ।



ଏହା କ୍ୱଚିତ୍ ଗତି କରିପାରିବ । ଜଳର ଅଧିକ ସ୍ୱାଧୀନତା ଅଛି । ଏହା ସହଜରେ ପ୍ରବାହିତ ହୋଇ ବିସ୍ତାର ହୋଇପାରେ । ଜଳ ବାଷ୍ପରେ ସର୍ବାଧିକ ପରିମାଣର ସ୍ୱାଧୀନତା ଅଛି । ଏହା କେବଳ ମୁକ୍ତ ଭାବରେ ପ୍ରତ୍ୟେକ ଦିଗରେ ବିସ୍ତାରିତ ହୋଇପାରିବ ନାହିଁ, କିନ୍ତୁ ଅଦୃଶ୍ୟ । ଏହା ମଧ୍ୟ ତିନୋଟି ମଧ୍ୟରୁ ସବୁଠାରୁ ସୂକ୍ଷ୍ମ । ଏହା ବରଫ କିମ୍ବା ଜଳ କେବେ ଯାଇପାରିବ ନାହିଁ ।

ମନୁଷ୍ୟର ମନ ମଧ୍ୟ ସେହିପରି ଅଟେ । ଏକ ଅଶୁଦ୍ଧ ମନ, ଯେତେ ବୁଦ୍ଧିମାନ, ଏହାର ଅନେକ ସୀମା ଅଛି । ଏହା ଇନ୍ଦ୍ରିୟ ଧାରଣାର ପରିସର ବାହାରେ କିମ୍ବା ସମୟ ଏବଂ ସ୍ଥାନ ଦୁନିଆ ବାହାରେ କ'ଣ କିଛି ଜାଣିପାରିବ ନାହିଁ । ପରବର୍ତ୍ତୀ ମୁହୂର୍ତ୍ତରେ କ'ଣ ଘଟିବ କିମ୍ବା ଦୂର ଅତୀତରେ କ'ଣ ଘଟିବ ତାହା ଜାଣିପାରିବ ନାହିଁ । ଆଧ୍ୟାତ୍ମିକ ସତ୍ୟଗୁଡିକ, ଯେପରିକି ଈଶ୍ୱରଙ୍କ ଅସ୍ତିତ୍ୱ ବା ପରବର୍ତ୍ତୀ ଜ୍ଞାନ, ଏହିପରି ମନର ପରିସର ବାହାରେ । କିନ୍ତୁ ଯେତେବେଳେ ସେହି ସମାନ ମନ ଶୁଦ୍ଧ କିମ୍ବା ଆଧାତ୍ମିକ ଅନୁଶାସନ ମାଧ୍ୟମରେ ଏକ ଅସାଧାରଣ ମନରେ ରୂପାନ୍ତରିତ ହୁଏ, ଏହା ଇନ୍ଦ୍ରିୟ ଜଗତର ପ୍ରତିବନ୍ଧକକୁ ଅତିକ୍ରମ କରି ସମୟ ଏବଂ ସ୍ଥାନ ଜଗତର ବାହ୍ୟ ସୀମାକୁ ଯାଇପାରେ ।

ପରେ ଇନ୍ଦ୍ରିୟଗୁଡିକର ପରିସର ବାହାରେ ଯାହା ଅଛି ତାହା ଆବଦ୍ଧ କରିହେବ। ଏହା ଅସାଧାରଣ ସାମର୍ଥ୍ୟ ହାସଲ କରେ । ଏହା ସବୁ ଜାଣେ, ଏହା ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତର ସମସ୍ତ ଘଟଣା ଜାଣିପାରେ । ଜଣେ ପ୍ରକୃତ ସାଧୁ ଏପରି ଶୁଦ୍ଧ ମନ ଧାରଣ କରନ୍ତି । ସେହି ମନର ସାହାଯ୍ୟରେ ସାଧୁ, ଈଶ୍ୱର, ଆତ୍ମା, ସୃଷ୍ଟି ଇତ୍ୟାଦି ବିଷୟରେ ସତ୍ୟ ଜାଣିବାକୁ ଆସନ୍ତି, ଏହିପରି ସତ୍ୟଗୁଡ଼ିକୁ ଅତ୍ୟଧିକ ସମ୍ବେଦନଶୀଳ ବା ଆଧ୍ୟାତ୍ମିକ ସତ୍ୟ କୁହାଯାଏ । ହିନ୍ଦୁ ଧର୍ମ, ବିଶ୍ୱର ଅନ୍ୟ ପ୍ରମୁଖ ଧର୍ମ ପରି, ଏହାର ଶୁଦ୍ଧ ମାନସିକ ସାଧୁମାନଙ୍କ ଦ୍ୱାରା ଆବିଷ୍କୃତ ହୋଇଥିବା ସତ୍ୟ ଉପରେ ଆଧାରିତ।

## ୭ଶହ ରୋଗୀଙ୍କୁ ମାଗଣା ଚିକିତ୍ସା

ଆସିକା,(ନିପ୍ର): ଆସିକା ସମବାୟ ଚିନିଶିଳ୍ପ କଲ୍ୟାଣ ମଣ୍ଡପ ଠାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଚିନିଶିଳ୍ପ ପରିଚାଳନା ପରିଷଦ ଅଧିକାରୀ ଡ଼.ସୁଶାନ୍ତ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଚିନିଶିଳ୍ପ ସଭାପତି ରବୀନ୍ଦ୍ର ନାଥ ପଣ୍ଡା, ବରିଷ୍ଠ ପ୍ରଫେସର ତଥା ଭେଷଜ ଓ ସ୍ନାୟୁ ରୋଗ ବିଶେଷଜ୍ଞ ଡ଼.ଆନନ୍ଦ ଶଙ୍କର ଶାସ୍ତ୍ରୀ,ଜେମ୍ସ ସ୍କୁଲ ଆଣ୍ଡ ହସ୍ପିଟାଲ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମର ବରିଷ୍ଠ ସମାଜସେବୀ ଗଙ୍ଗାଧର ବିଶ୍ୱାଳ,ପ୍ରଦୀପ ବିଶ୍ୱାଳ, ହଜାରୀ ପରିଡା,କୈଳାଶ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇଥିଲେ । ଆଜିର ଏହି ସ୍ୱାସ୍ଥ୍ୟ ଶିବିରରେ ଇସିଜି,ଏଫ ବି ଏସ,ଆର ବି ଏସ,ରକ୍ତଚାପ, ଆଦି ପରୀକ୍ଷା ସହ ୭୦୦ଜଣ ରୋଗୀଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହ ବିଭିନ୍ନ ପ୍ରକାରର ଔଷଧ ବଣ୍ଟନ କରାଯାଇଥିଲା । ଏହି ଶିବିରରେ ୧୨୦ଜଣଙ୍କ ଚକ୍ଷୁ ପରୀକ୍ଷା କରିବା ସହ ପରଳ ଅସ୍ତ୍ରୋପଚାର ପାଇଁ ଜେମ୍ସ ସ୍କୁଲ ଆଣ୍ଡ ହସ୍ପିଟାଲ ଆନ୍ଧ୍ରପ୍ରଦେଶକୁ ନିଜସ୍ୱ ବସ୍ ଯୋଗେ ନେଇ ପରଳ ଅସ୍ତ୍ରୋପଚାର କରିବା ପାଇଁ ସ୍ଥିର କରାଯାଇଛି । ଏହି ଶିବିରରେ ଚିନିଶିଳ୍ପର ପ୍ରାୟ ୩୦୦ଜଣ କର୍ମଚାରୀ ବିଭିନ୍ନ ପରୀକ୍ଷା କରିବା ସହ ମାଗଣା ଔଷଧ ଗ୍ରହଣ କରିଥିଲେ ।

## ଅଧ୍ୟକ୍ଷାଙ୍କୁ ‘ସ୍ୱାଭିମାନ ସମ୍ମାନ’

ଚାରିଛକ,(ନିପ୍ର): ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କୁ ମହାନ ବିପ୍ଲବୀ ସହିଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜନ୍ମ ଜୟନ୍ତୀରେ ‘ସ୍ୱାଭିମାନ ସମ୍ମାନ’କରେ ସମ୍ମାନିତ କରାଯାଇଛି । ଅକ୍ଟୋବର ୩୧ ତାରିଖ ପବିତ୍ର ଅଁଳା ନବମୀ ତିଥିରେ ଓଡିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ସହିଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ସେବକ ଶ୍ରୀ ଗଜପତି ମହାରାଜଙ୍କ ଦ୍ୱାରା ଅଧ୍ୟକ୍ଷାଙ୍କୁ ଏହି ସମ୍ମାନ ସମ୍ବର୍ଦ୍ଧିତ କରାଯାଇଛି । ଅଧ୍ୟକ୍ଷା ତାଙ୍କର ସମ୍ମାନ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀମାନଙ୍କୁ ଉତ୍ସର୍ଗ କରିଛନ୍ତି । ଅଧ୍ୟକ୍ଷା ତାଙ୍କ ସଫଳତାର ଶ୍ରେୟ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ଓ ତାଙ୍କ ପରିବାର ସଦସ୍ୟମାନଙ୍କୁ ପ୍ରଦାନ କରିଛନ୍ତି । ଅଧ୍ୟକ୍ଷାଙ୍କ ସଫଳତା ପାଇଁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଅଧ୍ୟକ୍ଷାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

## ପାରାଦୀପ ବନ୍ଦରକୁ ସର୍ବୋତ୍ତମ ପୁରସ୍କାର

ପାରାଦୀପ,(ନିପ୍ର): ମହାରାଷ୍ଟ୍ରର ମୁମ୍ବାଇଠାରେ ଅନୁଷ୍ଠିତ ଇଣ୍ଡିଆ ମେରିଟାଇମ୍ ସପ୍ତାହରେ ପାରାଦୀପ ବନ୍ଦର ଅଂଶଗ୍ରହଣ କରିଥିଲା । ଯାହା ଭାରତର ସାମୁଦ୍ରିକ ଦୃଷ୍ଟିକୋଣରେ ଏହାର ଅଭିବୃଦ୍ଧି, ନବସୃଜନ ଏବଂ ଅବଦାନକୁ ପ୍ରଦର୍ଶନ କରାଯାଇଥିଲା । କେନ୍ଦ୍ର ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋଓ୍ୱାଲ, ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର, ବିଭାଗୀୟ ସଚୀବ ବିଜୟ କୁମାର ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଷ୍ଟଲ ପରିଦର୍ଶନ କରିଥିଲେ । ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ସେମାନଙ୍କୁ ସ୍ୱାଗତ କରିଥିଲେ । ପାରାଦୀପ ବନ୍ଦରର ସଫଳତା, ଚାଲୁଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଏବଂ କ୍ଷମତା, ଦକ୍ଷତା ଏବଂ ସ୍ଥାୟୀତ୍ୱ ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ଭବିଷ୍ୟତ ଯୋଜନା ବିଷୟରେ ହରନାଦ ସେମାନଙ୍କୁ ସୂଚନା ଦେଇଥିଲେ । ଏହି ଅବସରରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ଇଣ୍ଡିଆ ମେରିଟାଇମ୍ ସପ୍ତାୟ- ୨୦୨୫ରେ ଭବିଷ୍ୟତ ବନ୍ଦର ଧାରଣା ପାଇଁ ସର୍ବୋତ୍ତମ ପ୍ରଦର୍ଶନୀ ପୁରସ୍କାର ବର୍ଗରେ ସାମୁଦ୍ରିକ ଉତ୍କର୍ଷତା ହାସଲକାରୀ ପୁରସ୍କାରରେ ସମ୍ମାନିତ କରାଯାଇଛି । କେନ୍ଦ୍ର ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋଓ୍ୱାଲ, ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁରଙ୍କ ଠାରୁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଏହି ପୁରସ୍କାର ଗ୍ରହଣ କରିଥିଲେ । ଏହି ମାନ୍ୟତା ଏକ ସ୍ଥାୟୀ, ପ୍ରଯୁକ୍ତିବିଦ୍ୟା-ଚାଳିତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ସାମୁଦ୍ରିକ ଇକୋସିଷ୍ଟମ ନିର୍ମାଣ ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ବୋଲି ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ କହିଛନ୍ତି ।

## ନିମାପଡ଼ା-ଗୋପ ସିଭିଲ ସୋସାଇଟିର ନୂତନ କର୍ମକର୍ତ୍ତା

ନିମାପଡ଼ା,(ନି.ପ୍ର.): ନିମାପଡ଼ା ନିର୍ବାଚନ ମଣ୍ଡଳୀର ବୁଦ୍ଧିଜୀବୀ ତଥା ଅବସରପ୍ରାପ୍ତ ଅଭିଜ୍ଞ ସଂପନ୍ନ ବ୍ୟକ୍ତି ବିଶେଷଙ୍କୁ ନେଇ ଗଠନ କରାଯାଇଥିବା ନିମାପଡ଼ା-ଗୋପ ସିଭିଲ ସୋସାଇଟିର କାର୍ଯ୍ୟକ୍ରମକୁ ଆଗେଇ ନେବା ଲକ୍ଷ୍ୟରେ ଶୁକ୍ରବାର ସ୍ଥାନୀୟ ଗ୍ରୀନ୍‌ଲ୍ୟାଣ୍ଡ ମଣ୍ଡପ ପରିସରରେ ବୈଠକ ଅନୁଷ୍ଠିତ ହୋଇଥିଲା । ଆବାହକ ସୁଧୀର ମହାନ୍ତି ବିଗତ ବୈଠକରେ ବିବରଣୀ ସଂପର୍କରେ ଆଲୋକପାତ କରିବା ସହିତ ସଂଗଠନକୁ ଗଢ଼ି ତୋଳିବା ପାଇଁ ସଭ୍ୟମାନଙ୍କ ମତାମତ ଲୋଡ଼ି ଥିଲେ । ସମସ୍ତଙ୍କ ମତାମତ ଉପସ୍ଥାପନ ହେବା ପରେ ସମିତିକୁ ଆଗେଇ ନେବା ନିମନ୍ତେ ନିମ୍ନମତେ କର୍ମକର୍ତ୍ତା ମନୋନୀତ କରାଯାଇଥିଲା । ସଭାପତି ଭାବେ ଆଇନଜୀବୀ ସୁଧୀର ମହାନ୍ତି, ଉପ-ସଭାପତି ଅକ୍ଷୟ ନାୟକ, ସାଧାରଣ ସଂପାଦକ ପ୍ରଶାନ୍ତ କୁମାର ସାହୁ, ସହ ସଂପାଦକ ପ୍ରକାଶ ଖଟୋଇ, କୋଷାଧ୍ୟକ୍ଷ ବିଜୟ କୁମାର ମହାନ୍ତି ପ୍ରମୁଖଙ୍କୁ ଦାୟିତ୍ୱ ଦିଆଯାଇଥିଲା । ନିମାପଡ଼ାର ସାମଗ୍ରିକ ବିକାଶ ଏବଂ ବିଭିନ୍ନ ସମସ୍ୟା ସଂପର୍କରେ ସୋସାଇଟି ପକ୍ଷରୁ ସ୍ଥାନୀୟ ବିଧାୟିକା ତଥା ଉପ-ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ କମିଟି ସଭ୍ୟମାନେ ମତବ୍ୟକ୍ତ କରିଥିଲେ ।

# ଡାବୁଗାଁ : ଗୋଷ୍ଠୀ ଶିକ୍ଷା ବିଭାଗରେ ଦେଖିବାକୁ ମିଳୁଛି ବିଚିତ୍ର ଦୃଶ୍ୟ

### ସିଆର୍‌ସିସିମାନଙ୍କ କାର୍ଯ୍ୟରେ ଅବହେଳା ଯୋଗୁଁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

ଡାବୁଗାଁ,(ନିପ୍ର): ସିଆରସିସି ଶିକ୍ଷାର ମେରୁଦଣ୍ଡ ନ ହୋଇ ବିଇଓ ଅଫିସ ଯିବା ଓ ଦିବସ କାର୍ଯ୍ୟକ୍ରମରେ ସମୟ ଅପଚୟ ଡାବୁଗାଁ ବ୍ଲକର ଡାବୁଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦେଖିବାକୁ ମିଳୁଛି ବିଚିତ୍ର ଦୃଶ୍ୟ । ଶିକ୍ଷା ଅଧିକାରୀଙ୍କ ମୁଖ୍ୟ ଦାୟିତ୍ୱ ଶିକ୍ଷାର ବିକାଶ ପାଇଁ ସି.ଆରସିସିର ମୁଖ୍ୟ ଦାୟିତ୍ୱରେ ଦୈନିକ ବିଦ୍ୟାଳୟରେ ପରିଦର୍ଶନ କରି ଶିକ୍ଷକର ଶିକ୍ଷାଦାନର ଶ୍ରେଣୀ ପର୍ଯ୍ୟବେକ୍ଷଣ ମୁଖ୍ୟ କାର୍ଯ୍ୟ ଅଟେ । ବିଭିନ୍ନ ବିଦ୍ୟାଳୟରେରୁ ପ୍ରଧାନ ଶିକ୍ଷକ ସହ ମତ ଦେଇଛନ୍ତି ସି.ଆର.ସି.ସି.ମାନେ ବିଦ୍ୟାଳୟ ଆସି ବୁଲି ଯାଆନ୍ତି, ଶୈକ୍ଷିକ ଅଗ୍ରଗତି ପାଇଁ ସମୀକ୍ଷା କରିନଥିବା ମତ ପ୍ରକାଶିତ କରିଥିଲେ ।




ସୁରଭି କାର୍ଯ୍ୟକ୍ରମରେ ଗୋଟିଏ କ୍ଲଷ୍ଟରରେ ସୁରଭି ହେଲେ ସମସ୍ତ ସିଆରସି ଯୋଗଦାନ କରି ନାଚଗୀତ ଶିକ୍ଷାଦାନରର ଉନ୍ନତିରେ ବିପଦ ସୃଷ୍ଟି କରୁଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି । ସିଆରସିସିର ଦାୟିତ୍ୱକୁ ଓ ଭୂମିକା ଠିକ୍ ରୂପେ ପରିଚାଳନା ପାଇଁ ଶିକ୍ଷା ଅଧିକାରୀଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବିଦ୍ୟାଳୟର ପରିବେଶ,ଶିକ୍ଷା ବିକାଶ, ଅର୍ଥ ରାଶିର ସୁବିନିଯୋଗ ସହ ସର୍ବାଙ୍ଗୀନ ଉନ୍ନତର ମେରୁଦଣ୍ଡ ସିଆରସି ଅଟେ । କିନ୍ତୁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସିଆରସି ସମୂହ ମାସ ତମାମ ବୁଲାବୁଲି କରୁଥିବାରୁ ଶିକ୍ଷାର ବିକଳ ଚିତ୍ର ସମସ୍ତଙ୍କୁ ଗଭୀର ଆଘାତ ଦେଉଥିବା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ଗଣଶିକ୍ଷା ମନ୍ତ୍ରୀଙ୍କ ଜିଲ୍ଲାରେ ଏଭଳି କାର୍ଯ୍ୟରେ ଅବହେଳା କେତେଦୂର ଯୁକ୍ତିଯୁକ୍ତ । କିଛି ବିଦ୍ୟାଳୟରେ ଗ୍ରାମବାସୀଙ୍କ ଅଭିଯୋଗ ପରେ ମଧ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ବର୍ଷ ବର୍ଷ ସଂଖ୍ୟାରେ ବିଦ୍ୟାଳୟରେ ଥିଲେ ମଧ୍ୟ ସେମାନଙ୍କ ଅନ୍ୟତ୍ର ବଦଳି ହେଉ ନାହିଁ । ଏଭଳି ଅନେକ ଦୃଷ୍ଟାନ୍ତ ଅଛି ଡାବୁଗାଁ ବ୍ଲକରେ । ଖରାଛୁଟିରେ ପିଲାମାନଙ୍କୁ ଦେବା ଚାଉଳ ଏବଂ ପଇସା ମଧ୍ୟ ଆଜି ପର୍ଯ୍ୟନ୍ତ କିଛି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ବଣ୍ଟା ଯାଇନାହିଁ । ଡାବୁଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଦନ୍ତ କଲେ ଏହା ଜଣାପଡିବ । ଏଥିପ୍ରତି ଜିଲ୍ଲା ଶିକ୍ଷା ଅଧିକାରୀ ବିଶେଷ ଧ୍ୟାନ ଦେବା ଆବଶ୍ୟକ ହୋଇପଡିଛି ବୋଲି ସ୍ଥାନୀୟ ଅଭିଭାବକ ମହଲରେ ମତ ପ୍ରକାଶ ପାଇଛି ।

# ‘ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱ’

ରାଉରକେଲା,(ନିପ୍ର): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ପାନପୋଷ ଆଦିବାସୀ ଉନ୍ନୟନ ସଂସ୍ଥା ଉଦିତନଗର ସମ୍ମିଳନୀ କକ୍ଷରେ, ଏକ ସଭା ଅନୁଷ୍ଠିତ ହୋଇଯାଇଛି । ରାଉରକେଲା ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଆୟୋଜିତ ଜିଲ୍ଲା ସ୍ତରୀୟ ସଭାରେ ଦୁର୍ନୀତି ନିବାରଣ : ଆମ ସାମୂହିକ ଦାୟିତ୍ୱ ଶୀର୍ଷକକୁ ନେଇ ଏହି ସଭାରେ ମୁଖ୍ୟ ଅତିଥି ଭାବେ ପଶ୍ଚିମାଞ୍ଚଳ ଆରକ୍ଷୀ ଉପ - ମହାନିରୀକ୍ଷକ ବ୍ରିଜେଶ କୁମାର ରାୟ, ସମ୍ମାନୀତ ଅତିଥି ଭାବରେ ରାଉରକେଲା ଦୁର୍ନୀତି ନିବାରଣ ବିଭାଗ ଆରକ୍ଷୀ ଅଧୀକ୍ଷକ ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ, ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ, ଡେପୁଟି ସବ୍ କଲେକ୍ଟର, ମୁଖ୍ୟବକ୍ତା ଭାବେ ରାଉରକେଲା ମ୍ୟୁନସିପାଲ ମହାବିଦ୍ୟାଳୟ ଇତିହାସ ବିଭାଗ ଅଧ୍ୟାପକ ସଞ୍ଜୟ କୁମାର ମହାପାତ୍ର ଏବଂ କାର୍ମକ୍ରମ ସଂଯୋଜକ ଭାବରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ମଞ୍ଚାସୀନ ଥିଲେ ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ମୁଖ୍ୟ ଅତିଥି ପଶ୍ଚିମାଞ୍ଚଳ ଆରକ୍ଷୀ ଉପ ମହାନିରୀକ୍ଷକ ବ୍ରିଜେଶ କୁମାର ରାୟ ଦୁର୍ନୀତି ନିବାରଣ, ଆମ ସାମୂହିକ ଦାୟିତ୍ୱ ଶୀର୍ଷକରେ ନିଜର ମତବ୍ୟକ୍ତ କରି କହିଥିଲେ ଯେ, ଆମ ସମାଜରେ ପ୍ରତ୍ୟେକ ବ୍ୟକ୍ତି ସତ୍ୟ, ନିଷ୍ଠା ହୋଇ କାର୍ଯ୍ୟ କରିବା ଉଚିତ, ଏହା ଦ୍ୱାରା ସମାଜରୁ ଦୁର୍ନୀତିର ମୂଳୋତ୍ପାଟନ ହୋଇପାରିବ । ପ୍ରତ୍ୟେକ ଲୋକ ସେବକ ନିଜ କାର୍ଯ୍ୟ ପ୍ରଣାଳୀରେ ସଚ୍ଚୋଟତା, ସାଧୁତା ଓ ନିଷ୍ପାପର ଭାବେ କାର୍ଯ୍ୟ କରିବା ସହିତ ଭ୍ରଷ୍ଟାଚାର ଓ ଦୁର୍ନୀତି ବିରୋଧରେ କାର୍ଯ୍ୟ କରି ସଚ୍ଚୋଟତା ପ୍ରଦର୍ଶନ କରିବା ଆବଶ୍ୟକ । ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଗତବର୍ଷ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଇ ସରକାରୀ କର୍ମଚାରୀଙ୍କ ଦ୍ୱାରା ହେଉଥିବା ଦୁର୍ନୀତିକୁ କେତେକ ମାତ୍ରାରେ ରୋକାଯାଇ ପାରିଛି । ଆଗକୁ ଏହି ପଦକ୍ଷେପ ଜାରି ରହିବ ବୋଲି ମୁଖ୍ୟ ଅତିଥି ଆରକ୍ଷୀ ଉପ ମହାନିରୀକ୍ଷକ ବ୍ରିଜେଶ କୁମାର ରାୟ ଆଶା ପ୍ରକଟ କରିଛନ୍ତି ।

ଏହି ଅବସରରେ ଏକ ଶପଥପାଠ ଉତ୍ସବରେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଏବଂ ଆଇନର ଶାସନକୁ ଅନୁପାଳନ କରିବା, ଉତ୍କୋଚ ନେବା ନାହିଁ କିମ୍ବା ଦେବା ନାହିଁ, ସମସ୍ତ ଦାୟିତ୍ୱକୁ ସାଧୁତା ଏବଂ ସ୍ୱଚ୍ଛତାର ସହ ସମ୍ପାଦକ କରିବା, ଜନସାଧାରଣଙ୍କ ହିତ ସାଧନ ପାଇଁ କାର୍ଯ୍ୟ କରିବା, ନିଜ ବ୍ୟକ୍ତିଗତ ଆଚରଣରେ ଦୃଷ୍ଟାନ୍ତମୂଳକ ସାଧୁତା ବଜାୟ ରଖି ଉଦାହରଣ ସୃଷ୍ଟି କରିବା ସହିତ ଦୁର୍ନୀତି ସମ୍ପର୍କିତ କୌଣସି ଘଟଣା ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ପାଇଁ ଶପଥ ନିଆଯାଇଥିଲା ।

ଏଥିସହିତ ସମସ୍ତ ନାଗରିକଙ୍କ ପାଇଁ ସାଧୁତାର ଶପଥ ପାଇଁ ଆହ୍ୱାନରେ କୁହାଯାଇଛି ଯେ, ପ୍ରତ୍ୟେକ ବ୍ୟକ୍ତି ବିଶ୍ୱାସ କରିବା ଆବଶ୍ୟକ ଯେ, ଆମ ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠୁ ବଡ଼ ପ୍ରତିବନ୍ଧକ । ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ସମସ୍ତ ଅଂଶୀଦାର ଯଥା ସରକାର, ନାଗରିକ ସମୁଦାୟ ତଥା ଘରୋଇ କ୍ଷେତ୍ର ଏକତ୍ର ହୋଇ କାର୍ଯ୍ୟ କରିବା ଆବଶ୍ୟକ । ପ୍ରତ୍ୟେକ ନାଗରିକ ସବୁ ସମୟରେ ସତର୍କତା ସହିତ ସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ ପ୍ରତିବଦ୍ଧ ରହି ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମକୁ ସମର୍ଥନ କରିବା ଆବଶ୍ୟକ । ଏହା ପ୍ରତ୍ୟେକ ନାଗରିକଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିବା ସହିତ ଦୁର୍ନୀତି ନିବାରଣ, ଆମ ସାମୁହିକ ଦାୟିତ୍ୱ ବୋଲି ଆଜିର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ-୨୦୨୫ ସଭାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି ।

## ଜୟପୁର ପଞ୍ଚାୟତ ସରପଞ୍ଚ ବିରୋଧରେ ଅନାସ୍ଥା ପ୍ରସ୍ତାବ କୋରମ ଅଭାବରୁ ରଦ୍ଦ

ଆସିକା,(ନିପ୍ର): ଆସିକା ବ୍ଲକ୍ ଜୟପୁର ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀ ବେହେରାଙ୍କ ବିରୋଧରେ ଆସିଥିବା ଅନାସ୍ତା ପ୍ରସ୍ତାବ କୋରମ୍ ଅଭାବରୁ ରଦ୍ଦ ହୋଇଛି । ଗତ ୨୦୨୨ ରେ ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଲକ୍ଷ୍ମୀ ବେହେରା ନିଜ ନିକଟତମ ପ୍ରତିଦ୍ୱନ୍ଦୀ ସୁନିତା ନାୟକଙ୍କ ନିକଟରୁ ୯୫୦ ଖଣ୍ଡ ଅଧିକ ଭୋଟରେ ବିଜୟ ଲାଭ କରିଥିଲେ । ଏହି ଜୟପୁର ପଂଚାୟତ ଅଧୀନରେ ମୋଟ ୧୯ ଜଣ ଓ୍ୱାର୍ଡ ସଭ୍ୟ ସଭ୍ୟା ରହିଛନ୍ତି । ନିର୍ବାଚନ ସରିବା ଦିନ ଠାରୁ ଦାୟିତ୍ୱ ନେବାର କିଛିଦିନ ପରେ ଜୟପୁର ସରପଞ୍ଚ ଲକ୍ଷ୍ମୀ ବେହେରାଙ୍କ ପୁଅ ଲୋକନାଥ ବେହେରା ଅନଧିକାର ଭାବେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ନିର୍ବାଚିତ ଓ୍ୱାର୍ଡ ପ୍ରତିନିଧିମାନଙ୍କୁ ଖରାପ ବ୍ୟବହାର ଦେଖାଇବା, ପଞ୍ଚାୟତ ଗୃହ ମଧ୍ୟରେ ବିଭିନ୍ନ ଅନୈତିକ କାର୍ଯ୍ୟରେ ଲିପ୍ତ ରହିବା,ମହାତ୍ମାଗାନ୍ଧୀ ନରେଗାରେ ଲକ୍ଷାଧିକ ଟଙ୍କା ହେରଫେର କରୁଥିବା ଅଭିଯୋଗ ନେଇ ନାଏବ ସରପଞ୍ଚ କୁଶ ମହାନ୍ତି ପ୍ରଶାସନ ନିକଟରେ ବହୁବାର ଅଭିଯୋଗ କରିଥିଲେ । କିନ୍ତୁ ସୁଫଳ ନ ମିଳିବାରୁ ମୋଟ ୧୯ଜଣ ଓ୍ୱାର୍ଡ ମେମ୍ବର ମଧ୍ୟରୁ ୧୩ ଜଣ ଓ୍ୱାର୍ଡ ମେମ୍ବର ଓ ନାଏବ ସରପଞ୍ଚ ମିଶି ସରପଞ୍ଚଓ ତାଙ୍କ ପୁଅଙ୍କ ମନମୁଖି କାର୍ଯ୍ୟ ଦୁର୍ନୀତିକୁ ବିରୋଧରେ ଭଞ୍ଜନଗର ଉପଜିଲ୍ଲାପାଳଙ୍କ ନିକଟରେ ସରପଞ୍ଚ ଲକ୍ଷ୍ମୀ ବେହେରାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ । ଉପଜିଲ୍ଲାପାଳ ଓ ନିର୍ବାଚନ ନିରୀକ୍ଷଣ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ପଞ୍ଚାୟତ ଗୃହ ଠାରେ ଆସିକା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲିପିନା ଦାସ ଅନାସ୍ଥା ପ୍ରସ୍ତାବ କାର୍ଯ୍ୟକୁ ପରିଚାଳନା କରିଥିଲା ବେଳେ ନିର୍ବାଚନ ପରିଚାଳକ ଭାବେ ତହସିଲଦାର ସଂଗୀତା ସେଣ, କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଭାବେ ସୌଦାଗର ବେହେରାଙ୍କ ଉପସ୍ଥିତିରେ ଅନାସ୍ଥା ପ୍ରସ୍ତାବ ବିରୋଧରେ ଭୋଟ ଗ୍ରହଣ ରହିଥିଲା । ହେଲେ ଓଡ଼ିଶା ଗ୍ରାମପଞ୍ଚାୟତ ଅଧିନିୟମ ୧୯୬୪ ସେକ୍ସନ ୨୪ ଅନୁସାରେ ଅନାସ୍ଥା ଭୋଟ ପାଇଁ ଦୁଇ ତୃତୀୟାଂଶ ମେମ୍ବର ଉପସ୍ଥିତି ଜରୁରୀ ଥିବା ବେଳ ମୋଟ ୧୧ଜଣ ଓ୍ୱାର୍ଡ ସଭ୍ୟ ଉପସ୍ଥିତ ରହିଥିଲେ । ତେଣୁ କୋରମ୍ ଅଭାବରୁ ଅନାସ୍ଥା ପ୍ରସ୍ତାବ ରଦ୍ଦ ହୋଇଛି ।

## ଆସିକା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଆସିକା,(ନିପ୍ର): ଆସିକା ଗୋଷ୍ଠୀ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଆସିକା ହରିହର ହାଇସ୍କୁଲ ଠାରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ହରିହର ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମଟିକୁ ପ୍ରଦୀପ ପ୍ରଜ୍ୱଳନ କରି ମୁଖ୍ୟ ଅତିଥିଭାବେ ସାଂସଦ ପ୍ରତିନିଧି ଶରତ ଚନ୍ଦ୍ର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ବେଳେ ମୁଖ୍ୟବକ୍ତା ଭାବେ ବ୍ଲକ




କରିଥିଲେକ୍ଷ ଏହି ଶିଶୁ ମାନଙ୍କ ନିପୁଣ କଳା ଶୈଳୀ, ଅନ୍ତର୍ନିହିତ କାରୁକାର୍ଯ୍ୟ, ନାଚ ଗୀତ,ସାଂସ୍କୃତିକ କାର୍ଯ୍ୟ ଦେଖି ମନ ମୁଗ୍ଧ ହୋଇଥିଲା । ପିଲାମାନଙ୍କ ମଧ୍ୟରେ ଅନ୍ତର୍ନିହିତ ଗୁଣ ଏବଂ କଳାର ବିକଶିତ କରିବା, ବିଦ୍ୟାର୍ଥୀ ମାନଙ୍କ ଇଚ୍ଛାଶକ୍ତି ବୃଦ୍ଧି କରିବା, ପ୍ରତିଯୋଗିତା ମନ ଭାବ ବଢାଇବା ନିମନ୍ତେ ଏହି ଭଳି ଭିନ୍ନ ଭିନ୍ନ ଧରଣର ପ୍ରତିଯୋଗିତା ମାନ ସମଗ୍ର ଶିକ୍ଷା ପକ୍ଷରୁ ଆୟୋଜିତ କରାଯାଇଛି । ପିଲାମାନଙ୍କୁ ନେଇ ରଚନା,ପ୍ରବନ୍ଧ, ବକ୍ତୃତା, ବିତର୍କ, କୁଇଜ, ଚିତ୍ରାଙ୍କନ,ସାଂସ୍କୃତିକ କାର୍ଯ୍ୟକ୍ରମ, ସଂଗୀତ,ଶିଳ୍ପକଳା,ସୃଜନଶୀଳ ଲିଖନ ଭଳି ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲାଲ ବିଭିନ୍ନ ବିଭାଗର ଅଂଶ ଗ୍ରହଣ କରି କୃତୀତ୍ୱ ଲାଭ କରିଥିବା ପ୍ରତି ଯୋଗୀମାନଙ୍କୁ ଅତିଥି ଦ୍ୱାରା ପୁରସ୍କୃତ କରାଯାଇଥିଲା । ଆସିକା ବ୍ଲକର ସିଆରସିସି ନଳବଣ୍ଟାର ସରୋଜ ପ୍ରଧାନ,ଏନ ଏ ସି କ୍ଲଷ୍ଟର ଶିଶିର କାନ୍ତ ବେହେରା,ବାବନପୁର, ରାଧା ମୋହନ ଡାକୁଆ,ଖରିଆ ଟୁଲୁ ସେଠୀ,କେ ନୂଆପଲ୍ଲୀ ଅର୍ଚନା ବେହେରା,ଗାଙ୍ଗପୁର ଚନ୍ଦ୍ର ଶେଖର ସ୍ୱାଇଁ,ବାଲିସିରା ହରିବନ୍ଧୁ ବେହେରା,କାଳଷଣ୍ଡପୁର ଆର ସିଲା ଦୋରା,ଭେଟନଇ ସୌଦାମିନୀ ହୋତା,ବଡ଼ଖୋଲି ଚିତ୍ର ସେନ ସେଠୀ,କେନ୍ଦୁପଦର କ୍ଲଷ୍ଟର ରଂଜିତା ପାତ୍ର ପ୍ରମୁଖ ଆୟୋଜିତ ସୁରଭି କାର୍ଯ୍ୟକ୍ରମରେ ସମସ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ,ଶିକ୍ଷକ, ଶିକ୍ଷୟତ୍ରୀ ସହଯୋଗ କରିଥିଲେ ।

## ଛାତ୍ରୀଙ୍କୁ ଖାଦ୍ୟରେ ନିଶା ଦେଇ ଅଶ୍ଳୀଳ ଭିଡିଓ ରେକର୍ଡିଂ, ମାମଲା ରୁଜୁ

ପିପିଲି,(ନିପ୍ର): ପୁରୀ ଜିଲ୍ଲା ପିପିଲି ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି । ଘଟଣାକୁ ପୋଲିସ ଚାପି ଧରିବା ପଛରେ କାହାର ହାତ ରହିଛି ତାହାକୁ ନେଇ ଉଠିଲାଣି ବିଭିନ୍ନ ପ୍ରଶ୍ନ । ଅଞ୍ଚଳର ଜଣେ ୧୯ ବର୍ଷର ବିଏସସି ନର୍ସିଂ ଛାତ୍ରୀକୁ ପିପିଲି ବିଜ୍ଞାପିତ ଅଞ୍ଚଳର ଜଣେ ଯୁବକ ଖାଦ୍ୟ ଓ ପାନୀୟରେ ନିଶା ଦେଇ ଅଶ୍ଳୀଳ ଭିଡିଓ ରେକଡିଂ କରିଛି । ସେହି ଭିଡିଓ ରେକଡ଼ିଂକୁ ଯୁବକ ଜଣକ ଇନଷ୍ଟା ଆଇଡ଼ିରେ ଛାଡି ଭାଇରାଲ କରି ଜନୈକ ଛାତ୍ରୀଙ୍କ ଠାରୁ ବ୍ୟାପକ ଅର୍ଥ ଓ ସୁନା ଗହଣା ଲୁଟି ନେଇଛି ।

ଏନେଇ ପିପିଲି ଥାନାରେ ଛାତ୍ରୀ ଜଣକ ଅସହ୍ୟ ସହି ନ ପାରି ପରିବାରରେ ଜଣାଇବାରୁ ପରିବାର ପିପିଲି ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଉପରେ ପିପିଲି ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଘଟଣାକୁ ରଫାଦଫା କରିଥିଲା । ପରେ ଯୁବକ ଜଣକ ଏହାର ସୁଯୋଗ ନେଇ ଗତ ୨୮ ତାରିଖରେ ଇନଷ୍ଟା ଆଇଡ଼ିରେ ଦୁଇଟି ଫେକ ଆଇଡ଼ି ଖୋଲି ପୂର୍ବରୁ ସଂଚିତ ରଖିଥିବା ଅଶ୍ଳୀଳ ଭିଡିଓକୁ ପୋଷ୍ଟ କରିଛି । ଏବଂ ଯୁବକ ଜଣକ ଛାତ୍ରୀଙ୍କୁ ଜୀବନରେ ମାରି ହତ୍ୟା କରିବା ପାଇଁ ଧମକ ଦେବାରୁ ଛାତ୍ରୀ ଜଣକ ଚିନ୍ତାଗ୍ରସ୍ତ ଥାଇ ଆତ୍ମହତ୍ୟା କରିଦେବା ଭୟରେ ପରିବାର ଲୋକ ପିପିଲି ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଅଭିଯୋଗ ପାଇ ପିପିଲି ଥାନା କେଶ ନଂ ୬୬୭/ ୨୫ ରେ ମାମଲା ଆଗତ କରି ଥିବା ବେଳେ ସମ୍ପୃକ୍ତ ଯୁବକକୁ ଗିରଫ କରିନାହିଁ । ଯାହାକୁ ନେଇ ପିପିଲି ଅଞ୍ଚଳରେ ସାଧାରଣରେ ଚର୍ଚ୍ଚା ହେଉଛି ।

## ୧୧ ଫୁଟର ଅଜଗର ସାପ ଉଦ୍ଧାର

ବ୍ରହ୍ମପୁର, (ନିପ୍ର): ଗୋସାଇଁନୂଆଗାଁ ଓମ୍ ବିହାର ସାଇ ବାବା ମନ୍ଦିର ନିକଟରୁ ଶୁକ୍ରବାର ବିଳମ୍ବିତ ରାତିରେ ୧୧ ଫୁଟର ଅଜଗର ସାପ ଉଦ୍ଧାର ହୋଇଛି । ସ୍ନେକ୍ ହେଲ୍ପ ଲାଇନ ପକ୍ଷରୁ ସାପକୁ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର




କରାଯାଇଛି । ସୂଚନା ମୁତାବକ ଓମ୍ ବିହାରର ପ୍ରମୋଦ ବେହେରାଙ୍କ ଘର ଗ୍ରିଲ ଆଗରେ ଏକ ବିରାଟକାୟ ସାପକୁ ପରିବାର ଲୋକ ଦେଖିଥିଲେ । ସାପକୁ ଉଦ୍ଧାର ପାଇଁ ସ୍ନେକ୍ ହେଲ୍ପ ଲାଇନକୁ ଯୋଗାଯୋଗ କରିଥିଲେ । ସ୍ଥାନୀୟ ସଦସ୍ୟ ତ୍ରିଲୋଚନ ନାୟକ ସେଠାରେ ପହଞ୍ଚିଥିଲେ । ତ୍ରିଲୋଚନ କୌଶଳ କ୍ରମେ ସାପକୁ ଉଦ୍ଧାର କରିଥିଲେ । ଉଦ୍ଧାର ସାପଟି ଅଜଗର ପ୍ରଜାତିର ହୋଇଥିବା ବେଳେ ୧୦ ଫୁଟ ଲମ୍ବ ରହିଥିଲା । ସାପଟିକୁ ବନପାଳ ସୋମନାଥ ମଲ୍ଲିକ, ବନରକ୍ଷୀ ଅଶ୍ୱିନୀ ନାୟକଙ୍କ ଉପସ୍ଥିତିରେ ସଂରକ୍ଷିତ ଜଙ୍ଗଲରେ ଛଡ଼ା ଯାଇଥିବା ସ୍ନେକ୍ ହେଲ୍ପ ଲାଇନ ସଂଯୋଜକ ସ୍ୱାଧିନ କୁମାର ସାହୁ ସୂଚନା ଦେଇଛନ୍ତି ।

## ରାସନ କାର୍ଡ ଲିଷ୍ଟରେ ନାମ ନ ଥିବାରୁ ମାଡ଼ ଧମକ

ଧାମନଗର,(ନିପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତର ନୂଆ ରେସନ କାର୍ଡ ସର୍ଭେ ପାଇଁ ୨୨୦ ଜଣ ଅନଲାଇନରେ ଆବେଦନ କରିଥିଲେ । ପଞ୍ଚାୟତର ପିଇଓ ରବିନ୍ଦ୍ର କୁମାର ଧଳ ଓ ଏଡିଇଓ ହିମାଳୟ ନାୟକ ସେଥି ମଧ୍ୟରୁ ୪୧ ଜଣଙ୍କ ସର୍ଭେ କରିଥିଲେ । ଉକ୍ତ ପଞ୍ଚାୟତର ଜନୈକ ବ୍ୟକ୍ତି ନିଜ ନାମକୁ ଏହି ତାଲିକାରେ ଯୋଗ କରିବାକୁ କହିଥିଲେ । ମାତ୍ର ତାଙ୍କର ଦୁଇତାଲା ସହ ଦୁଇଟି କୋଠା, ୧୨ ଚକିଆ ଟ୍ରକ ଦୁଇଟି, ଟ୍ରାକ୍ଟର ଗୋଟିଏ ଥିବା ସହ ରଡ, ସିମେଣ୍ଟ ଓ ଚିପ୍ସ ବେପାରରେ ଜିଏସ୍‌ଟି ଥିବାରୁ ହୋଇପାରିନାହିଁ ବୋଲି ଦୁଇ ଅଧିକାରୀ ମନା କରିଥିଲେ । ଏତିକିରେ ବ୍ୟକ୍ତି ଜଣକ ରାଗିଯାଇ ଉଭୟ ପୁରୁଷ ଓ ମହିଳା ପଞ୍ଚାୟତ ଅଧିକାରୀଙ୍କୁକୁ ଭାଷାରେ ଗାଳିଗୁଲଜ ସହ ମାରିବାକୁ ଧମକ ଦେଇଥିଲେ । ଭୟରେ ପିଇଓ ଶ୍ରୀଧଳ ଓ ଏଡିଇଓ ହିମାଳୟ ନାୟକ ବିଡ଼ିଓଙ୍କ ସହ ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି । ରେସନ କାର୍ଡ ହାତେଇବାକୁ ଜଣେ କୋଟିପତି ଏତେ ଉଗ୍ର ହୋଇପାରନ୍ତି ତାହା ସେଠାରେ ଉପସ୍ଥିତ ଲୋକଙ୍କୁ ଆଶ୍ଚର୍ଯ୍ୟ କରିବା ସହ ପଞ୍ଚାୟତ ଅଧିକାରୀଦ୍ୱୟଙ୍କୁ ତାଙ୍କ ବ୍ୟବହାର ଅତ୍ୟନ୍ତ ନିନ୍ଦନୀୟ ଥିଲା ବୋଲି ଆଲୋଚନା ହେଉଛି ।

## ନୂତନ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

କାଶୀନଗର,(ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଭାସୀ ମାଧ୍ୟମରେ ରାଜ୍ୟର ୪୪ଟି ତହସିଲରେ ନୂତନ ଉପ-ନିବନ୍ଧକ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି । ଜିଲ୍ଲାରେ କାଶୀନଗର ତହସିଲ କାର୍ଯ୍ୟାଳୟ ପରିସରରେ ନୂତନ ଉପ-ନିବନ୍ଧକ କାର୍ଯ୍ୟାଳୟ ଶୁଭ ଉଦଘାଟନ ହୋଇଥିଲା । ତହସିଲଦାର ସୁଧୀର କୁମାର ନନ୍ଦଙ୍କ ଦ୍ୱାରା ଆୟୋଜିତ ଉଦ୍ଘାଟନ ପର୍ବରେ ସ୍ଥାନୀୟ ବିଡ଼ିଓ ଡ଼ମ୍ବୁରୁ ଧର ମଲ୍ଲିକ ଓ କାଶୀନଗର ଏନଏସି ଅଧ୍ୟକ୍ଷା ଏମ. ସୁଧାରାଣୀ ଉପସ୍ଥିତ ଥିଲେ । ଉଲ୍ଲେଖଯୋଗ୍ୟ ଯେ, ସମାଜସେବୀ ହୃଷିକେଶ ଗୌଡ଼ କାଶୀନଗର ଠାରେ ଉପ ନିବନ୍ଧକ କାର୍ଯ୍ୟାଳୟ ଖୋଲିବାକୁ ବହୁ ଦିନରୁ ଦାବି ଉପସ୍ଥାପନା କରିଥିଲେ । ମିଡ଼ିଆ କ୍ଲବ ସଭାପତି ଆନନ୍ଦ ପାତ୍ରଙ୍କ ସହ ଅନ୍ୟ ସଦସ୍ୟମାନେ ରାଜ୍ୟ ସରକାରଙ୍କୁ ସାଧୁବାଦ ଜଣେଇଛନ୍ତି ।

# ଇ-ଶ୍ରମ ପୋର୍ଟାଲରେ ବ୍ଲକର ୧୪୦ ଜବକାର୍ଡଧାରୀ ପଞ୍ଜୀକୃତ

ନିରାକାରପୁର,(ନିପ୍ର): ମନରେଗା ପୋର୍ଟାଲରେ ଚଳିତ ବର୍ଷ ୨୦୨୫-୨୬ ତା ୨୪.୧୦.୨୦୨୬ ତାରିଖ ସୁଦ୍ଧା ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକରେ ୧୪୦ ଜଣ ଜବ କାର୍ଡ ଧାରୀ ଇ- ଶ୍ରମ ପୋର୍ଟାଲରେ ଲିଙ୍କ କରି ସାରିଛନ୍ତି । ଜିଲ୍ଲା ରେ ୯୪୫୩୭ ଜଣ ସକ୍ରିୟ ମଜୁରିଆ ଥିବା ବେଳେ ମାତ୍ର ୧୨୧୧ ଜଣ ଇ-ଶ୍ରମ ପୋର୍ଟାଲରେ ପଞ୍ଜୀକରଣ କରିଥିବା ରିପୋର୍ଟରୁ ଜଣାପଡିଛି । ବ୍ଲକର ଅଚ୍ୟୁତପୁର ପଞ୍ଚାୟତରେ ୫ ଜଣ, ବଡପାରୀ ପଞ୍ଚାୟତରେ ୯ ଜଣ , ବଡ଼ପୋଖରୀଆ ପଞ୍ଚାୟତରେ ୪ ଜଣ , ବାଲିପାଟପୁର ପଞ୍ଚାୟତରେ ୬ ଜଣ , ଭୂଷଣ୍ଡପୁର ପଞ୍ଚାୟତରେ ୫ ଜଣ , ଛଣଗିରି ପଞ୍ଚାୟତରେ ୭ ଜଣ , କମାଗୁରୁ ପଞ୍ଚାୟତରେ ୯ ଜଣ , କନ୍ତାଳବାଇ ପଞ୍ଚାୟତରେ ୬ ଜଣ, କୁହୁଡି ପଞ୍ଚାୟତରେ ରେ ୧୦ ଜଣ , କୁଞ୍ଜୁରି ପଞ୍ଚାୟତରେ ରେ ୧୦ ଜଣ , ଲେଣ୍ଟୁ ପଞ୍ଚାୟତରେ ୮ ଜଣ , ନିରାକାରପୁର ପଞ୍ଚାୟତରେ ୫ ଜଣ , ନୂଆଗଡ ପଞ୍ଚାୟତରେ ୫ ଜଣ , ଓଲସିଂହ ପଞ୍ଚାୟତରେ



୧୧ ଜଣ , ପଡ଼ିଓରଡ ପଞ୍ଚାୟତରେ ୭ ଜଣ , ରାମେଶ୍ୱର ପଞ୍ଚାୟତରେ ୬ ଜଣ , ରତନପୁର ପଞ୍ଚାୟତରେ ୪ ଜଣ , ସରପାରି ପଞ୍ଚାୟତରେ ୬ ଜଣ , ସୁନ୍ଦରପୁର ପଞ୍ଚାୟତରେ ୧୦ ଜଣ, ଟାଙ୍ଗୀ ପଞ୍ଚାୟତରେ ୭ ଜଣ ପଞ୍ଜିକରଣ କରି ସାରିଥିବାବେଳେ ଡିଆ, ମଙ୍ଗଳାଯୋଡ଼ି, ରାମଚନ୍ଦ୍ରପୁର, ସାନରାଉତପଡ଼ା, ଟାଙ୍କୋଳ, ଉଜ୍ଜ୍ୱଳାଗୋପିନାଥପୁର ପଞ୍ଚାୟତରେ କେହି ଆଜି ପର୍ଯ୍ୟନ୍ତ ଜବକାର୍ଡଧାରୀମାନେ ଇ-ଶ୍ରମ ପୋର୍ଟାଲରେ ପଞ୍ଜିକରଣ କରି ନଥିବା ଦର୍ଶାଉଛି । ମନରେଗା ଜବକାର୍ଡଧାରୀମାନଙ୍କର ଅଣ ସଂଘଟିତ ଶ୍ରମିକଙ୍କ ଜାତୀୟ ତଥ୍ୟ ଭଣ୍ଡାର ମହଜୁଦ ଉଦ୍ଦେଶ୍ୟ ରେ ଏହାକୁ ଇସ୍ରମ ପୋର୍ଟାଲ ସହ ଲିଙ୍କ କରାଯାଇଛି । ଯଦି ମନରେଗା ଶ୍ରମିକମାନେ ଇ-ଶ୍ରମ ପୋର୍ଟାଲରେ ପଞ୍ଜୀକରଣ କରନ୍ତି ତାହେଲେ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା , ପ୍ରଧାନମନ୍ତ୍ରୀ ଆୱାସ ଯୋଜନା , ଆୟୁଷ୍ମାନ ଭାରତ , ପ୍ରଧାନମନ୍ତ୍ରୀ କିଶନ ଯୋଜନା , ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ପ୍ରଧାନମନ୍ତ୍ରୀ ଶ୍ରମଦ୍ୟୋଗୀ ଯୋଜନାରେ ସୁବିଧା ମିଳିବାର ସୁଯୋଗ ରହିଛି । ପଞ୍ଜିକରଣ ପରେ ଇ-ଶ୍ରମ କାର୍ଡଧାରୀମାନଙ୍କୁ ୧୨ ଅଙ୍କ ବିଶିଷ୍ଟ ନମ୍ବର୍ ମିଳିଥାଏ । ଏହା ଏକ ସରକାରୀ ଡାଟା ବେଶ ଫଳରେ ଅଣ ସଂଘଟିତ ଶ୍ରମିକମାନଙ୍କର ତଥ୍ୟ ମହଜୁଦ କରାଯାଇଥାଏ । ଯେପରିକି ସେମାନଙ୍କୁ କୋଭିଡ ୧୯ ହେଉ ବା କିଛି ସଙ୍କଟଜନିତ ପରିସ୍ଥିତିରେ ସେମାନଙ୍କୁ ପ୍ରଥମେ ପ୍ରାଧାନ୍ୟ ଦିଆଯାଇବାର ଲକ୍ଷ୍ୟ ରଖାଯାଇଛି । ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ପରିବାରର ୫ ଲକ୍ଷ ପର୍ଯ୍ୟନ୍ତ ବୀମା ଅଛି । ମନରେଗା ପୋର୍ଟାଲ ଲିଙ୍କ କରିଥିଲେ ପ୍ରଧାନ ମନ୍ତ୍ରୀ ସୁରକ୍ଷା ଯୋଜନାରେ ୨ ଲକ୍ଷ ପର୍ଯ୍ୟନ୍ତ ଦୁର୍ଘଟଣା ଜନିତ ବୀମା ସୁବିଧା ଅଛି । ଇ- ଶ୍ରମ ପୋର୍ଟାଲ ଅଗଷ୍ଟ ୨୬ , ୨୦୨୧ ବର୍ଷ ରେ କେନ୍ଦ୍ର ସରକାରଙ୍କ ସ୍ଲୋଗାନ ରେ ଆରମ୍ଭ କରାଯାଇଥିଲା । ଯେଉଁ ମାନେ ନୂଆ ଇ- ଶ୍ରମ କାର୍ଡ କରୁଛନ୍ତି ପ୍ରଥମେ ନିଜେ ନିଜେ ଅଫିସିଆଲ୍ ପୋର୍ଟାଲକୁ ଯାଇ କରି ପାରିବେ ବୋଲି ଜଣାପଡିଛି । ଏହାକୁ ମଧ୍ୟ ନିକଟସ୍ଥ ଜନ ସେବା କେନ୍ଦ୍ର, କମ୍ପ୍ୟୁଟର ଦୋକାନକୁ ଯାଇ ମଧ୍ୟ କରି ପାରିବେ । କେନ୍ଦ୍ର ତଥା ରାଜ୍ୟ ସରକାର ଆହ୍ୱାନରେ ସାମିଲ ହୋଇ ନିଜ ନିଜର ତଥ୍ୟକୁ ମନରେଗା କାର୍ଡକୁ ଇ-ଶ୍ରମ ପୋର୍ଟାଲରେ ଲିଙ୍କ କରି ସରକାରଙ୍କୁ ଅଣ ସଂଘଟିତ ଶ୍ରମିକ ତଥ୍ୟ ମହଜୁଦ କରିବାରେ ସାହାଯ୍ୟ କରିବା ପାଇଁ ମତ ପ୍ରକାଶ ପାଇଥିବାବେଳେ ଏ ବାବଦରେ ଜଣେ ମନରେଗା ଅଧିକାରୀଙ୍କୁ ପଚାରିବାରୁ ଏହାକୁ ବ୍ଲକ୍ କିମ୍ବା ଜିଲ୍ଲା ମନରେଗାର କାର୍ଯ୍ୟରତ କର୍ମଚାରୀଙ୍କ ଦ୍ୱାରା କରାଯାଉନାହିଁ ତାହା ମନକୁ ପୋର୍ଟାଲରେ ସମ ଏକ କାଳୀନ ହୋଇ ତଥ୍ୟ ପୋର୍ଟାଲରେ ଦେଖାଉ ଥାଇ ପରେ ବୋଲି ଜଣାଇଥିଲେ ।

ତିଥି : (ଏକାଦଶୀ) : (ପୂର୍ବଭାଦ୍ର କୁମ୍ଭ)
ଅମୃତବେଳା: ଦିବା ଘ.୬।୪୦ ଗତେ ୯।୦୪ ମଧ୍ୟେ

## ଆଜିର ଅନୁଚିନ୍ତନ

ହେ ଅର୍ଜୁନ, ମୁଁ ସମସ୍ତ ପ୍ରାଣୀଙ୍କର ବୀଜ।
- ଶ୍ରୀମଦ୍ ଭଗବଦ୍ ଗୀତା

# ନୂଆ ମୋଡ଼

ପ୍ରାୟ ୬ବର୍ଷର ବ୍ୟବଧାନ ପରେ ଦକ୍ଷିଣ କୋରିଆରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରେ ଭେଟ୍‌ଭାଟ୍ ବେଳେ ଅର୍ଥନୀତି କ୍ଷେତ୍ରରେ କି ପ୍ରକାର ମୋଡ଼ ନେବ ତାହା ଉପରେ ସବୁ ଦେଶର ନଜର ଥିଲା। ତେବେ ଏହି ଦୁଇ ପ୍ରମୁଖ ରାଷ୍ଟ୍ର ମଧ୍ୟରେ ଉପୁଜିଥିବା ଚାପରେ ହ୍ରାସ ଘଟିବ ବୋଲି ଯେଉଁ ଅନୁମାନ କରାଯାଉଥିଲା ଆପାତତଃ ତାହା ହୋଇନାହିଁ। ଦୁଇ ଦେଶ ମଧ୍ୟରେ ଆଲୋଚନାର ନିଷ୍କର୍ଷ ନେଇ କୁହାଯାଇପାରେ ଯେ ଟ୍ରମ୍ପ କହିଲେ ଏହା ‘ଚମତ୍କାର’ ଓ ଜିନପିଙ୍ଗଙ୍କ ବିବୃତି ଥିଲା ପ୍ରମୁଖ ‘ବାଣିଜ୍ୟିକ ପ୍ରସଙ୍ଗ ସମାଧାନ ନେଇ ସହମତି’ ହୋଇଛି। ଯେବେଠୁ ଚୀନ ଉପରେ ନୂଆ ଟାରିଫ୍‌ମାନ ଟ୍ରମ୍ପ ଲଗାଇଥିଲେ ମନେ କରାଯାଉଥିଲା ଆଲୋଚ୍ୟ ଭେଟ୍‌ଘାଟ୍‌ରେ ଏଥିରେ ଯଥେଷ୍ଟ ହ୍ରାସ ଘଟିବ। ମାତ୍ର ତାହା ନ ହୋଇ କିଞ୍ଚିତ୍ ମାତ୍ରାରେ ଘଟିଛି। ଅଥଚ ଜିନପିଙ୍ଗଙ୍କ ହାବଭାବ କହୁଥିଲା ଟ୍ରମ୍ପଙ୍କ ଏପରି ଚାପ ନେଇ ଚୀନ ଆଦୌ ବ୍ୟତିବ୍ୟସ୍ତ ନୁହେଁ। ବାଣିଜ୍ୟିକ ଦୃଷ୍ଟିକୋଣରୁ ଦେଖିଲେ ଚୀନ ଏଣିକି ଆମେରିକାର ଫାର୍ମ ଉତ୍ପାଦଗୁଡ଼ିକ କ୍ରୟ କରିବ। ଅପରପକ୍ଷେ ଚୀନ ବିରଳ ମୃତ୍ତିକାର ଉପାଦାନ ଆମେରିକାକୁ ରପ୍ତାନି କରିବ। ଦୁଇ ନେତାଙ୍କ ମଧ୍ୟରେ ଘଣ୍ଟାଏରୁ ଅଧିକ ଆଲୋଚନା କାଳରେ କୌଣସି ଔପଚାରିକ ରାଜିନାମା ଘୋଷିତ ନ ହେବା ଦର୍ଶାଇଛି ଯେ ଟାରିଫ ସଂପର୍କରେ ବିରତି ସୃଷ୍ଟି କରିବାକୁ ଯଥେଷ୍ଟ ଥିଲା।

ଉଭୟଙ୍କ ଆଲୋଚନାରେ ପ୍ରତୀୟମାନ ହୋଇଥିଲା ଯେ ଯେତିକି ନେଇ ଜିନପିଙ୍ଗ ପ୍ରସ୍ତୁତ ସେତିକିରେ ସୀମିତ ଥିଲେ। ଅପରପକ୍ଷେ ଟ୍ରମ୍ପଙ୍କ ସ୍ୱାଭାବିକ ପ୍ରଗଲ୍‌ଭତା ଚୀନ ଉପରେ ସେପରି କୌଣସି ପ୍ରଭାବ ପକାଇଥିବା ମନେ ହୋଇ ନ ଥିଲା। ବିଶେଷଜ୍ଞମାନେ ଏହି ଭେଟ ନେଇ କହିଛନ୍ତି ଯାହା ଆଲୋଚନା ହୋଇଛି ବାଣିଜ୍ୟିକ କାରବାର ଅପେକ୍ଷା ବରଂ ଏକ ଢାଞ୍ଚା ସ୍ଥାପିତ ହେଲା ଯାହା ଦୀର୍ଘଦିନ ପରେ ଏକ ଭଲ ଆରମ୍ଭ ବୋଲି କୁହାଯାଇପାରେ। ଏପରି ଭେଟ ପରେ ଆୟୋଜିତ ଏସିଆ ପାସିଫିକ ଇକନୋମିକ କୋଅପରେସନର ବାର୍ଷିକ ଶିଖର ବୈଠକରେ ଟ୍ରମ୍ପ ଅନୁପସ୍ଥିତ ଥିଲେ। ମାତ୍ର ଜିନପିଙ୍ଗ ସମ୍ମେଳନ ଆରମ୍ଭ ବେଳେ ଯେଉଁ ବିବୃତି ଦେଇଥିଲେ ସେଥିରୁ ସାରା ବିଶ୍ୱ ପ୍ରତି ଚୀନର ଆଭିମୁଖ୍ୟ ସ୍ପଷ୍ଟ ହୋଇଯାଏ।

ଜିନପିଙ୍ଗ କହିଲେ ଗୋଟିଏ ଶତାବ୍ଦୀରେ ବିଶ୍ୱରେ ସଂଘଟିତ ପରିବର୍ତ୍ତନମାନ ଅଦେଖା ହୋଇରହିଛି। ତେବେ ସମୟ ଯେତେ ଆହ୍ୱାନପୂର୍ଣ୍ଣ ରହିବ ତାହାଦ୍ୱାରା ଆମେ ଏକାଠି ହୋଇପାରିବା। ଚୀନର ପ୍ରଶସ୍ତ ଦ୍ୱାର ବନ୍ଦ ହେବ ନାହିଁ। ବରଂ ଏହାକୁ ଅଧିକ ପ୍ରଶସ୍ତ କରାଯିବ।

ସୁତରାଂ ଟ୍ରମ୍ପ ଓ ଜିନପିଙ୍ଗଙ୍କ ଭେଟ ପରେ ପରସ୍ପର ପ୍ରତି ଏହି ଦୁଇ ନେତା ଅତ୍ୟନ୍ତ ସତର୍କଶୀଳ ଥିଲେ। ଏହା ମଧ୍ୟରୁ ଜିନପିଙ୍ଗଙ୍କ ଶାରୀରିକ ପରିଭାଷାରେ ବାକ୍ ସଂଯମ ସୂଚିତ ଥିବାବେଳେ ଏଣିକି ବୈଷୟିକ ବାଣିଜ୍ୟ ନାନା ଆହ୍ୱାନର ସମ୍ମୁଖୀନ ହୋଇଥିବା ହେତୁ ଆଗକୁ ଅଭିବୃଦ୍ଧିର ନୂଆ ଚାଳକମାନେ ସୃଷ୍ଟି ହେବେ। ରାଷ୍ଟ୍ରମାନେ ଏ ପରିପ୍ରେକ୍ଷୀରେ ପ୍ରତିଦ୍ୱନ୍ଦ୍ୱିତାସମ୍ପନ୍ନ ହେବା ଦିଗ ଆଦୌ ଏଡ଼ାଇ ହେବନାହିଁ।

# ଦୁର୍ନୀତି ନିବାରଣ ପ୍ରହସନ ନ ହେଉ

## ବିଷ୍ଣୁ ପ୍ରସାଦ ଦାସ

**କର୍ମଚାରୀଙ୍କ ଦରମା ଆଉ କର୍ମଚାରୀଙ୍କ ଚାଲିଚଳନକୁ ଆଧାର କରି ତୁଳନାତ୍ମକ ଦିଗ ଦ୍ୱାରା ଯେ କେହି ଜାଣି ଯିବେ ଯେ, ବ୍ୟକ୍ତିଟି କେତେ ଆୟ କରୁଛି ଏବଂ କେମିତି ରାଜକୀୟ ଢଙ୍ଗରେ ପରିବାର ପ୍ରତିପୋଷଣ କରୁଛି । ସେଥିରୁ ଅନୁମେୟ ବ୍ୟକ୍ତିଟି କେତେଦୂର ସଚ୍ଚୋଟ ଏବଂ ଦାୟିତ୍ୱବାନ କର୍ମଚାରୀ ଅଟନ୍ତି। ତାହାଛଡ଼ା ବର୍ତ୍ତମାନ ଟେକ୍ନୋଲୋଜିର ଯୁଗ । ମୁଖ୍ୟମନ୍ତ୍ରୀ ତଥା ତାଙ୍କର ଅନ୍ୟ ଦାୟିତ୍ୱବାନ ବିଭାଗର ମୁଖ୍ୟ ଚାହିଁଲେ ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କ ବିଷୟରେ ୱେବସାଇଟ୍ ଜରିଆରେ ଜାଣି ପାରିବେ ।**

ବିଶ୍ୱରେ ଦୁର୍ନୀତି ପ୍ରାୟ କୌଣସି ଦେଶକୁ ଛାଡ଼ି ନାହିଁ ଅଳ୍ପେ ବହୁତେ ସମସ୍ତେ ଦୁର୍ନୀତିଗ୍ରସ୍ତ , ୨୦୨୨ ମସିହାରେ ପୃଥିବୀର ୧୮୦ ଟି ଦେଶ ମଧ୍ୟରେ ଦୁର୍ନୀତି ତାଲିକାରେ ଭାରତ ବର୍ଷର ସ୍ଥାନ ୮୫ ଥିବା ସମୟରେ ୨୦୨୪ ମସିହାରେ ଏହା ୯୬ ତମ ସ୍ଥାନରେ ରହିଛି । ରାଜ୍ୟମାନଙ୍କ ମଧ୍ୟରୁ ଓଡିଶା ଅନ୍ୟ ରାଜ୍ୟ ତୁଳନାରେ କମ୍ ଦୁର୍ନୀତିଗ୍ରସ୍ତ ରାଜ୍ୟ ବୋଲି ଉଲ୍ଲେଖ ଅଛି ଯଦିଓ ଏହା ସନ୍ଦେହ ଘେରରେ ବୋଲି ଅନୁମାନ କରାଯାଏ । ନୀତି ଏବଂ ଦୁର୍ନୀତି ଏହି ଦୁଇଟି ଶବ୍ଦ ଭିତରୁ ଶତ ପ୍ରତିଶତ ବ୍ୟକ୍ତି ନୀତିକୁ ଶ୍ରେୟ ଦେଉଥିବା ସମୟରେ ସ୍ୱଇଚ୍ଛାରେ ବା ପରିସ୍ଥିତିରେ ପଡି ଦୁର୍ନୀତିକୁ ଆପଣେଇ ନେଇଥାନ୍ତି । ଲାଞ୍ଚ, ଅନୈତିକ ଉପାୟରେ ଉପହାର ଗ୍ରହଣ , ଡରାଇ ଧମକାଇ ଅର୍ଥ ଉପାର୍ଜନ, ସରକାରୀ କଳର ଦୁରୁପଯୋଗ, ରାଜନୈତିକ ଉଦ୍ଦେଶ୍ୟ ରଖି ଉପାର୍ଜନ, ଅର୍ଥ/ସମ୍ପତ୍ତି/ପ୍ରତିପତି ଲୋଭରେ ଦୁର୍ନୀତି ସହିତ ଦେଶର ପ୍ରାୟ ୯୫ ପ୍ରତିଶତ କ୍ଷମତାସୀନ ବ୍ୟକ୍ତି ଜଡିତ ।

ଆୟ ବହିର୍ଭୂତ ସମ୍ପତ୍ତି ପ୍ରାୟତଃ ନିୟମ ତଥା ନୈତିକ ମାନଦଣ୍ଡର ଉଲ୍ଲଂଘନ କରିଥାଏ। ଦୁର୍ନୀତି ହେଉଛି ବ୍ୟକ୍ତିଗତ ଲାଭ ପାଇଁ ଶକ୍ତି କିମ୍ବା ଅଧିକାର ସାବ୍ୟସ୍ତ କରି ବେନିୟମ ଭାବେ ସମ୍ପତ୍ତି ବଢାଇବାର ଏକ ସୁଚିନ୍ତିତ ତଥା ଅଭିନବ କଳା କୌଶଳ । ଅତୀତରେ ଲୋକ ଲଜ୍ୟା ତଥା ଉପରିସ୍ଥ ହାକିମଙ୍କ ଭୟରେ ଲୁଚା ଛପାରେ ଚାଲିଥିଲା କିନ୍ତୁ ସମୟ ବଦଳିବା ସହିତ ଏହା ଖୁଲମ୍ ଖୁଲା ଚାଲିଛି । ନାମକୁ ମାତ୍ର କେତେଜଣ ଧରା ହୋଇ କାର୍ଯ୍ୟରୁ ନିଲମ୍ବିତ ହୋଇ ନ୍ୟାୟାଳୟରୁ ଜାମିନରେ ଆସି କାର୍ଯ୍ୟରେ ଯୋଗଦେଇ ପୁନଶ୍ଚ ନିଜର ଦୁର୍ନୀତି ସାମ୍ରାଜ୍ୟକୁ ଚଳାଇ ଥା'ନ୍ତି । ଦୁର୍ନୀତି ନିବାରଣ ବିଭାଗ ଏହି ଦୁର୍ନୀତିକୁ ମୁଳୋତ୍ପାଟନ ପାଇଁ ଗଢା ହୋଇଥିଲେ ମଧ ଏହାର ସୀମିତ କ୍ଷମତା, ଲୋକ ବଳ, ସରକାରୀ ଚାପ, ଅଦାଲତରେ ଅନେକ ଦିନ ଅପରାଧୀମାନଙ୍କର ଫଇସଲା ନ'ହେବା ତଥା ଆନ୍ତରିକତାର ଅଭାବରୁ ଦୁର୍ନୀତିକୁ ମାତ୍ର ୨୦ ପ୍ରତିଶତ ଲୋପ କରିବାରେ ସଫଳ ହେଉଥିବାର ହୃଦବୋଧ ହୁଏ ।

ଦୁର୍ନୀତି ଏବେ ସବୁଠାରୁ ସମ୍ମାନଜନକ ବିଚାର ବିଭାଗକୁ ମଧ ମାଡି ଗଲାଣି, ନିକଟ ଅତୀତରେ ଦିଲ୍ଲୀ ହାଇକୋର୍ଟ ବିଚାରପତିଙ୍କ ବିଷୟ ସର୍ବ ଭାରତୀୟ ସମ୍ବାଦ ପତ୍ର ତଥା ଟିଭିରେ ବହୁଳ ପ୍ରଚାରିତ ହୋଇ ଥିଲା । ବାଡ଼ ଯଦି ଫସଲ ଖାଇବ ତେବେ ଆମେ କାହାକୁ ବିଶ୍ୱାସ କରିବା କିଏ ଆମର ମାର୍ଗ ଦର୍ଶକ ହେବେ ? ଏଠାରେ ବିଭାଗକୁ ଦୋଷ ନଦେଇ ଦାୟିତ୍ୱରେ ଥିବା ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ ମାନସିକତାକୁ ନିନ୍ଦା କରିବା ଉଚିତ୍।

ପ୍ରଶ୍ନ ଉଠେ, ଭିଜିଲାନସ ଜାଲରେ ପଡିଥିବା ସରକାରୀ କର୍ମଚାରୀଙ୍କ ଦରମା କେତେ? କେଉଁ ଅଫିସରେ/ଦପ୍ତରରେ କେଉଁ ଦାୟିତ୍ୱରେ କାମ କରନ୍ତି? କେତେ ବର୍ଷ ଗୋଟିଏ ଜାଗାରେ ରହିଲେଣି ? କେଉଁ ବାଟରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ କଲେ? ଏହି ସବୁ ବିଷୟ ଦେଖି ଶୁଣି ଆମ ସରକାରୀ କର୍ମଚାରୀମାନଙ୍କ ସଚ୍ଚୋଟ ପଣିଆର ଅସଲ ମୁଖା ଖୋଲି ଦେଉଛି । ତା'ମାନେ ନୁହେଁ ଯେ ସବୁ କର୍ମଚାରୀ ଦୁର୍ନୀତିଗ୍ରସ୍ତ । ତେବେ ଅଧିକାଂଶ କର୍ମଚାରୀ ଆଜି ଅଳ୍ପ ବା ସୀମିତ ସଚ୍ଚୋଟ ଉପାୟରେ ପାଉଥିବା ଦରମା / ଆୟରେ ଆଦୌ ସନ୍ତୁଷ୍ଟ ନୁହନ୍ତି । ସେମାନଙ୍କ ଲୋଭର ସୀମା ନାହିଁ ଆଉ ସରକାରଙ୍କ ଦୁର୍ନୀତିଖୋର କର୍ମଚାରୀଙ୍କ ବିରୁଦ୍ଧରେ ସମୟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନ' ନେବାର ପରିଣତି ସାଧାରଣ ଜନତା ଭୋଗୁଛନ୍ତି ।

ଅନେକ ସ୍ଥାନରେ ଦେଖା ଯାଉଛି ଯେ ଜଣେ ଜଣେ ମହିଳା/ପୁରୁଷ ଏକାଧିକ ବାର ଦୁର୍ନୀତି ଜନିତ ଅପରାଧ ପାଇଁ କାର୍ଯ୍ୟରୁ ନିଲମ୍ବିତ ହୋଇ ମଧ ଚେତୁ ନାହାନ୍ତି। ପରଦା ଆଡୁଆଳର ଏହି ଅପରାଧୀମାନଙ୍କୁ ମଧ ଦଣ୍ଡିତ କରିବା ଉଚିତ ।

ଦୁର୍ନୀତିଗ୍ରସ୍ତ ବାବୁ/ବାବୁଆଣୀମାନଙ୍କ ଏହି ବିପୁଳ ସମ୍ପତ୍ତି ତ' ଗୋଟିଏ ଦିନରେ ଠୁଳ ହୋଇନାହିଁ, ଏଥିପାଇଁ ବର୍ଷ ବର୍ଷ ସମୟ ଲାଗିଛି। ନେଡ଼ିଗୁଡ଼ କହୁଣୀକୁ ବୋହିବା ପରେ ଦୁର୍ନୀତି ନିବାରଣ ବିଭାଗ ନଜରକୁ ଆସିଲା ଆଉ ଧରପଗଡ଼ ହେଲା । କିନ୍ତୁ ତା' ଆଗରୁ କେହି କିଛି ଜାଣି ପାରିଲେ ନାହିଁ ? ଦୁର୍ନୀତିଖୋର କର୍ମଚାରୀଙ୍କ ଉପରିସ୍ଥ ଅଧିକାରୀ କ'ଣ ଧୃତରାଷ୍ଟ୍ର ଥିଲେ ନା' ବକାସୁର ପରି ନିଜ ଭାଗ ନେଇ କୁମ୍ଭକର୍ଣ୍ଣ ନିଦ୍ରା ଯାଇଥିଲେ ? ପ୍ରତି ସରକାରୀ ବିଭାଗରେ ଦୁର୍ନୀତି ନିବାରଣ ପାଇଁ କଛି ସଚ୍ଚୋଟ ଅଫିସର ଦାୟିତ୍ୱରେ ଥା'ନ୍ତି, ସେମାନଙ୍କ ନଜର ମଧ ପଡ଼ିଲା ନାହିଁ କାହିଁକି ? ନିଜସ୍ୱ ଅଡିଟ ଅଛି ସେମାନେ କ'ଣ କିଛି ଟେର ପାଇଲେ ନାହିଁ? ଶେଷରେ ଏ:ଜି ଅଡ଼ିଟ ଅଛି ସେମାନେ କ'ଣ କୌଣସି ଅନିୟମିତତାର ବାସ୍ନା ପାଇଲେ ନାହିଁ ?

କର୍ମଚାରୀଙ୍କ ଦରମା ଆଉ କର୍ମଚାରୀଙ୍କ ଚାଲିଚଳନକୁ ଆଧାର କରି ତୁଳନାତ୍ମକ ଦିଗ ଦ୍ୱାରା ଯେକେହି ଜାଣି ଯିବେ ଯେ, ବ୍ୟକ୍ତିଟି କେତେ ଆୟ କରୁଛି ଏବଂ କେମିତି ରାଜକୀୟ ଢଙ୍ଗରେ ପରିବାର ପ୍ରତିପୋଷଣ କରୁଛି । ସେଥିରୁ ଅନୁମେୟ ବ୍ୟକ୍ତିଟି କେତେଦୂର ସଚ୍ଚୋଟ ଏବଂ ଦାୟିତ୍ୱବାନ କର୍ମଚାରୀ ଅଟନ୍ତି। ତାହାଛଡ଼ ବର୍ତ୍ତମାନ ଟେକ୍ନୋଲୋଜିର ଯୁଗ । ମୁଖ୍ୟମନ୍ତ୍ରୀ ତଥା ତାଙ୍କର ଅନ୍ୟ ଦାୟିତ୍ୱବାନ ବିଭାଗର ମୁଖ୍ୟ ଚାହିଁଲେ ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କ ବିଷୟରେ ୱେବସାଇଟ୍ ଜରିଆରେ ଜାଣି ପାରିବେ ।

ଏତତ୍ ବ୍ୟତୀତ ସବୁ ସରକାରୀ କର୍ମଚାରୀ ପ୍ରତିବର୍ଷ ସମ୍ପତ୍ତି ତାଲିକା ଦେବା କଥା, କେତେଜଣ ଦେଇଛନ୍ତି ପ୍ରତିବର୍ଷ ତାହାର କ'ଣ ସମୀକ୍ଷା ହୁଏ ? ଆଜିକାଲି ଏ : ଆଇ ଟେକ୍ନୋଲୋଜି ଦ୍ୱାରା କ'ଣ ଅପରାଧ ନିୟନ୍ତ୍ରଣ କରି ହେବନାହିଁ ? ଦେଶରେ ଦୁହାଁଳିଆ ଗାଈ ସଦୃଶ ସରକାରୀ ବିଭାଗ ଗୁଡିକ କାର୍ଯ୍ୟରତ । ଯେଉଁଠି କାର୍ଯ୍ୟ କଲେ ସରକାରୀ କର୍ମଚାରୀ, ଅଧିକାରୀ ସ୍ୱତଃପ୍ରବୃତ୍ତ କୋଟିପତି ହୋଇ ଯାଇଥାନ୍ତି ।

କେତୋଟି ନିର୍ଦ୍ଦିଷ୍ଟ ବିଭାଗ ଅଛି ଯେଉଁଥିରେ କି ନିଜସ୍ୱ ଅଲିଖିତ ସାମ୍ବିଧାନିକ କ୍ଷମତା ବ୍ୟବହାର କରି ପି:ସିର ଅନୁପାତ ଠିକ୍ ହୋଇଥାଏ । କିଏ କେତେ ପାଇବେ ତାହା ସେମାନଙ୍କର ଚୌକି ଅନୁପାତରେ ଧାର୍ଯ୍ୟ , ତେଣୁ ମାଗିବା ନ'ମାଗିବାର ପ୍ରଶ୍ନ କେଉଁଠି ରହିଲା କୁହନ୍ତୁ? ଏସବୁ କ'ଣ ସରକାର ଜାଣୁ ନାହାନ୍ତି? ଅନେକ ଦଳ ସରକାର ଗଢ଼ିଛନ୍ତି ଶାସନ କରିଛନ୍ତି କିନ୍ତୁ ଏହି ପ୍ରକ୍ରିୟାର ସମାପ୍ତି କରିବାରେ କାହାରି ଆଗ୍ରହ ନାହିଁ ବୋଲି ପ୍ରମାଣିତ ହୋଇଛି ।

। ପ୍ରାୟ ଠିକାଦାର ସବୁ ବିଦ୍ୟାରେ ଅଭ୍ୟସ୍ତ ତେଣିକି କାର୍ଯ୍ୟର ମାନ ଯାହା ହେଉ ସେକଥା କିଏ ପଚାରେ? ଲାଞ୍ଚୁଆ ବାବୁମାନେ କେଉଁ ପୂର୍ବଜନ୍ମର ସୁଫଳ ବା ଲାଞ୍ଚ ଦେଇ ଯୋଗ୍ୟତା ଭିତ୍ତିକ ଚାକିରି ଖଣ୍ଡିଏ ଖଣ୍ଡିଏ ପାଇ ଆଜି ଲାଲେ ଲାଲ୍ । ସାଧାରଣ ଜନତା ତା'ଙ୍କ ଆଖିରେ ସତେ ଯେମିତି ପୋକ ମାଛି ସଦୃଶ । ଲାଞ୍ଚୁଆ ଲାଞ୍ଚ ଖାଇବେ ଏବଂ ସାଧାରଣ ଜନତାକୁ ନାଲି ଆଖି ସହିତ ଦୁର୍ବ୍ୟବହାର ଦେଖାଇବାକୁ ମଧ ଭୁଲନ୍ତି ନାହିଁ । ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁଠି ଚାଲିଛି ଲାଞ୍ଚ,ପ୍ରାୟ ପ୍ରତିଟି ସ୍ଥାନରେ ଲାଞ୍ଚ ନ ଦେଲେ କାର୍ଯ୍ୟ ହୁଏ ନାହିଁ । ଏହାହିଁ ଗଣତନ୍ତ୍ର ଶାସନର ନମୁନା...ଲୋକଙ୍କ ପାଇଁ, ଲୋକଙ୍କ ଦ୍ୱାରା ଏବଂ ଲୋକଙ୍କର ଶାସନ ତଥା ଆମ ନିର୍ବାଚିତ ଶାସନ କର୍ତ୍ତାଙ୍କ ଦାୟିତ୍ୱହୀନତାର ଏକ ନିଛକ ଉଦାହରଣ ।

ସରକାରଙ୍କ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ଆସୁଥିବା ଅର୍ଥ ୭୫ ପ୍ରତିଶତ ବାଟ ମାରଣା ହୋଇ ୨୫ ପ୍ରତିଶତ କାର୍ଯ୍ୟରେ ନିୟୋଜିତ ହେଉଛି । ସରକାରଙ୍କ ଜ୍ଞାତ ବା ଅଜ୍ଞାତରେ ଅନେକ ଦୁର୍ନୀତିଖୋର ବ୍ୟକ୍ତି ବିଶେଷଙ୍କ ଲାଗି ସାଧାରଣ ଜନତା ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି । ଏହାର ଫଳ ସ୍ୱରୂପ ସରକାର ପ୍ରତ୍ୟକ୍ଷ ବା ପରୋକ୍ଷରେ ବଦନାମ ହେଉଛନ୍ତି ।

କମ୍ବଳ ଯାକ ତ' ବାଳ କାହାକୁ ବାଛିବ ? ଦୁର୍ନୀତି ନିବାରଣ ବିଭାଗକୁ ଆହୁରି ସୁଦୃଢ଼ କରି ସି :ବି :ଆଇ ଢାଞ୍ଚାରେ କ୍ଷମତା ଦେବା ଦରକାର । ବିଭାଗୀୟ ମୁଖ୍ୟ ତଥା ଅଧିକାରୀମାନଙ୍କୁ ଚାପ ମୁକ୍ତ କରି ଅଧିକ କ୍ଷମତା ଦେବା ଫଳରେ ଦୁର୍ନୀତି ନିବାରଣ ବିଭାଗ ଅଧିକ ସକ୍ରିୟ ହୋଇ ଦେଶବାସୀଙ୍କ ଆସ୍ଥାଭାଜନ ହେବା ସହିତ ଦୁର୍ନୀତିର ମୂଳୋତ୍ପାଟନ କରିବାକୁ ସକ୍ଷମ ହୋଇ ପାରିବ । ସରକାର ଯଦି ଅନ୍ତରରୁ ଚାହିଁବେ ହୁଏତ ଭବିଷ୍ୟତରେ ଏହି 'ଦୁର୍ନୀତି' ରାକ୍ଷସ କବଳରୁ ଆଂଶିକ ମୁକ୍ତି ମିଳିବ । ପ୍ରତିବର୍ଷ ପୃଥିବୀରେ ଦୁର୍ନୀତି ରାକ୍ଷସ ତା'ର କାୟା ମେଲାଇ ଚାଲିଛି ।

ଯଦି ତୃଣମୂଳରୁ ଏହାକୁ ନିପାତ ନ'କରିବା ତେବେ ଆମେ ନିଜ ଗୋଡ଼କୁ ନିଜେ କୁରାଢି ମାରିବା ଅବସ୍ଥା ହେବ । ଦେଶର ଅର୍ଥନୀତିକୁ ଉଇ ପରି ଚରି ଯାଉଥିବା ଏପରି ଗୋଷ୍ଠୀଙ୍କୁ ଦୃଢ ହସ୍ତରେ ଦମନ କରାଯିବାର ସମୟ ଉପନୀତ । ତେବେ ବିଲେଇ ବେକରେ କିଏ ଘଣ୍ଟି ବାନ୍ଧିବ ?

ମୋ: ୯୯୩୭୧୭୪୦୯୭

# ଜୀବନର ପ୍ରତ୍ୟେକ କ୍ଷଣ ଏକ ସୁଯୋଗ ...

## ପ୍ରଦେଶ ପ୍ରତ୍ୟୁଷ

ଜୀବନର ଯାତ୍ରା ଖୁବ୍ ଲମ୍ବା, ଯାହାର ପ୍ରତ୍ୟେକ ମୁହୂର୍ତ୍ତ ଏକ ଅମୂଲ୍ୟ ଉପହାର। ଏହି ଉପହାରକୁ ଆମେ କିପରି ଗ୍ରହଣ କରୁଛୁ, ତାହା ଆମର ଭବିଷ୍ୟତ ନିର୍ଦ୍ଧାରଣ କରେ। ସଫଳ ତା କେବଳ ଏକ ଗନ୍ତବ୍ୟସ୍ଥଳ ନୁହେଁ, ବରଂ ଏକ ଅବିରତ ଯାତ୍ରା ଯାହା ସଂଘର୍ଷ, ପରିଶ୍ରମ ଓ ନକାରାତ୍ମକତାକୁ ଦୂର କରିବା ଦ୍ୱାରା ହାସଲ କରିହୁଏ। ଜୀବନର ପ୍ରତ୍ୟେକ କ୍ଷଣକୁ ସୁଯୋଗରେ ପରିଣତ କରି ଆମେ ସଫଳତାର ଶିଖରକୁ ଛୁଇଁ ପାରିବା। ଆମର ପୂର୍ବସୂରୀ ଓ ମହାନ ବ୍ୟକ୍ତିଙ୍କ ଉଦ୍ୟମ, ପ୍ରଚେଷ୍ଟା ଓ ଧୀଶକ୍ତିକୁ ଅନୁସରଣ କରି ଆମର ଦୈନିକ ଜୀବନର ଯାତ୍ରାକୁ ଆଲୋକିତ କରି ପାରିବା।

ସଫଳତା କେବେ ହେଲେ ସହଜରେ ମିଳେ ନାହିଁ। ଏହା ଏକ କଠିନ ସଂଘର୍ଷର ଫଳ। ଯେତେବେଳେ ଆମେ ଅସଫଳତାର ସାମ୍ନା କରୁ, ସେତେବେଳେ ସଂଘର୍ଷ ଆମକୁ ଶକ୍ତି ଦେଇଥାଏ। ଥମାସ୍ ଆଲଭା ଏଡିସନ୍, ବିଦ୍ୟୁତ୍ ବଲ୍‌ବର ଉଦ୍ଭାବକ, ଏହାର ଜ୍ୱଳନ୍ତ ଉଦାହରଣ। ସେ ୧୦୦୦ରୁ ଅଧିକ ଅସଫଳ ପ୍ରୟୋଗ ପରେ ସଫଳ ହୋଇଥିଲେ। ତାଙ୍କ କଥାରେ, “ମୁଁ ୧୦୦୦ ଥର ଅସଫଳ ହୋଇ ନଥିଲି, ବରଂ ୧୦୦୦ ଉପାୟ ଖୋଜିଥିଲି ଯାହା କାମ କରୁନ ଥିଲା।“ ଏହି ପରିଶ୍ରମ ଓ ଧୈର୍ଯ୍ୟ ତାଙ୍କୁ ବିଶ୍ୱର ମହାନ୍ ଉଦ୍ଭାବକ କରିଥିଲା। ଆମର ଜୀବନରେ ମଧ୍ୟ ପ୍ରତ୍ୟେକ ଅସଫଳତା ଏକ ସୁଯୋଗ – ନୂଆ ଉପାୟ ଖୋଜିବାର। ଆମ ସମୟର ସଫଳ ବ୍ୟକ୍ତି ଏଲନ୍ ମସ୍କଙ୍କୁ ନେଲେ, ସେ ସ୍ପେସ୍‌ଏକ୍ସର ପ୍ରଥମ ତିନୋଟି ରକେଟ୍ ଉତ୍କ୍ଷେପଣରେ ବିଫଳ ହୋଇଥିଲେ। କିନ୍ତୁ ସେ ହାର୍ ମାନି ନଥିଲେ। ଚତୁର୍ଥ ଥର ସଫଳ ହେବା ପରେ ଆଜି ସ୍ପେସ୍‌ଏକ୍ସ ମହାକାଶ ଯାତ୍ରାରେ ଅଗ୍ରଣୀ ପାଲଟିଛି। ମସ୍କଙ୍କ କହିବାନୁସାରେ, “ଯଦି ତୁମେ କିଛି ଚେଷ୍ଟା କରୁନାହଁ, ତୁମେ କେବେ ବିଫଳ ହେବ ନାହିଁ, କିନ୍ତୁ ସଫଳ ମଧ୍ୟ ହେବ ନାହିଁ।” ଏହା ଶିଖାଏ ଯେ ସଂଘର୍ଷ ବିନା ସଫଳତା ଅସମ୍ଭବ। ଜୀବନରେ ନକାରାତ୍ମକ ଚିନ୍ତାଧାରା ଏକ ବଡ଼ ବାଧା। ଭୟ, ସନ୍ଦେହ ଓ ଅଳସୁଆ ଆମକୁ ପଛକୁ ଟାଣିଥାଏ। ଏହାକୁ ଦୂର କରି ସକାରାତ୍ମକ ଦୃଷ୍ଟିକୋଣ ଅବଲମ୍ବନ କରିବା ଆବଶ୍ୟକ। ମହାତ୍ମା ଗାନ୍ଧୀ ବ୍ରିଟିଶ୍ ଶାସନର ନକାରାତ୍ମକ ଚାପ ସତ୍ତ୍ୱେ ଅହିଂସା ଓ ସତ୍ୟର ପଥରେ ଆଗେଇ ଭାରତକୁ ସ୍ୱାଧୀନତା ଦେଇଥିଲେ। ତାଙ୍କର ଦୃଢ଼ ବିଶ୍ୱାସ ଯେ “ଦୁର୍ବଳ ଲୋକ କ୍ଷମା ମାଗିପାରେ ନାହିଁ, କ୍ଷମା ହେଉଛି ବଳବାନଙ୍କ ଗୁଣ।” ଏହା ନକାରାତ୍ମକତାକୁ ସକାରାତ୍ମକତାରେ ପରିଣତ କରିବାର ଏ ସ୍ୱତନ୍ତ୍ର ସୂତ୍ର।

ଜେ.କେ. ରାଉଲିଙ୍ଗ୍, ହ୍ୟାରି ପଟର୍ ସିରିଜ୍ ପ୍ରସିଦ୍ଧ ଲେଖିକା। ସେ ଜଣେ ଏକଲା ମାଆ ଭାବେ ଦାରିଦ୍ର୍ୟ ଓ ମାନସିକ ଅବସାଦର ସାମ୍ନା କରି ୧୨ ଜଣ ପ୍ରକାଶକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିଲେ। କିନ୍ତୁ ହାରି ଯାଇ ନ ଥିଲେ। ମନୋବଳକୁ ଦୃଢ କରିଥିଲେ ଏବଂ ସମସ୍ତ ନକାରାତ୍ମକତାକୁ ଦୂର କରି ଲେଖା ଜାରି ରଖିଥିଲେ। ଆଜି ସେ ବିଶ୍ୱର ସବୁଠାରୁ ଧନୀ ଲେଖିକା। ଏହା ପ୍ରମାଣ କରେ ଯେ ନକାରାତ୍ମକତାକୁ ଜୀବନରୁ ବାହାର କରି ପ୍ରତ୍ୟେକ କ୍ଷଣକୁ ସୁଯୋଗରେ ବଦଳାଇ ପାରିବା।

ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଏକ ନୂଆ ଆରମ୍ଭ। ସକାଳର ସୂର୍ଯ୍ୟୋଦୟ ଏକ ସୁଯୋଗ ନୂଆ ଲକ୍ଷ୍ୟ ନିର୍ଦ୍ଧାରଣ କରିବାର, ରାତ୍ରିର ନିଶ୍ଚିତତା ଏକ ସୁଯୋଗ ଆତ୍ମ-ମୂଲ୍ୟାଙ୍କନ କରିବାର। ଆବ୍ରାହାମ୍ ଲିଙ୍କନ୍, ଆମେରିକାର ରାଷ୍ଟ୍ରପତି, ଅନେକ ନିର୍ବାଚନରେ ପରାଜିତ ହୋଇଥିଲେ, ବ୍ୟବସାୟରେ ଦେବାଳିଆ ହୋଇଥିଲେ, କିନ୍ତୁ ପ୍ରତ୍ୟେକ ଅସଫଳତାକୁ ସୁଯୋଗ ଭାବେ ଗ୍ରହଣ କରି ଦାସତ୍ୱ ପ୍ରଥା ଉଚ୍ଛେଦ କରିଥିଲେ।

ଭାରତର ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ୍ କଲାମ୍ ଏକ ଗରିବ ପରିବାରରୁ ଆସି ଖବରକାଗଜ ଏକଦା ବିକ୍ରି କରୁଥିଲେ। କିନ୍ତୁ ଶିକ୍ଷା ଓ ସ୍ୱପ୍ନକୁ ସୁଯୋଗ କରି ଭାରତର ମିସାଇଲ୍ ମ୍ୟାନ୍ ହୋଇଥିଲେ। ତାଙ୍କ କଥା, “ସ୍ୱପ୍ନ ସେଇଟା ନୁହେଁ ଯାହା ନିଦରେ ଦେଖାଯାଏ, ସ୍ୱପ୍ନ ସେଇଟା ଯାହା ନିଦ ଆସିବାକୁ ଦିଏ ନାହିଁ।”

ପ୍ରିୟ ପାଠକ, ଜୀବନର ପ୍ରତ୍ୟେକ କ୍ଷଣ ଏକ ସୁଯୋଗ – ସଂଘର୍ଷ କରିବାର, ନକାରାତ୍ମକତା ଦୂର କରିବାର ଓ ସଫଳତା ହାସଲ କରିବାର। ଏଡିସନ୍, ମସ୍କ, ଗାନ୍ଧୀ, ରାଉଲିଙ୍ଗ୍, ଲିଙ୍କନ୍ ଓ କଲାମଙ୍କ ପରିଶ୍ରମ ଆମକୁ ଶିଖାଏ ଯେ ସଫଳତା ଦୂର ନୁହେଁ, କେବଳ ଆମର ଦୃଢ଼ତା ଓ ସକାରାତ୍ମକ ଦୃଷ୍ଟିକୋଣ ଉପରେ ନିର୍ଭର କରେ। ଭାଙ୍ଗି ନ ପଡ଼ି ଆସନ୍ତୁ ଆଜି ଠାରୁ ଉଠିବା , ସଂଘର୍ଷ କରିବା ଓ ପ୍ରତ୍ୟେକ କ୍ଷଣକୁ ଆପଣାର କରିବା। ସଫଳତା ଆମକୁ ଅପେକ୍ଷା କରିଛି। ସକାଳର ସୂର୍ଯ୍ୟୋଦୟ ପ୍ରଥମ ସ୍ପର୍ଶରେ ଆମର ସଫଳତାର କିରଣ ବିଚ୍ଛୁରିତ ହେଉ । ମନକୁ ସବୁ କ୍ଲାନ୍ତି ଅବସାଦ ଓ ଗ୍ଲାନି ଅପସରି ଯାଉ ସୂର୍ଯ୍ୟାସ୍ତ ହେବା ପରି ।

କୁରୁମଟାଙ୍ଗର, ମହୁଲପଡା,ଢେଙ୍କାନାଳ
ମୋ-୭୦୦୮୪୩୧୨୫୭

# ନିର୍ବାଚନ ଅଖଣ୍ଡତା

## ସୌଭାଗ୍ୟ ରଂଜନ ମହାନ୍ତି

**ଅସଦାଚରଣ କିମ୍ବା ଆଚରଣ ସଂହିତା ଉଲ୍ଲଂଘନ ପାଇଁ ଦୋଷୀ ସାବ୍ୟସ୍ତ ସରକାରୀ ଅଧିକାରୀମାନେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ, ଯେଉଁଥିରେ ଅନ୍ତର୍ଭୁକ୍ତ କିନ୍ତୁ ସୀମିତ ନୁହେଁ- ନିର୍ବାଚନ ଦାୟିତ୍ୱରୁ ନିଲମ୍ବନ କିମ୍ବା ବହିଷ୍କାର - ପ୍ରାସଙ୍ଗିକ ସେବା ନିୟମ ଅନୁଯାୟୀ ସ୍ଥାନାନ୍ତର କିମ୍ବା ପ୍ରତ୍ୟାବର୍ତ୍ତନ - ପ୍ରଯୁଜ୍ୟ ହେଲେ ଆଇନ ଅନୁଯାୟୀ ଦଣ୍ଡବିଧାନ ମୁକ୍ତ, ନିରପେକ୍ଷ ଏବଂ ସ୍ୱଚ୍ଛ ନିର୍ବାଚନ ସୁନିଶ୍ଚିତ କରିବାରେ ସରକାରୀ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନେ ସଚ୍ଚୋଟତା, ନିରପେକ୍ଷତା ଏବଂ ଉତ୍ତରଦାୟିତ୍ୱର ସର୍ବୋଚ୍ଚ ମାନଦଣ୍ଡ ପାଳନ କରିବା ଅତ୍ୟନ୍ତ ଜରୁରୀ। ଏହାଦ୍ୱାରା, ସେମାନେ କେବଳ ସେମାନଙ୍କ ଉପରେ ପ୍ରଦତ୍ତ ବିଶ୍ୱାସକୁ ବଜାୟ ରଖନ୍ତି ନାହିଁ ବରଂ ଗଣତନ୍ତ୍ରରେ ସ୍ୱାସ୍ଥ୍ୟରେ ମଧ ଯୋଗଦାନ ଦିଅନ୍ତି।**

ସରକାରୀ ଅଧିକାରୀଙ୍କ ଜରୁରୀ ଭୂମିକା ନିର୍ବାଚନ ପ୍ରକ୍ରିୟାରେ ସଂରକ୍ଷମ ଭାବରେ, ସରକାରୀ ଅଧିକାରୀମାନେ ନିର୍ବାଚନର ଅଖଣ୍ଡତା, ସ୍ୱଚ୍ଛତା ଏବଂ ନିରପେକ୍ଷତା ସୁନିଶ୍ଚିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଏହି ଗୁରୁତପୂର୍ଣ୍ଣ ସମୟରେ ସେମାନଙ୍କର ଆଚରଣ କେବଳ ବ୍ୟକ୍ତିଗତ ଅଖଣ୍ଡତାର ବିଷୟ ନୁହେଁ ବରଂ ସେମାନେ ସେବା କରୁଥିବା ଅନୁଷ୍ଠାନର ପ୍ରତିଫଳନ ମଧ୍ୟ। ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ଏବଂ ନିର୍ବାଚନ ପ୍ରକ୍ରିୟାର ପବିତ୍ରତାକୁ ବଜାୟ ରଖିବା ପାଇଁ ସରକାରୀ ଅଧିକାରୀମାନେ ଏକ କଠୋର ଆଚରଣ ସଂହିତା ପାଳନ କରିବା ଅତ୍ୟନ୍ତ ଜରୁରୀ। ୧. ନିରପେକ୍ଷତା : ସରକାରୀ ଅଧିକାରୀମାନେ ପକ୍ଷପାତପୂର୍ଣ୍ଣ କିମ୍ବା ଦଳୀୟ ଭାବରେ ବିବେଚିତ ଯେକୌଣସି କାର୍ଯ୍ୟରୁ ବିରତ ରହିବାକୁ ପଡିବ। ୨. ନିୟୋଜନରେ ନିରପେକ୍ଷତା : କୌଣସି ସମ୍ଭାବ୍ୟ ସ୍ୱାର୍ଥ ଦ୍ୱନ୍ଦ୍ୱକୁ ରୋକିବା ପାଇଁ ଅଧିକାରୀମାନଙ୍କୁ ସେମାନଙ୍କ ଗୃହ ଜିଲ୍ଲା କିମ୍ବା ସେମାନଙ୍କର ବ୍ୟକ୍ତିଗତ କିମ୍ବା ପାରିବାରିକ ସ୍ୱାର୍ଥ ଥିବା ଅଞ୍ଚଳରେ ନିୟୋଜନ କରାଯିବା ଉଚିତ ନୁହେଁ। ୩. ପ୍ରଚାର ଉପରେ ନିଷେଧ : ସରକାରୀ ଅଧିକାରୀମାନଙ୍କୁ ନିର୍ବାଚନ ପ୍ରଚାରରେ ଅଂଶଗ୍ରହଣ କରିବା, ସାର୍ବଜନୀନ ବିବୃତି ଦେବା କିମ୍ବା ନିର୍ବାଚନର ଫଳାଫଳକୁ ପ୍ରଭାବିତ କରିପାରୁଥିବା ଯେକୌଣସି ପ୍ରକାରର ରାଜନୈତିକ କାର୍ଯ୍ୟକଳାପରେ ଲିପ୍ତ ହେବା କଡାକଡି ଭାବରେ ନିଷେଧ କରାଯାଇଛି। ୪. ଗୋପନୀୟତା ଏବଂ ଗୋପନୀୟତା : ଅଧିକାରୀମାନେ ଭୋଟଦାନ, ଗଣନା ଏବଂ ଫଳାଫଳ ଘୋଷଣା ସହିତ ଜଡିତ ସମ୍ବେଦନଶୀଳ ସୂଚନା ସମେତ ନିର୍ବାଚନ ପ୍ରକ୍ରିୟାର ଯୋଗନୀୟତା ବଜାୟ ରଖିବା ଆବଶ୍ୟକ। ୫. ଜବାବଦାୟିତା : ସରକାରୀ ଅଧିକାରୀମାନେ ନିର୍ବାଚନ ପ୍ରକ୍ରିୟା ସମୟରେ ସେମାନଙ୍କର କାର୍ଯ୍ୟ ଏବଂ ନିଷ୍ପତ୍ତି ପାଇଁ ଦାୟୀ। ଯେକୌଣସି ତ୍ରୁଟି କିମ୍ବା ଅସଦାଚରଣର ସମ୍ପୂର୍ଣ୍ଣ ତଦନ୍ତ କରାଯିବ ଏବଂ ଦୋଷୀ ସାବ୍ୟସ୍ତ ହୋଇଥିବା ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଦର୍ଶ ଆଚରଣ ସଂହିତା ଏବଂ ସମସ୍ତ ପ୍ରଯୁଜ୍ୟ ଆଇନ ଏବଂ ନିୟମାବଳୀ ପାଳନ କରନ୍ତୁ। ସମସ୍ତ କାର୍ଯ୍ୟ ଏବଂ ନିଷ୍ପତ୍ତିରେ ସ୍ୱଚ୍ଛତା ଏବଂ ଦାୟିତ୍ୱ ବଜାୟ ରଖନ୍ତୁ। ଭୋଟର, ପ୍ରାର୍ଥୀ ଏବଂ ନିର୍ବାଚନ ସମାଗ୍ରୀର ସୁରକ୍ଷା ଏବଂ ସୁରକ୍ଷା ନିଶ୍ଚିତ କରନ୍ତୁ। କରନ୍ତୁ ନାହିଁ – ଯେକୌଣସି ପ୍ରଚାର କିମ୍ବା ରାଜନୈତିକ କାର୍ଯ୍ୟକଳାପରେ ନିୟୋଜନ।

ନିର୍ବାଚନ କମିଶନ ଏବଂ ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କୁ ସତର୍କ ରହିବାକୁ ପଡିବ ଏବଂ ନିର୍ବାଚନ ପ୍ରକ୍ରିୟାର ସଚ୍ଚୋଟତାକୁ ବିପର୍ଯ୍ୟସ୍ତ କରୁଥିବା ଯେକୌଣସି ଅଧିକାରୀଙ୍କ ବିରୁଦ୍ଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡିବ। ନିର୍ବାଚନରେ ସରକାରୀ ଅଧିକାରୀମାନେ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜ ନିର୍ବାଚନ ସମୟରେ ସରକାରୀ ଅଧିକାରୀମାନେ ପ୍ରାୟତଃ ପ୍ରଚୁର ଚାପର ସମ୍ମୁଖୀନ ହୁଅନ୍ତି, ନିରପେକ୍ଷତା ଏବଂ ନିରପେକ୍ଷତା ବଜାୟ ରଖି ନିର୍ବାଚନ ପ୍ରକ୍ରିୟାର ସୁଗମ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଦାୟିତ୍ୱ ଦିଆଯାଏ। ଭୂମିକା ଚ୍ୟାଲେଞ୍ଜପୂର୍ଣ୍ଣ ହୋଇପାରେ । କାରଣ : ୧. ରାଜନୈତିକ ସମ୍ବେଦନଶୀଳତା : ଅଧିକାରୀମାନେ ଫଳାଫଳକୁ ପ୍ରଭାବିତ କରିବା କିମ୍ବା ନିୟମ ବଙ୍କା କରିବା ପାଇଁ ରାଜନୈତିକ ଦଳ କିମ୍ବା ପ୍ରାର୍ଥୀଙ୍କ ଚାପର ସମ୍ମୁଖୀନ ହୋଇପାରନ୍ତି। ୨. ସୁରକ୍ଷା ଚିନ୍ତା : ଭୋଟର, ପ୍ରାର୍ଥୀ ଏବଂ ନିର୍ବାଚନ ସାମଗ୍ରୀର ସୁରକ୍ଷା ସୁନିଶ୍ଚିତ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଂଜ ହୋଇପାରେ, ବିଶେଷକରି ହିଂସା କିମ୍ବା ଅଶାନ୍ତି ପ୍ରବଣ ଅଂଚଳରେ। ୩. ଲଜିଷ୍ଟିକ୍ ଚ୍ୟାଲେଞ୍ଜ : ଭୋଟଗ୍ରହଣ କେନ୍ଦ୍ର ସ୍ଥାପନ, ନିର୍ବାଚନ ସାମଗ୍ରୀ ବଂଟନ ଏବଂ ପର୍ଯ୍ୟାପ୍ତ କର୍ମଚାରୀ ନିଶ୍ଚିତ କରିବା ସମେତ ନିର୍ବାଚନର ଲଜିଷ୍ଟିକ୍ ପରିଚାଳନା ଜଟିଳ ଏବଂ ଦାବିପୂର୍ଣ୍ଣ ହୋଇପାରେ। ୪. ଉଚ୍ଚ ଆଶା : ଅଧିକାରୀମାନେ ଏକ ମୁକ୍ତ, ନିରପେକ୍ଷ ଏବଂ ସ୍ୱଚ୍ଛ ଭାବରେ ନିର୍ବାଚନ ପରିଚାଳନା କରିବେ ବୋଲି ଆଶା କରାଯାଏ, ଯାହା ଏକ ଭାରୀ ଦାୟିତ୍ୱ ହୋଇପାରେ। ୧. ବ୍ୟାପକ ତାଲିମ : ଅଧିକାରୀମାନେ ସେମାନଙ୍କର ଦାୟିତ୍ୱ ନିର୍ବାହ କରିବା ପାଇଁ ସୁସଜ୍ଜିତ ହେବା ନିଶ୍ଚିତ କରିବା ପାଇଁ ନିର୍ବାଚନ ଆଇନ, ପ୍ରକ୍ରିୟା ଏବଂ ସର୍ବୋତମ ଅଭ୍ୟାସ ଉପରେ ପୁଙ୍ଖାନୁପୁଙ୍ଖ ତାଲିମ ପାଇବା। ୨. ସ୍ପଷ୍ଟ ନିର୍ଦ୍ଦେଶାବଳୀ : ନିର୍ବାଚନ ପରିଚାଳନା ଉପରେ ସ୍ପଷ୍ଟ ଏବଂ ସଂକ୍ଷିପ୍ତ ନିର୍ଦ୍ଦେଶାବଳୀ ଅଧିକାରୀମାନଙ୍କୁ ସୂଚନାପୂର୍ଣ୍ଣ ନିଷ୍ପତ୍ତି ନେବାରେ ଏବଂ ନିୟମ ପ୍ରୟୋଗରେ ସ୍ଥିରତା ସୁନିଶ୍ଚିତ କରିବାରେ ସାହାଯ୍ୟ କରିପାରିବ। ୩. ଉଚ୍ଚାଧିକାରୀ ଠାରୁ ସମର୍ଥନ : ଭୂମିକାର ଚାପ ଏବଂ ଚ୍ୟାଲେଞ୍ଜ ପରିଚାଳନା କରିବାରେ ସାହାଯ୍ୟ କରିବା ପାଇଁ ଅଧିକାରୀମାନଙ୍କର ସେମାନଙ୍କ ଉପରିସ୍ଥ ଏବଂ ଅନ୍ୟ କର୍ତ୍ତୃପକ୍ଷଙ୍କ ଠାରୁ ସମର୍ଥନ ପାଇବା ଉଚିତ। ୪. ଅନୁଚିତ ପ୍ରଭାବରୁ ସୁରକ୍ଷା : ରାଜନୈତିକ ଦଳ କିମ୍ବା ଅନ୍ୟାନ୍ୟ ଅଂଶୀଦାରଙ୍କ ଅନୁଚିତ ପ୍ରଭାବ କିମ୍ବା ଚାପରୁ ଅଧିକାରୀମାନଙ୍କୁ ସୁରକ୍ଷା ଦେବା ପାଇଁ ବ୍ୟବସ୍ଥା କରିବା ଉଚିତ। ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତା ଏବଂ ବୈଧତା ସୁନିଶ୍ଚିତ କରିବା ପାଇଁ ନିର୍ବାଚନରେ ସରକାରୀ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କୁ ଆବଶ୍ୟକୀୟ ସମର୍ଥନ, ତାଲିମ ଏବଂ ସମ୍ବଳ ଯୋଗାଇ ଆମେ ସେମାନଙ୍କୁ ପ୍ରଭାବଶାଳୀ ଭାବରେ ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିବାରେ ଏବଂ ନିର୍ବାଚନ ବ୍ୟବସ୍ଥାରେ ଜନସାଧାରଣଙ୍କ ବିଶ୍ୱାସକୁ ବଜାୟ ରଖିବାରେ ସାହାଯ୍ୟ କରିପାରିବ। ନିର୍ବାଚନ ପରିଚାଳନାରେ ସରକାରୀ ଅଧିକାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହା ଅତ୍ୟନ୍ତ ସଚ୍ଚୋଟତା, ନିରପେକ୍ଷତା ଏବଂ ବୃତ୍ତିଗତତାର ଦାବି କରେ। ତଥାପି, ବାସ୍ତବତା ହେଉଛି ଯେ ଏହି ଅଧିକାରୀମାନେ ପ୍ରାୟତଃ ବିଭିନ୍ନ ବର୍ଗରୁ କଠୋର ଚାପରେ ପଡିଥାନ୍ତି, ସେମାନଙ୍କର ଦକ୍ଷତା ଏବଂ ସଂକଳ୍ପକୁ ପରୀକ୍ଷା କରନ୍ତି। ବିପଦ ଅଧିକ ଏବଂ ବିଫଳତାର ପରିଣାମ ଭୟଙ୍କର, କେବଳ ଅଧିକାରୀଙ୍କ ପାଇଁ ନୁହେଁ ବରଂ ଗଣତନ୍ତ୍ରର ଗଠନ ପାଇଁ। ନିର୍ବାଚନ ଅଧିକାରୀମାନେ ବହୁବିଧ ଉତ୍ସରୁ ଚାପର ସମ୍ମୁଖୀନ ହୁଅନ୍ତି, ଯଥା ୧. ରାଜନୈତିକ ଦଳ ଏବଂ ପ୍ରାର୍ଥୀ : ଅନୁକୂଳ ବ୍ୟବହାର, ଶେଷ ମୁହୂର୍ତ୍ତର ଅନୁରୋଧ ଏବଂ ପ୍ରତ୍ୟେକ ନିଷ୍ପତ୍ତିର ଯାଂଚ ଆଶା କରିବା। ୨. ଭୋଟର ଏବଂ ନାଗରିକ ସମାଜ : ଗଣମାଧ୍ୟମର ତୀବ୍ର ଯାଞ୍ଚ ସହିତ, ସ୍ୱଚ୍ଛତା, ନିରପେକ୍ଷତା ଏବଂ ଦାୟିତ୍ୱ ଦାବି କରିବା। ୩. ସୁରକ୍ଷା ବିପଦ : ସମ୍ଭାବ୍ୟ ହିଂସା, ଭୟଭୀତ କରିବା ଏବଂ ବାଧା ଅଧିକାରୀ ଏବଂ ଭୋଟରଙ୍କ ପାଇଁ ଲକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଂଜ ସୃଷ୍ଟି କରେ। ଦାୟିତ୍ୱ ଭାର : ନିର୍ବାଚନ ଅଧିକାରୀମାନଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ଚ୍ୟାଲେଂଜ ମୁକ୍ତ ନିରପେକ୍ଷ ଏବଂ ସ୍ୱଚ୍ଛ ନିର୍ବାଚନ ପରିଚାଳନାର ଭାର ଏକ ଭାରୀ। ଅଧିକାରୀମାନେ ନିଶ୍ଚିତ ଭାବେ ୧. ଆଇନ ପାଳନ କରନ୍ତୁ ନିର୍ବାଚନ ଆଇନ, ନିୟମାବଳୀ ଏବଂ ନିର୍ଦ୍ଦେଶବଳୀର କଠୋର ପାଳନ ନିଶ୍ଚିତ କରନ୍ତୁ। ୨. ନିରପେକ୍ଷତା ବଜାୟ ରଖନ୍ତୁ : ସମସ୍ତ ପ୍ରାର୍ଥୀଙ୍କ ପାଇଁ ସେମାନେ ସୁଯୋଗ ସୁନିଶ୍ଚିତ କରିବା ସହିତ ପକ୍ଷପାତ କିମ୍ବା ପକ୍ଷପାତିତାର ଦୃଶ୍ୟକୁ ମଧ ଏଡାନ୍ତୁ। ୩. ଲଜିଷ୍ଟିକ ପରିଚାଳନା କରନ୍ତୁ : ଭୋଟଦାନ, ଗଣନା ଏବଂ ଫଳାଫଳ ଘୋଷଣା ସମେତ ଜଟିଳ ନିର୍ବାଚନ ପ୍ରକ୍ରିୟାଗୁଡିକର ସମନ୍ୱୟ କରନ୍ତୁ। ୪. ସୁରକ୍ଷା ସୁନିଶ୍ଚିତ କରନ୍ତୁ : ଆଇନ ଏବଂ ଶୃଙ୍ଖଳା ବଜାୟ ରଖି ଭୋଟର, ପ୍ରାର୍ଥୀ ଏବଂ ଅଧିକାରୀମାନଙ୍କୁ କ୍ଷତିରୁ ରକ୍ଷା କରନ୍ତୁ। ବିଫଳତାର ପରିଣାମ : ଗଣତନ୍ତ୍ରକୁ ଦୁର୍ବଳ କରିବା, ବିଫଳତାର ପରିଣାମ ସୁଦୂରପ୍ରସାରୀ ଏବଂ ସମ୍ଭାବ୍ୟ ବିନାଶକାରୀ। ୧. ବିଶ୍ୱାସର କ୍ଷୟ : ନିର୍ବାଚନ ପ୍ରକ୍ରିୟା ଏବଂ ସଂସ୍ଥାଗୁଡିକ ପ୍ରତି ଜନସାଧାରଣଙ୍କ ବିଶ୍ୱାସ ହରାଇବା। ୨. ସାମାଜିକ ଅଶାନ୍ତି : ହିଂସା, ପ୍ରତିବାଦ ଏବଂ ସାମାଜିକ ଅସ୍ଥିରତାର ସମ୍ଭାବନା। ୩. ଗଣତାନ୍ତ୍ରିକ ପଛକୁ ହଟିବା : ଗଣତନ୍ତ୍ରର ମୂଳଦୁଆକୁ ଦୁର୍ବଳ କରିବା। ଆଗକୁ ଯିବାର ପଥ : ନିର୍ବାଚନ ଅଧିକାରୀମାନଙ୍କୁ ସମର୍ଥନ କରିବା ନିର୍ବାଚନ ପ୍ରକ୍ରିୟାରେ ଅଖଣ୍ଡତା ସୁନିଶ୍ଚିତ କରିବା ପାଇଁ, ଏହା ଜରୁରୀ। ୧. ଦୃଢ ତାଲିମ ପ୍ରଦାନ କରନ୍ତୁ : ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବା ପାଇଁ ଅଧିକାରୀମାନଙ୍କୁ ଦକ୍ଷତା ଏବଂ ଜ୍ଞାନ ସହିତ ସଜ୍ଜିତ କରନ୍ତୁ। ୨. ପର୍ଯ୍ୟାପ୍ତ ସମ୍ବଳ ସୁନିଶ୍ଚିତ କରନ୍ତୁ : ସୁଗମ ନିର୍ବାଚନକୁ ସହଜ କରିବା ପାଇଁ ପର୍ଯ୍ୟାପ୍ତ ସମ୍ବଳ, ଭିତ୍ତିଭୂମି ଏବଂ ସମର୍ଥନ ଯୋଗାଇ ଦିଅନ୍ତୁ। ୩. ଅଧିକାରୀଙ୍କୁ ସୁରକ୍ଷା ଦିଅନ୍ତୁ : ଅଧିକାରୀଙ୍କ ସୁରକ୍ଷା ଏବଂ ସୁରକ୍ଷା ସୁନିଶ୍ଚିତ କରନ୍ତୁ, ଏବଂ ସେମାନଙ୍କୁ ଅଯଥା ଚାପ ଏବଂ ଭୟଭୀତ କରିବାରୁ ରକ୍ଷା କରନ୍ତୁ। ୪. ସଚ୍ଚୋଟତାର ସଂସ୍କୃତିକୁ ବୃଦ୍ଧି କରନ୍ତୁ : ନିର୍ବାଚନ ଯନ୍ତ୍ରପାତି ମଧରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଅଖଣ୍ଡତା ସଂସ୍କୃତିକୁ ପ୍ରୋତ୍ସାହିତ କରନ୍ତୁ।

ମୋ-୭୯୭୮୬୬୬୪୦୩

## ମୋନ୍ଥା ପ୍ରଭାବ: ବିଲରେ ପଡ଼ିଲା ଧାନ

ନୟାଗଡ଼,୧।୧୧ (ନିପ୍ର); ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ମୋନ୍ଥା ପ୍ରଭାବରେ ନୟାଗଡ଼ ଜିଲ୍ଲାର ସମସ୍ତ ବ୍ଲକ ଅଞ୍ଚଳରେ ଗତ ୨୭ ତାରିଖ ସନ୍ଧ୍ୟାରୁ ଅବିଶ୍ରାନ୍ତ ବର୍ଷା ଲାଗି ରହିଥିବା ବେଳେ ଗତ ୨ ଦିନ ହେଲା ସାମୟିକ ଭାବେ ବର୍ଷା ଛାଡି ଯାଇଥିଲା । ବାତ୍ୟା ଫେରିଯାଇଥିବା ବେଳେ ଏହି ବାତ୍ୟା ପ୍ରଭାବରେ ବ୍ୟାପକ ପରିମାଣର ଧାନ ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଯାଇଛି । ବିଭିନ୍ନ ସ୍ଥାନରେ ଧାନ ପଡ଼ି ଯାଇଥିବା ଦେଖିବାକୁ ମିଳିଛି। ନୟାଗଡ଼ ଜିଲ୍ଲାରେ ହାରାହାରି ୨୧.୬.୬ ମିଲିମିଟର ବର୍ଷା ହୋଇଥିବା ରେକର୍ଡ ହୋଇଛି। ମଙ୍ଗଳବାର ୨୬.୧୩ ମିଲିମିଟର ବର୍ଷା ରେକର୍ଡ ହୋଇଛି ଓ ଭାପୁର ବ୍ଲକରେ ୨୫.୩, ଦଶପଲ୍ଲା ୧୭.୮, ଗଣିଆ ୧୩, ଖଣ୍ଡପଡ଼ା ୨୪୧, ନୟାଗଡ଼ ୩୦.୬, ନୂଆଗାଁ ୧୪.୧, ଓଡ଼ଗାଁ ୩୮, ୧୩ ଓ ରଣପୁର ବ୍ଲକରେ ୪୬ ମିମି ବର୍ଷା ରେକର୍ଡ ହୋଇଥିବା ସୂଚନା ମିଳିଛି। ଏହା ବାଦ୍ ବୁଧବାର ଓ ଗୁରୁବାର ସାରା ବର୍ଷା ଲାଗି ରହିଛି।ବର୍ଷା କାରଣରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ବେଳେ ବ୍ୟାପକ ଫସଲ ହାନି ହେବା ପରିସ୍ଥିତି ସୃଷ୍ଟି ହୋଇଛି। ଛୋଟ ଧାନ ଗୁଡ଼ିକ ଅମଳକ୍ଷମ ହୋଇ ସାରିଥିବା ବେଳେ ଏହି ବର୍ଷା ପ୍ରଭାବରେ ବ୍ୟାପକ କ୍ଷତି ହେବାର ସମ୍ଭାବନା ଦେଖାଯାଇଛି। ପାଚିଲା ଧାନ ଗମିବା ପରି ପରିସ୍ଥିତି ହୋଇଥିବା ବେଳେ ଫୁଲ ଉଡ଼ାଉଥିବା ଧାନ ବିଶେଷ କ୍ଷତି ଗ୍ରସ୍ତ ହୋଇଛି । ଅନେକ ସ୍ଥାନରେ କଞ୍ଚା ଫୁଲଉଡ଼ା ଧାନ ପାଣିରେ ପଡ଼ି ଯାଇଛି। ସେହିଭଳି ଭାବେ ଜିଲ୍ଲାରେ ବିଭିନ୍ନ ସ୍ଥାନରେ କରାଯାଉଥିବା ସବୁଜ ପନିପରିବା ଚାଷ ମଧ୍ୟ କ୍ଷତିଗ୍ରସ୍ତ ହେବ ବୋଲି ଅନୁମାନ କରାଯାଉଛି।



## ୧୧ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳାଙ୍କ ମୃତ୍ୟୁ

ଗୋଲାମୁଣ୍ଡା,୧।୧୧ (ନିପ୍ର): କଳାହାଣ୍ଡି ଜିଲ୍ଲା କେଗାଁ ଠାରେ ନିର୍ମାଣାଧୀନ ଘର କାମ କରୁଥିବା ବେଳେ ୧୧ କେଭି ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ହେବା ଅଭିଯୋଗ ହୋଇଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କେଗାଁର ଅଶୋକ ଅଗ୍ରୱାଲ ନୂଆ ଘର ନିର୍ମାଣ କରୁଛନ୍ତି । ସେହି ନିର୍ମାଣାଧୀନ ଘରେ ଶ୍ରମିକ ଭାବେ ପୀତବାସ ପୁଟେଲଙ୍କ ସ୍ତ୍ରୀ ଲବଣି ପୁଟେଲ କାମ କରୁଥିଲେ । ଛାତ ଉପରେ କାମ କରୁଥିବା ସମୟରେ ଛାତ ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ଚିକିତ୍ସା ନିମନ୍ତେ ଚପରିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ହେଲେ ସେଠାରେ ଡାକ୍ତର ଲବଣିଙ୍କୁ ମୃତ ଘୋଷଣା କରିଥିଲେ ।

## ଆଦିବାସୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

ରାୟଗଡା,୧।୧୧ (ନିପ୍ର):ଆଦିବାସୀ ଛାତ୍ରୀଙ୍କୁ ଅଧ୍ୟାପକଙ୍କ ଅସଦାଚରଣ ଅଭିଯୋଗ ନେଇ ବିକ୍ଷୋଭ ପ୍ରଦର୍ଶନ ହୋଇଛି। ପ୍ରତିବାଦରେ ଉତ୍କଳ ଗୌରବ ମଧୁସୂଦନ ବୈଷୟିକ ଅନୁଷ୍ଠାନ, ରାୟଗଡା ମୁଖ୍ୟ ଫାଟକ ଆଗରେ ଛାତ୍ରଛାତ୍ରୀଙ୍କ ଧାରଣା, ବିକ୍ଷୋଭ ପ୍ରଦର୍ଶନ, ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି। ଉତ୍କଳ ଗୌରବ ମଧୁସୂଦନ ବୈଷୟିକ ଅନୁଷ୍ଠାନର ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ଏକ ପ୍ରଥମ ବର୍ଷର ସିଭିଲ ଇଞ୍ଜିନିଅରିଙ୍ଗ ବିଭାଗରେ ପଢୁଥିବା ଏକ ଆଦିବାସୀ ଛାତ୍ରୀଙ୍କୁ ଅସଦାଚରଣ କରାଯାଇଥିବା ପ୍ରତିବାଦରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଜାରି ରଖିଛନ୍ତି।ଏହି ଘଟଣାକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ପୋଲିସ ପହଞ୍ଚିଛି। ଅନୁଷ୍ଠାନର ଗଣିତ ଅଧ୍ୟାପକଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆଣିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ନ୍ୟାୟ ଭିକ୍ଷା କରିଛନ୍ତି ପୀଡିତା ସମେତ ଅନୁଷ୍ଠାନର ଛାତ୍ରୀ ଛାତ୍ରମାନେ। ହେଲେ ଅଣାଯାଇଥିବା ଏହି ଅସଦାଚରଣ ଘଟଣାକୁ ଚାପିଦେବା ପାଇଁ ପ୍ରଚେଷ୍ଟା କରାଯାଉଥିବା ଛାତ୍ରୀ ଛାତ୍ରମାନେ ଅଭିଯୋଗ କରିଛନ୍ତି। କିନ୍ତୁ ଗଣିତ ବିଭାଗର ଅଧ୍ୟାପକ ତାଙ୍କ ବିରୋଧରେ ଅଣା ଯାଇଥିବା ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

କାଶୀନଗର,୧।୧୧ (ନିପ୍ର); କାଶୀନଗର ବ୍ଲକ ଅନ୍ତର୍ଗତ ଖାଣ୍ଡବା ବଂଶ ଧାରା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାଶୀନଗର ବ୍ଲକ ଅଧକ୍ଷା ବାଲା ସାଇମ୍ମା ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଚୌଧୁରୀ ମାଧବୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏସ. ଗିରିଧାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଜେ. ନର୍ମଦା ଦାସ, ଶିଆଳି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବରାଜ ଜେନା, କୀଡୀଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମ ବାବୁ ଓ ଖଣ୍ଡାବା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗଦେଇଥିଲେ। ଛାତ୍ରଛାତ୍ରୀ ମାନଙ୍କୁ କ୍ରୀଡାକୁ ସରକାରସ୍ତରରେ ଗୁରୁତ୍ୱ, କ୍ରୀଡା ଦ୍ୱାରା ଶାରୀରିକର ବିକାଶ ଓ କ୍ରୀଡା କ୍ଷେତ୍ର ରେ ଥିବା ସରକାରୀ ପ୍ରୋତ୍ସାହନ ବିଷୟରେ ବକ୍ତବ୍ୟ ରଖିଥିଲେ। ଏଠାରେ କବାଡି, ଖୋକ, ଜବଲିଙ୍ଗ ଥ୍ରୋ, ଯୋଗାସନ, ଫୁଟବଲ ଓ ଦୌଡ଼ କୁଦ ପ୍ରତିଯୋଗିତାରେ ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରି ଥିଲେ. ଏଠାରେ ଯେଉଁ ଛାତ୍ରଛାତ୍ରୀମାନେ କୃତିତ୍ୱ ହାସଲ କରିବା ପରେ ସେମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟ ହେବେ।

## ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀ

ବଲାଙ୍ଗିର,୧।୧୧ (ନିପ୍ର); ବଲାଙ୍ଗିର ସଦରମହକୁମା ଠାରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ 'ଏକତା ଦିବସ' ପାଳନ କରାଯାଇଥିଲା। ଏହି ଅବସରରେ ବଲାଙ୍ଗିରରେ ଏକତା ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜି ଇସଲଓ୍ୱାର ଓ ଅତିରିକ୍ତ ଜିଲ୍ଲାପାଳ ଡଃ. ବିଜୟାନନ୍ଦ ସେଠି ଯୋଗଦାନ କରିଥିଲେ । ଜିଲ୍ଲାପାଳ, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଫୋଟଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏଥି ସହିତ ରନ ଫର ୟୁନିଟି ଦୌଡ଼ କାର୍ଯ୍ୟକ୍ରମକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ ଏକତା ଦୌଡ଼ରେ ସାମିଲ ହୋଇଥିଲେ । ଏହି ଏକତା ଦୌଡ଼, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ମହିଳା ମହାବିଦ୍ୟାଳୟ ପର୍ଯ୍ୟନ୍ତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିବିଶେଷ, ଅଧିକାରୀ, କର୍ମଚାରୀ, ଖେଳ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ, ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଏକତା ଦିବସ ପାଳନ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ଶପଥ ପାଠ ଅନୁଷ୍ଠିତ ହୋଇଥିଲା ।

## ଗୋ ସମ୍ପଦକୁ ସୁରକ୍ଷା ଆମର ନୈତିକତା

ଧାମନଗର,୧।୧୧ (ନିପ୍ର); ଧାମନଗର ବ୍ଲକ ଅସୁରାଳି ଗିରି ଗୋବର୍ଦ୍ଧନ ଗୋଶାଳାରେ ଗୋଷ୍ଠାଷ୍ଟମୀ ଉତ୍ସବ ପାଳନ କରାଯାଇଛି ।ପ୍ରାତଃ ସମୟରେ ଶତାଧିକ ଗୋରୁଙ୍କୁ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବା ପରେ ସେମାନଙ୍କୁ ଖାଦ୍ୟ ପ୍ରଦାନ କରାଯାଇଥିଲା। ଯୁବ ସମାଜସେବୀ ସୂରଜ କୁମାର ସାହୁଙ୍କ ଅଧକ୍ଷତାରେ ଉତ୍ସବ ସଭା ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ,ସିଡ଼ିଭିଓ ବୃଷଭାନୁ ବେହେରା,ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ,ବଲ୍ଲଭାଚାର୍ଯ୍ୟ ମହାରାଜ,ବିଭିଓ ଝାଂସିରାଣୀ ତପସ୍ୱୀ,ସରପଞ୍ଚ ମିନତୀ ସାହୁ,ସମିତି ସଭ୍ୟା ପାର୍ବତୀ ପ୍ରଧାନ,ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସମ୍ପାଦକ ବସନ୍ତ କୁମାର ରାଉତ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ ।ସନାତନ ଧର୍ମ ଓ ସଂସ୍କୃତି ଗୋମାତାଙ୍କୁ ସର୍ବଶ୍ରେଷ୍ଠ ମର୍ଯ୍ୟାଦା ଦେଇ ଆସିଥିବା ବେଳେ ଗୋ ମାତା ମାନବ ଜାତିର ଜନନୀ ବୋଲି ଅତିଥିମାନେ ମତଦେଇ ଗୋ ସମ୍ପଦକୁ ସମ୍ମାନ ଏବଂ ସୁରକ୍ଷା ଦେବା ଆମର ନୈତିକତା ବୋଲି କହିଥିଲେ। ଗୋ ସେବା ନିମନ୍ତେ ଦୁର୍ଯ୍ୟୋଧନ ଦାସ,ଧନେଶ୍ୱର ମଲିକ,ରାଜେଶ ସାହୁ,ରାମଚନ୍ଦ୍ର ରାଉତ, ମଦନ ମୋହନ ସାହୁ,ଧନେଶ୍ୱର ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। କନିଷ୍ଠ ଯନ୍ତ୍ରୀ ପ୍ରଭାତ ବେହେରା, ବିଶ୍ୱହିନ୍ଦୁ ପରିଷଦର ପ୍ରାକ୍ତନ ଜିଲ୍ଲା ସଭାପତି ପ୍ରସଙ୍ଗରେ ଷଡଙ୍ଗୀ,ପ୍ରାକ୍ତନ ସମିତି ସଭ୍ୟ ଶ୍ରୀକାନ୍ତ ନାୟକ,ସାମ୍ବାଦିକ ବୈକୁଣ୍ଠ ନାଥ ସାହୁ,ଇଂ ସନ୍ତୋଷ କୁମାର ସାହୁ,ଅଧ୍ୟାପକ କିଶୋର ପୃଷ୍ଟି,କ୍ଷୀରୋଦ ସ୍ୱାଇଁ, ପ୍ରାକ୍ତନ ସରପଞ୍ଚ ରାଜୀବ ନାୟକ,ରଜତ ଲେଙ୍କା,ହୁନୁକ ମଲିକ, ପ୍ରମୁଖ ଯୋଗ ଦେଇଥିଲେ।

# ସିଟି ହସ୍ପିଟାଲରେ ଖୁଲମଖୋଲା ଉଲ୍ଲଂଘନ, ଖର୍ଚ୍ଚାନ୍ତ ହେଉଛନ୍ତି ରୋଗୀ !

ବ୍ରହ୍ମପୁର,୧।୧୧ (ନିପ୍ର): ସରକାରୀ ଚିକିତ୍ସାଳୟରେ ସମସ୍ତ ପରୀକ୍ଷା ମାଗଣା ଉପଲବ୍ଧ ପାଇଁ ରାଜ୍ୟ ସରକାରଙ୍କ ନିଦାନ ଯୋଜନା ରହିଥିଲେ ବି ବ୍ରହ୍ମପୁର ସିଟି ହସ୍ପିଟାଲରେ ଏହାର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ଅଭିଯୋଗ ହେଉଛି। ଦୀର୍ଘ ତିନିମାସରୁ ଅଲଟ୍ରାସାଉଣ୍ଡ ପରୀକ୍ଷା ବନ୍ଦ ରହିଛି, କେବଳ ଗର୍ଭବତୀ ମହିଳାଙ୍କୁ ବାଦ୍ ଦେଇ ଦୈନିକ ଶହ ଶହ ରୋଗୀଙ୍କୁ ଘରୋଇ ପରୀକ୍ଷା କେନ୍ଦ୍ରକୁ ଯିବା ପାଇଁ ବାଧ କରାଯାଉଥିବା ଅଭିଯୋଗ ହେଉଛି। ରୋଗୀ ହଜାର ହଜାର ଟଙ୍କା ଖର୍ଚ୍ଚାନ୍ତର ଶିକାର ହେଉଛନ୍ତି । ନିଦାନ ଯୋଜନାକୁ ନିଜେ ରାଜ୍ୟ ସରକାର ଧ୍ୱଂସ କରୁଛନ୍ତି ବୋଲି ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ସିଟି ହସ୍ପିଟାଲ୍ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଫିଜିଓଥେରାପି ବିଭାଗ, ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ ବିଭାଗ ଓ ଆଲଟ୍ରଓସାଉଣ୍ଡ ବିଭାଗରେ ଦେଖାଯାଉଥିବା ଜ୍ୱଳନ୍ତ ସମସ୍ୟା ଦୀର୍ଘ ଦିନରୁ ରହିଅଛି । ସିଡ଼ିଏମ୍ଓଙ୍କ ଅଧୀନସ୍ଥ ଫିଜିଓଥେରାପି ବିଭାଗରେ ଦୀର୍ଘ ଦିନରୁ କର୍ମଚାରୀଙ୍କ ମନମୁଖି କାରବାର ଯୋଗୁଁ ରୋଗୀ ପ୍ରକୃତ ନିୟମିତ ଥେରାପି ବା ଚିକିତ୍ସା ପାଉନାହାନ୍ତି । ଦାୟିତ୍ୱରେ ଥିବା ବିଭାଗୀୟ କର୍ମଚାରୀ ନିଜର ଘରୋଇ ଫିଜିଓଥେରାପି କେନ୍ଦ୍ର ଖୋଲିଥିବା ଯୋଗୁଁ ହସ୍ପିଟାଲରେ ଉପସ୍ଥିତ ନ ରହିବା ଓ ଆସୁଥିବା ରୋଗୀଙ୍କୁ ନିଜ ଘରୋଇ କେନ୍ଦ୍ରକୁ ଆସିବାକୁ କହି ନିଜ କର୍ତ୍ତବ୍ୟରେ ଘୋର ଅବହେଳା କରୁଛନ୍ତି । ହସ୍ପିଟାଲରେ ଅବ୍ୟବସ୍ଥା ସୃଷ୍ଟି କରୁଛନ୍ତି ବୋଲି ମଂଚ କର୍ମକର୍ତ୍ତା ମାନେ ଅଭିଯୋଗ କରିଛନ୍ତି । ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନରେ ବହୁ ବିଳମ୍ବ ହେତୁ ପୀଡିତ/ପୀଡ଼ିତା ନାନା ପ୍ରକାର ହନ୍ତସନ୍ତ ହେଉଛନ୍ତି । ଗତବର୍ଷ ନଭେମ୍ବର ମାସରେ ଆବେଦନ କରିଥିବା ବ୍ୟକ୍ତି ବର୍ତ୍ତମାନ ପ୍ରମାଣ ପତ୍ର ପାଉଛନ୍ତି ଅର୍ଥାତ୍ ପ୍ରାୟ ଏଗାର ମାସ ବିଳମ୍ବରେ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ କରାଯାଉଛି । ସୂଚନାଯୋଗ୍ୟ ଯେ, ପୂର୍ବ ସରକାର ସମୟରେ ମାତ୍ର ଏକ ସପ୍ତାହ ମଧ୍ୟରେ ପ୍ରମାଣ ପତ୍ର ଦିଆଯାଇପାରୁଥିଲା, କିନ୍ତୁ ବର୍ତ୍ତମାନ ଏ ଅବ୍ୟବସ୍ଥା କରି କାହିଁକି ଲୋକଙ୍କୁ ହଇରାଣ କରାଯାଉଛି ବୋଲି ମଞ୍ଚ ପ୍ରଶ୍ନ କରିଛି । ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ କ୍ଷେତ୍ରରେ ବରିଷ୍ଠ ନାଗରିକ ଏବଂ ମାତ୍ରାଧିକ ପ୍ରତିଶତ ପୀଡିତ ଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଭିତ୍ତୀରେ ପ୍ରମାଣ ପତ୍ର ପ୍ରଦାନ କରାଯିବାକୁ ଦାବି ହୋଇଛି । ବିକ୍ଷୋଭରେ ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ନିରାକାର ନାୟକ, ଅବନୀ ଗୟା, ଶିକ୍ଷକ ସଙ୍ଗଠନ ନେତା ଅଶୋକ ଦଳାଇ, ଆପ୍ର ନେତା ଆଦିତ୍ୟ ରଥ, ଶ୍ୟାମ ସୁନ୍ଦର ଖାଡଙ୍ଗା, କୁନି କୁମାରୀ ଦେବୀ , ମହମ୍ମଦ ଆସଲମ୍ , ଜୟକୃଷ୍ଣ ନାୟକ ପ୍ରମୁଖ ବିକ୍ଷୋଭରେ ଅଂଶ ଗ୍ରହଣ କରିଥିଲେ। ଏହାର ଏକ ଅବିକଳ ନକଲ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ା. ମୁକେଶ ମହାଲିଙ୍ଗମ, ବ୍ରହ୍ମପୁର ସାଂସଦ ଡ଼.ପ୍ରଦୀପ କୁମାର ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାରଙ୍କ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇଛି ।




## ଡିଲରଙ୍କ ଦାଦାଗିରି, ରାସନ୍ ଚାଉଳ ନ ଦେଇ ମରଣାନ୍ତକ ଆକ୍ରମଣ

ପିପିଲି,୧।୧୧(ନିପ୍ର); ପୁରୀ ଜିଲ୍ଲା ପିପିଲି ଏସଡିପିଓଙ୍କ କାର୍ଯ୍ୟାଳୟ ଅଧୀନ ବଳଙ୍ଗା ଥାନା ଅନ୍ତର୍ଗତ ନୂଆ ଗୋପାଳପୁର ଗ୍ରାମର ଡିଲର ରାସନ୍ କାର୍ଡ କରିଦେଇଛି ବୋଲି କହି ୮ଶହ ଟଙ୍କା ନେଇ ଏକ ରାସନ୍ ନମ୍ବର ଦେଇ ୨ ବର୍ଷ ଚାଉଳ ଦେଉଥିବା ବେଳେ ଏବେ ଚାଉଳ ଦେବା ପାଇଁ ମନାକରିବା ସହିତ ମରଣାନ୍ତକ ଆକ୍ରମଣ କରିଥିବା ନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ଅପସରି ବେଗମ୍ କରିଥିବା ଅଭିଯୋଗ ଅନୁଯାୟୀ ଉକ୍ତ ଗ୍ରାମର ଡିଲର ଶୟଦ ଅଜଗର ଅଲ୍ଲୀ ଅଭିଯୋଗ କାରିଣୀକୁ ନୂତନ ରାସନ୍ କାର୍ଡ କରିଦେବ ବୋଲି କହି ୮୦୦ ଟଙ୍କା ନେଇ ଏକ ରାସନ୍ କାର୍ଡ ନମ୍ବର ଦେଇ ଦୁଇ ବର୍ଷ ପର୍ଯ୍ୟନ୍ତ ଚାଉଳ ଦେଉଥିଲେ। ଏବେ ଚାଉଳ ପାଇଁ ଗଲେ ପ୍ରତ୍ୟେକ ଦିନ ଫେରାଇ ଦେଉଛି। ଗତ ଚାରିଦିନ ତଳେ ବିପିଏଲ୍ ଚାଉଳ ଆସିଥିବା ବେଳେ ଚାଉଳ ସରିଯାଇଛି କହି ଗତକାଲି ଆସ ନେବ କହି ଫେରାଇ ଦେଇଥିଲା । ଅଭିଯୋଗକାରିଣୀ ଚାଉଳ ପାଇଁ ଗଲାବେଳେ ଚାଉଳ ନଦେଇ କାର୍ଡ ନାହିଁ ଚାଉଳ ଦିଆଯିବ ନାହିଁ କହିବାରେ ୮ ଶହ ଟଙ୍କା ଦେବା କଥା କହିବାରୁ ଟଙ୍କା ଦେବି ନାହିଁ କି ଚାଉଳ ଦେବି ନାହିଁ କହିବା ସହ ଅଶ୍ଳୀଳ ଗାଳିଗୁଲଜ କରିଥିବା ଅଭିଯୋଗ କରିଛନ୍ତି। ପ୍ରତିବାଦ କରିବାରେ ଅଭିଯୋଗ କାରିଣୀଙ୍କୁ ଏକ ଧକ୍କା ମାରିବା ସହ ଆକ୍ରମଣ କରିଥିଲା ।ସେଠାରୁ ଅଭିଯୋଗ କାରିଣୀଙ୍କ ସ୍ୱାମୀକୁ ଉଦ୍ଧାର କରି ଘରକୁ ଆସିଥିବା ବେଳେ ପୁନର୍ବାର ଡିଲର ଘରେ ପହଞ୍ଚି ଅଶ୍ଳୀଳ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ସହ ତୁ ମୋର ଭିଡିଓ କରିଛୁ କହି ମୋବାଇଲ ଛଡ଼ାଇ ଆଣି ତଳେ ପକାଇ ଭାଙ୍ଗି ଦେଇ ଥିଲା। ଏନେଇ ବଳଙ୍ଗା ପୋଲିସ ନିକଟରେ ଅଭିଯୋଗ କରିବା ପରେ ପୋଲିସ ୨୩୯/ ୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଜୟୀ ରାଜଗୁରୁ ଅଦମ୍ୟ ବୀରତ୍ୱର ପ୍ରତୀକ

ପୁରୀ,୧।୧୧ (ନିପ୍ର); ସହିଦ ଜୟୀ ରାଜଗୁରୁ ସାହସ, ଶୌର୍ଯ୍ୟ ଓ ଅଦମ୍ୟ ବୀରତ୍ୱର ପ୍ରତୀକ। ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଅବିସ୍ମରଣୀୟ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଜିଲ୍ଲା ପ୍ରଶାସନ,ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜୟୀ ରାଜଗୁରୁଙ୍କ ଜନ୍ମ ସ୍ଥାନ ବୀର ହରେକୃଷ୍ଣପୁର ଛକ ନିକଟସ୍ଥ ପ୍ରତିମୂର୍ତ୍ତି ଓ ବୀର ହରେକୃଷ୍ଣପୁର ଗ୍ରାମରେ ଥିବା ଜୟୀ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ଅଁଳା ନବମୀ ତିଥିରେ ସହିଦଙ୍କ ଜନ୍ମ ଦିବସରେ ମାଲ୍ୟାର୍ପଣ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଜୟୀ ରାଜଗୁରୁଙ୍କ ସ୍ମୃତି ଚାରଣ କରି ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ସଦର ଥାନା ଆଇଆଇସି ସୁନିଲ କୁମାର ପ୍ରଧାନ, ଏବିଡିଓ ମନୋଜ କୁମାର ବେହେରା, ବୀର ହରେକୃଷ୍ଣପୁର ଗ୍ରାମ କମିଟି ସଭାପତି ଭାସ୍କର ନାରାୟଣ ରଥ, ସମ୍ପାଦକ ପ୍ରକୃତି ମିଶ୍ର,ଉପ ସଭାପତି ପ୍ରକାଶ ଚନ୍ଦ୍ର ରଥ, ସଦସ୍ୟ ଅଜୟ କୁମାର ତ୍ରିପାଠୀ, ହରିଶଙ୍କର ମିଶ୍ର, ଦେବୀ ପ୍ରସାଦ ମହାପାତ୍ର,ରାଜେଶ କୁମାର ରଥ,ରବି ନାରାୟଣ ମିଶ୍ର, ଆଶୁତୋଷ ମିଶ୍ର, ହିମାଂଶୁ ମିଶ୍ର, ସତ୍ୟଜିତ ତ୍ରିପାଠୀ, ବିଷ୍ଣୁ ପ୍ରସାଦ ମିଶ୍ର,ଶକ୍ତି ପ୍ରସାଦ ମିଶ୍ର ପ୍ରମୁଖ ଜୟନ୍ତୀ କାର୍ଯ୍ୟକ୍ରମ ରେ ଯୋଗ ଦେଇ ମାଲ୍ୟାର୍ପଣ ଓ ସ୍ମୃତି ଚାରଣ କରିଥିଲେ।

## ବ୍ୟାଘ୍ର ଗଣନା ସମ୍ପର୍କିତ ତାଲିମ ଶିବିର

ବୁଗୁଡ଼ା,୧।୧୧ (ନିପ୍ର): ବୁଗୁଡା ବଡଦାଣ୍ଡସ୍ଥିତ କଳିଙ୍ଗ ବୈଶ୍ୟ ଭବନ ପରିସରରେ ଘୁମୁସର ଦକ୍ଷିଣ ବନଖଣ୍ଡ, ଭଞ୍ଜନଗର ପକ୍ଷରୁ ବୁଗୁଡ଼ା ବନ ବିଭାଗ ସହଯୋଗରେ ଡିଭିଜନସ୍ତରୀୟ ବ୍ୟାଘ୍ର ଗଣନା ସମ୍ପର୍କିତ ଏକଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି।

ଏସିଏଫ୍ ପ୍ରଦୀପ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସୋରଡା ରେଞ୍ଜ ଭାରପ୍ରାପ୍ତ ଏସିଏଫ୍ ନିହାର ରଞ୍ଜନ ମଲ୍ଲିକ ମଞ୍ଚାସୀନ ରହିଥିବା ବେଳେ ପୋଲସରା ରେଞ୍ଜର ଅନିଲ କୁମାର ପଣ୍ଡା, ବୁଗୁଡ଼ା ରେଞ୍ଜର ମାନସ କୁମାର ସାହୁ, ଆସ୍କା ରେଞ୍ଜର ପ୍ରମୋଦ କୁମାର ପଣ୍ଡା ଓ ବଡଗଡ ରେଞ୍ଜର ଅଞ୍ଜନ କୁମାର ନାୟକଙ୍କ ସମେତ ଘୁମୁସର ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ବନାଞ୍ଚଳରେ କାର୍ଯ୍ୟରତ ବନରକ୍ଷୀ, ବନପାଳ, ଫରେଷ୍ଟ ପ୍ରୋଟେକ୍ସନ ସ୍କାଡ, ବନଖଣ୍ଡ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

ସର୍ବ ଭାରତୀୟ ବ୍ୟାଘ୍ର ଅଟକଳ-୨୦୨୬ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବନ ବିଭାଗୀୟ ସମ୍ମୁଖ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପାଇଁ ଆୟୋଜିତ ଉକ୍ତ ଶିବିର ଅବସରରେ ବୈଜ୍ଞାନିକ ପଦ୍ଧତିରେ ବ୍ୟାଘ୍ର ଏବଂ ଅନ୍ୟାନ୍ୟ ମାଂସାଶୀ ପ୍ରାଣୀଙ୍କ ସମେତ ତୃଣଭୋଜୀ ପ୍ରାଣୀଙ୍କ ଗଣନା ସମ୍ପର୍କରେ ଏସିଏଫ ଶ୍ରୀ ବେହେରା ବିସ୍ତୃତ ଭାବେ ଆଲୋଚନା କରି ଦ୍ୱାରା ତାଲିମ ପ୍ରଦାନ କରିଥିଲେ।

## ଅପରେସନ ଚକ୍ର: ୭୦୯ ଅପରାଧୀ ଗିରଫ

ପୁରୀ,୧।୧୧ (ନିପ୍ର); ଅପରେସନ ଚକ୍ର ଜରିଆରେ ପୁରୀ ପୋଲିସକୁ ବଡ ସଫଳତା ମିଳିଛି। ଜିଲ୍ଲାର ସମସ୍ତ ଥାନାରେ ବେଆଇନ ମଦ ବିକ୍ରି, ବେଆଇନ ନିଶା କାରାବାର,,ବ୍ରାଉନସୁଗାର ବିକ୍ରି, କଫସିରପ୍ ବିକ୍ରି ଓ ଅପରାଧ ଘଟାଇବା ଘଟଣାରେ ସମୁଦାୟ ୭୦୯ ଜଣ ଅପରାଧୀ ଗିରଫ ହୋଇଛନ୍ତି। ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ୨୪ ଘଣ୍ଟା ମଧ୍ୟରେ ଜଣେ ବ୍ରାଉନସୁଗାର ବେପାରୀକୁ ଗିରଫ କରି ତାଠାରୁ ୧୨ ଗ୍ରାମ ଧଳାଜହର ଜବତ କରାଯାଇଛି। ସେହିପରି ବାସେଳୀସାହି ଥାନା ପୋଲିସ ୪୦ଟି ନକଲି କଫସିରପ ଜବତ କରିବା ସହ ସମୁଦ୍ରକୂଳ ଥାନା,ବଳିଆପଣ୍ଡା ଥାନା, ବାସେଳୀସାହି ଥାନା ଦ୍ୱାରା ୪୦ ଲିଟର ବେଆଇନ୍ ମଦ ଧରାଯାଇ ତିନିଜଣଙ୍କୁ ଗିରଫ କରାଯାଇଛି। ଡ୍ରଙ୍କ୍ ଆଣ୍ଡ ଡ୍ରାଇଭ୍ ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅପରାଧିକ ମାମଲାରେ ୭୮ ଜଣଙ୍କୁ ଗିରଫ କରାଯାଇଥିବା ପୁରୀ ସିଟି ଡିଏସପି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ରିଆମାଳରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

ଦେବଗଡ,୧।୧୧ (ନିପ୍ର); ଦେବଗଡ଼ ଜିଲ୍ଲା ରିଆମାଳ କଲ୍ୟାଣ ମଣ୍ଡପ ଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ କୁମାର ପଣ୍ଡା ସଭାପତିତ୍ୱରେ ପ୍ରିୟଦର୍ଶିନୀ ସାହୁ ସଂଯୋଜନା କରିଥିଲେ । ରିଆମାଳ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ସଞ୍ଜୀବ କୁମାର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ଦେବଗଡ଼ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବାବେଳେ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଅରୁଣ କୁମାର ସାହୁ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୁଦନ ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଡେପୁଟି ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ଜ୍ଞାନ ରଞ୍ଜନ ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ । ସଙ୍କୀର୍ତ୍ତନ ମାଧ୍ୟମରେ ମତ୍ସ୍ୟ, ଗାଈ, ଘୁଷୁରୀ, ଛେଳି ଚାଷ ଉପରେ ସଚେତନତା କରାଯାଇଥିଲା। ଡ. ସ୍ପନ୍ଦନ କୁମାର ନାୟକ, ଅତିରିକ୍ତ ପ୍ରାଣୀ ଚିକିତ୍ସକ ରମାକାନ୍ତ ଶତପଥୀ, ଡ. ପ୍ରଣତୀ ବେହେରା, ତରୁଣ କୁମାର ନାୟକ, ଦେବାଶିଷ ଅଢା, ଦୀପ୍ତିବାଳା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ଇଷ୍ଟକୋଷ୍ଟ ଡିଭିଜନ ଏଡିଆରଏମ୍‌ଙ୍କ ପାରଳା ଷ୍ଟେସନରେ ଉନ୍ନୟନ କାର୍ଯ୍ୟର ଅନୁଧ୍ୟାନ

ପାରଳାଖେମୁଣ୍ଡି,୧।୧୧ (ନିପ୍ର); ଗଜପତି ଜିଲ୍ଲାରେ ରଇଷ୍ଟକୋଷ୍ଟ ୱାଲ ଟିୟର ଡି ଭି ଜନର ଏଡିଆରଏମ୍ ଇ. ଶାନ୍ତାରାମ ପାରଳାଖେମୁଣ୍ଡି ରେଳଷ୍ଟେସନରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବିଶାଖାପାଟଣାରୁ ଗୁଣୁପୁର ଯାଉଥିବା ଟ୍ରେନ୍ ଯୋଗେ ନୌପଡ଼ାରୁ ପାରଳାଖେମୁଣ୍ଡି ଯାଏଁ ରହିଥିବା ରେଳ ପଥର ନିରୀକ୍ଷଣ କରିଥିଲେ ମୁଖ୍ୟ କରି ବିଭିନ୍ନ ରେଳ ଷ୍ଟେସନ ସମେତ ଷ୍ଟେସନରେ ରହିଥିବା ଭିତ୍ତିଭୂମିର ସ୍ଥିତି ଓ ଟ୍ରାକ୍‌ର ପରି ସ୍ଥିତି ଦେଖିଥିଲେ। ପରେ ପାରଳାଖେମୁଣ୍ଡିରେ ଅମୃତଭାରତ ଯୋଜନାରେ ଉଦଘାଟନ ହେବାକୁ ଥିବା ରେଳ ଷ୍ଟେସନର ନିର୍ମାଣ କାର୍ଯ୍ୟର ସରଜମିନ ତଦନ୍ତ କରିଥିଲେ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଓ ସଠିକ୍ ଭାବେ କରିବାକୁ ନିର୍ଦ୍ଦେଶ ଦେବାସହ ନିର୍ମାଣ କାର୍ଯ୍ୟ ସମୟ ସୀମା ମଧ୍ୟରେ ସମାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



## ମାନସିକ ବିକୃତ ଯୁବତୀ ଅପହରଣ ତଥା ଦୁଷ୍କର୍ମ ମାମଲା: ଦୋଷୀ ସାବ୍ୟସ୍ତ ମୁଖ୍ୟ ଅଭିଯୁକ୍ତ

ପାରଳାଖେମୁଣ୍ଡି,୧।୧୧ (ନିପ୍ର); ଗଜପତି ଜିଲ୍ଲାରୁ ଏକ ସମ୍ବେଦନଶୀଳ ମାମଲାରେ ଏକ ଆଶ୍ୱସ୍ତିକର ଖବର ସାମନାକୁ ଆସିଛି। ସୂଚନାଯୋଗ୍ୟ, ତା ୧୦-୦୨-୨୦୨୪ରିଖ ସନ୍ଧ୍ୟା ସମୟରେ ପୀଡ଼ିତା ଯିଏକି ଜଣେ ମାନସିକ ବିକୃତ, ନିଜ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ପରେ ଘରେ କିମ୍ବା ଆଖପାଖ ଅଞ୍ଚଳରେ ଖୋଜିବା ପରେ କେହି ତାଙ୍କର ଖୋଜଖବର ପାଇ ପାରିନଥିଲେ। କିନ୍ତୁ ସେହିଦିନ ରାତି ୧୦ଟା ସମୟରେ ପୀଡ଼ିତା ମୁମୂର୍ଷୁ ଅବସ୍ଥାରେ ନିଜ ଘରକୁ ଫେରିଥିଲେ। ପୀଡ଼ିତାର ମାନସିକ ଅବସ୍ଥାକୁ ନଜରରେ ରଖି ତା' ପରଦିନ ସକାଳେ ଯେତେବେଳେ ତାଙ୍କ ମାଆ ସବୁକଥା ଜାଣିବାକୁ ଚେଷ୍ଟା କରିଥିଲେ, ସେତେବେଳେ ପୀଡ଼ିତା ତାଙ୍କୁ ସେହି ସ୍ଥାନକୁ ନେଇ ଯାଇଥିଲା ଯେଉଁଠି ତାଙ୍କ ସହ ଦୁଷ୍କର୍ମ କରାଯାଇଥିଲା । ସେ ସ୍ଥାନରୁ ପୀଡିତାଙ୍କର ଚପଲ ମଧ୍ୟ ମିଳିଥିଲା। ପରେ ପୀଡ଼ିତା ଦୁଷ୍କର୍ମ କରିଥିବା ଟୁକୁନା ଦଣ୍ଡିଆଙ୍କୁ ଚିହ୍ନଟ କରିବା ସହ ଗ୍ରାମବାସୀଙ୍କୁ ଜଣାଇବା ପରେ ଘଟଣାର ସମ୍ବେଦନଶୀଳତାକୁ ନଜରରେ ରଖି ତଥା ଉଚିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପୀଡ଼ିତାଙ୍କ ମାଆ ଆର. ଉଦୟଗିରି ଥାନାରେ ତା ୧୪-୦୨-୨୦୨୪ରିଖରେ ମାମଲା ନମ୍ବର ୨୬ ରେ ଏକ ମାମଲା ରୁଜୁ କରିଥିଲେ । ସବଇନ୍ସପେକ୍ଟର ସ୍ୱପ୍ନାରାଣୀ ବେହେରା ଉକ୍ତ ମାମଲାର ତଦନ୍ତ କରି ଉକ୍ତ ଆସାମୀ ଟୁକୁନା ଦଣ୍ଡିଆଙ୍କୁ କୋର୍ଟ ଚାଲାଣ କରିଥିଲେ। ୧୯ଜଣ ସାକ୍ଷୀଙ୍କ ବଳିଷ୍ଠ ବୟାନ ତଥା ପ୍ରମାଣକୁ ଭିତ୍ତି କରି ଏହି ସମ୍ବେଦନଶୀଳ ମାମଲାର ଶୁଣାଣି କରି ଅତିରିକ୍ତ ଜିଲ୍ଲା ସେସନ ଜଜ ବିଭୁ ପ୍ରସାଦ ପଣ୍ଡା ଭାରତୀୟ ପିଙ୍ଗଳ କୋଡ଼ର ଧାରା '୩୭୬(୨)(୦)' (ମାନସିକ ବିକୃତ ମହିଳାଙ୍କୁ ଦୁଷ୍କର୍ମ କରିବା) ଅପରାଧରେ ଉକ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷର ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କାର ଜୋରିମାନାର ସଜା ଶୁଣାଇଛନ୍ତି । ତଥା ଜୋରିମାନା ଅନାଦେୟ ଆହୁରି ଛଅ ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଅପହରଣ ପାଇଁ ରହିଥିବା ଧାରା ୩୬୩ରେ ଉକ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨ବର୍ଷର ସଶ୍ରମ କାରାଦଣ୍ଡ ସହ ୧ହଜାର ଟଙ୍କାର ଜୋରିମାନାର ସଜା ଶୁଣାଇଛନ୍ତି । ତଥା ଜୋରିମାନା ଅନାଦେୟ ଆହୁରି ଏକ ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଆସୋସିଏଟ ପିପି ପି. ପ୍ରସାଦ ରାଓ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି।

# ତିନି ଦିନ ଧରି ଛାତ୍ରଛାତ୍ରୀମାନେ ବର୍ଜନ କରୁଛନ୍ତି ମଧ୍ୟାହ୍ନ ଭୋଜନ

ମାର୍ଶାଘାଇ,୧।୧୧ (ନିପ୍ର): ମାର୍ଶାଘାଇ ବ୍ଲକ ଦଶିପୁର ପଞ୍ଚାୟତ ବାଲଣା ଗ୍ରାମର ଦୋଳ ଗୋବିନ୍ଦଜୀଉ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତିନି ଦିନ ଧରି ଛାତ୍ରଛାତ୍ରୀମାନେ ମଧ୍ୟାହ୍ନ ଭୋଜନ ଖାଉ ନଥିବା ଦେଖିବାକୁ ମିଳିଛି। ପାଚିକା ମାନଙ୍କ ଦ୍ୱାରା ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ଏହାର ମୁଖ୍ୟ କାରଣ ବୋଲି ଜଣାପଡିଛି। ଏହି ବିଦ୍ୟାଳୟରେ ଶିଶୁ ବାଟିକା ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୦୧ ଛାତ୍ରଛାତ୍ରୀ ଅଧ୍ୟୟନରତ। ଚାରିଜଣ ଶିକ୍ଷକ /ଶିକ୍ଷୟିତ୍ରୀ ଓ ଦୁଇଜଣ ପାଚିକା ଏଠି କାର୍ଯ୍ୟରତ। ପୂର୍ବରୁ ବିଭିନ୍ନ ସମୟରେ ପିଲାମାନଙ୍କୁ ଖାଇବାକୁ ନ ଦେଇ ପାଚିକା ଦ୍ୱୟ ବାଲଟି ବାଲଟି ଭାତ ତରକାରି ଅଣ୍ଡା ପିଆଜ ଚୋରେଇ ନେଉଥିବା ବେଳେ ଧରାପଡିବା ପରେ ବିବାଦର ସୂତ୍ରପାତ ହୋଇଥିବା ଅଭିଯୋଗ ହେଉଛି। ଏମିତିକି ପାଚିକାଙ୍କ ଦ୍ୱାରା ଶିକ୍ଷକଙ୍କ ନାମରେ ଦୁର୍ବ୍ୟବହାର କେସ୍ ଥାନାରେ ଅଭିଯୋଗ ମଧ୍ୟ ହୋଇଛି। ଜଣେ ପାଚିକା ତାଙ୍କର ଏ.ବି.ଇ.ଓ ପରିଚିତ କହି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଧମକ ଦେଉଥିବା ବେଳେ ଅନ୍ୟ ଜଣେ ଥାନାରେ ପରିଚିତ ଅଛନ୍ତି କହି ଧମକ ଦେଉଥିବାରୁ ଶୈକ୍ଷିକ ପରିବେଶ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟର ଅଭିଭାବକ କମିଟି ସଦସ୍ୟ ଓ ପିଲାମାନଙ୍କୁ ମଧ୍ୟ ପାଚିକାମାନେ ଦୁର୍ବ୍ୟବହାର ପ୍ରଦର୍ଶନ କରିବାରୁ ତିନି ଦିନ ହେଲା ପିଲାମାନେ ଖାଉ ନଥିବା ଦେଖିବାକୁ ମିଳିଛି। ଏମିତିକି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଘଟଣା ସଂପର୍କରେ ଅନୁଧ୍ୟାନ କରିବାକୁ ଆସିଥିବା ଦୁଇ ପୁରୁଷ ଅଧିକାରୀଙ୍କୁ ମହିଳା ପାଚିକା ଅଶୋଭନୀୟ ବ୍ୟବହାର କରିବାରୁ ସେମାନେ ଅସହାୟ ହୋଇ ଫେରିଯାଇଥିବା ଜଣାପଡିଛି। ଅଭିଭାବକ ମାନେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଭେଟି ଏ ସମ୍ପର୍କରେ ତଦନ୍ତ କରିବା ସହିତ ପାଚିକା ଦୁଇ ଜଣଙ୍କୁ ବରଖାସ୍ତ କରିବାକୁ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଜିଲ୍ଲାପାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।



## ଛତିଶଗଡ଼ ବିଧାନସଭାର ନୂତନ ଭବନ ଉଦ୍‌ଘାଟିତ

# ଭାରତ ହେଉଛି ଗଣତନ୍ତ୍ରର ଜନନୀ: ମୋଦି

ନୂଆଦିଲ୍ଲୀ,୧।୧୧(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଛତିଶଗଡ଼ର ନୟା ରାୟପୁରରେ ରାଜ୍ୟ ବିଧାନସଭାର ନୂତନ କୋଠା ଉଦଘାଟନ କରିଛନ୍ତି । ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଆଜି ଛତିଶଗଡ଼ର ବିକାଶ ଯାତ୍ରା ପାଇଁ ଏକ ସୁବର୍ଣ୍ଣ ଆରମ୍ଭ। ସେ ଏହା ମଧ୍ୟ ଉଲ୍ଲେଖ କରିଥିଲେ, ବ୍ୟକ୍ତିଗତ ଭାବରେ ଏହା ତାଙ୍କ ପାଇଁ ଏକ ଅତ୍ୟନ୍ତ ଆନନ୍ଦଦାୟକ ଏବଂ ଗୁରୁତ୍ୱପୂର୍ଣ୍ଣ ଦିନ। ଏହି ଭୂମି ସହିତ ତାଙ୍କର ଗଭୀର ଭାବପ୍ରବଣ ସମ୍ପର୍କ ଉପରେ ମତ ଦେଇଥିଲେ, ଯାହା ଦଶନ୍ଧି ଧରି ପାଳିତ ହୋଇଥିଲା। ଜଣେ ଦଳୀୟ କର୍ମୀ ଭାବରେ ତାଙ୍କ ସମୟକୁ ମନେ ପକାଇ ମୋଦି କହିଥିଲେ ଯେ, ସେ ଛତିଶଗଡ଼ରେ ବହୁତ ସମୟ ବିତାଇଥିଲେ ଏବଂ ବହୁତ କିଛି ଶିଖିଥିଲେ। ସେ ଛତିଶଗଡ଼ର ଦୃଷ୍ଟିକୋଣ, ଏହାର ସୃଷ୍ଟି ପାଇଁ ସଂକଳ୍ପ ଏବଂ ସେହି ସଂକଳ୍ପର ପୂରଣକୁ ଆହୁରି ମନେ ପକାଇ କହିଥିଲେ ଛତିଶଗଡ଼, ପରିବର୍ତ୍ତନର ପ୍ରତ୍ୟେକ ମୁହୂର୍ତ୍ତର ସେ ସାକ୍ଷୀ ଅଛନ୍ତି। ରାଜ୍ୟ ଏହାର ୨୫ ବର୍ଷର ଯାତ୍ରାରେ ଏକ ପ୍ରମୁଖ ମାଇଲଖୁଣ୍ଟରେ ପହଞ୍ଚିବା ସହିତ, ଏହି ମୁହୂର୍ତ୍ତର ଅଂଶ ହେବାର ସୁଯୋଗ ପାଇଁ ସେ କୃତଜ୍ଞତା ପ୍ରକାଶ କରିଥିଲେ। ରୌପ୍ୟ ଜୟନ୍ତୀ ପାଳନ ଅବସରରେ, ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟବାସୀଙ୍କ ପାଇଁ ନୂତନ ବିଧାନସଭା କୋଠା ଉଦଘାଟନ କରିବାର ସୁଯୋଗ ତାଙ୍କୁ ମିଳିଛି। ଏହି ଅବସରରେ ସେ ଛତିଶଗଡ଼ର ଜନସାଧାରଣ ଏବଂ ରାଜ୍ୟ ସରକାରଙ୍କୁ ତାଙ୍କର ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଥିଲେ। "୨୦୨୫ ହେଉଛି ଭାରତୀୟ ଗଣତନ୍ତ୍ରର ଅମୃତ ବର୍ଷ, ଭାରତ ଏହାର ନାଗରିକଙ୍କ ପାଇଁ ସମ୍ବିଧାନ ଉତ୍ସର୍ଗ କରିବାର ୭୫ ବର୍ଷକୁ ମନେ ପକାଇଥାଏ' ବୋଲି ଶ୍ରୀ ମୋଦି କହିଛନ୍ତି। ଏହି ଐତିହାସିକ ଅବସରରେ, ସେ ଏହି ଅଞ୍ଚଳର ସମ୍ବିଧାନ ସଭାର ବିଶିଷ୍ଟ ସଦସ୍ୟ ରବିଶଙ୍କର ଶୁକ୍ଳା, ବାରିଷ୍ଟର ଠାକୁର ଛେଦିଲାଲ , ଘନଶ୍ୟାମ ସିଂହ ଗୁପ୍ତା, କିଶୋରୀ ମୋହନ ତ୍ରିପାଠୀ, ରାମପ୍ରସାଦ ପୋଟାଇ ଏବଂ ରଘୁରାଜ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।ଛତିଶଗଡ଼ ବିଧାନସଭାର ଇତିହାସ ନିଜେ ଏକ ପ୍ରେରଣାର ଉତ୍ସ ବୋଲି କହି ମୋଦୀ ସ୍ମରଣ କରିଥିଲେ ଯେ, ଯେତେବେଳେ ଏହି ସୁନ୍ଦର ରାଜ୍ୟ ୨୦୦୦ ମସିହାରେ ପ୍ରତିଷ୍ଠିତ ହୋଇଥିଲା, ସେତେବେଳେ ପ୍ରଥମ ବିଧାନସଭା ଅଧିବେଶନ ରାୟପୁରର ରାଜକୁମାର କଲେଜର ଜଶପୁର ହଲରେ ଅନୁଷ୍ଠିତ ହୋଇଥିଲା। ସେହି ସମୟରେ ସୀମିତ ସମ୍ବଳ ଥିଲା, କିନ୍ତୁ ଅସୀମ ସ୍ୱପ୍ନ ଥିଲା। ସେତେବେଳେ କେବଳ ଗୋଟିଏ ଭାବନା ଥିଲା: 'ଆମେ ଅଧିକ ଗତିରେ ଆମର ଭାଗ୍ୟକୁ ଉଜ୍ଜ୍ୱଳ କରିବୁ ବୋଲି ସେ ଉଲ୍ଲେଖ କରିଥିଲେ।' ପ୍ରଧାନମନ୍ତ୍ରୀ କହିଥିଲେ ଯେ, ପରେ ନିର୍ମିତ ବିଧାନସଭା ଭବନ ମୂଳତଃ ଅନ୍ୟ ଏକ ବିଭାଗର ପରିସର ଥିଲା। ସେଠାରୁ, ଛତିଶଗଡ଼ରେ ଗଣତନ୍ତ୍ରର ଯାତ୍ରା ନବୀକରଣ ଶକ୍ତି ସହିତ ଆରମ୍ଭ ହୋଇଥିଲା। ସେ ଆଲୋକପାତ କରିଥିଲେ ଯେ ଆଜି, ୨୫ ବର୍ଷ ପରେ, ସେହି ଗଣତନ୍ତ୍ର ଏବଂ ସେହି ଲୋକମାନେ ଏକ ଆଧୁନିକ, ଡିଜିଟାଲ୍ ଏବଂ ଆତ୍ମନିର୍ଭରଶୀଳ ବିଧାନସଭା ଭବନ ଉଦଘାଟନ କରୁଛନ୍ତି।



## କେରଳରେ ଏବେ ନାହାନ୍ତି ଜଣେ ବି 'ଅତ୍ୟନ୍ତ ଗରିବ'



ଥିରୁବନନ୍ତପୁରମ୍,୧।୧୧: କେରଳର ଚର୍ଚ୍ଚା ସବୁବେଳେ ଶିକ୍ଷା କ୍ଷେତ୍ରରେ ରହିଥାଏ। ଦେଶର ସବୁଠାରୁ ଶିକ୍ଷିତ ରାଜ୍ୟ ଭାବରେ ଜଣାଯାଏ। ଏବେ ଦାରିଦ୍ରତା ଦୂର କରିଥିବା ପ୍ରଥମ ରାଜ୍ୟ ପାଲଟିଛି। ଏନେଇ ମୁଖ୍ୟମନ୍ତ୍ରୀ ପିନରାଇ ବିଜୟନ ଶନିବାର ରାଜ୍ୟ ବିଧାନସଭାରେ ଘୋଷଣା କରିଛନ୍ତି। ସେ କହିଛନ୍ତି ବାମ ଲୋକତାନ୍ତ୍ରିକ ମୋର୍ଚ୍ଚା (ଏଲଡିଏଫ୍) ସରକାର କେରଳରେ ଚରମ ଦାରିଦ୍ରତାକୁ ଶେଷ କରି ଦିଆଯାଇଛି। ଏଭଳି କରିବାରେ କେରଳ ଦେଶର ପ୍ରଥମ ରାଜ୍ୟ । ଏବେ ରାଜ୍ୟରେ କୌଣସି ବି ପରିବାର 'ଅତ୍ୟାଧିକ ଗରିବ' ନୁହେଁ। ସେ ବିଧାନସଭାରେ ରୁଲ୍-୩୦୦ ଅନୁସାରେ ବୟାନ ଦେଇ ଏହାକୁ ଉପଲବ୍ଧିର ଅଧିକାର ବୋଲି ଘୋଷଣା କରିଛନ୍ତି। ସିଏମ୍ ବିଜୟନ କହିଛନ୍ତି,'ଗୋଟିଏ ଭାଷା ଉପରେ ଆଧାରିତ ରାଜ୍ୟର ଦାବି ସ୍ୱାଧୀନତା ପୂର୍ବରୁ ଆରମ୍ଭ ହୋଇଥିଲା। ବହୁ ସଂଘର୍ଷ ପରେ ଏକୀକୃତ କେରଳ ତିଆରି କରାଯାଇଥିଲା ଓ ଆଜି ଏହାକୁ ୬୯ ବର୍ଷ ପୂରଣ ହୋଇଛି। ପ୍ରତିବର୍ଷ ଆମେ କେରଳ ପିରଭି ବା ପ୍ରତିଷ୍ଠା ଦିବସ ପାଳନ କରୁ। କିନ୍ତୁ ଏଥରର ଦିନ ଅଲଗା ରହିଛି, କାରଣ ଏଥର କେରଳ ପ୍ରଥମ ଭାରତୀୟ ରାଜ୍ୟ ପାଲଟିଛି, ଯେଉଁଠି ଅତ୍ୟାଧିକ ଦ୍ରାରିଦ୍ୟ ସମ୍ପୂର୍ଣ୍ଣ ଭାବରେ ଶେଷ କରି ଦିଆଯାଇଛି। ଏହି ଉପଲବ୍ଧି ନୂଆ 'ନବ-କେରଳ' ନିର୍ମାଣରେ ଏକ ବଡ଼ ପଦକ୍ଷେପ।'

## ଟାରିଫକୁ ନେଇ ଭୁଲ ବିଜ୍ଞାପନ ଚଲାଇଥିଲା କାନାଡା ଟ୍ରମ୍ପଙ୍କୁ କ୍ଷମା ମାଗିଲେ ପ୍ରଧାନମନ୍ତ୍ରୀ କାର୍ନୀ



ନୂଆଦିଲ୍ଲୀ,୧।୧୧: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ କ୍ଷମା ମାଗିଛନ୍ତି ବୋଲି ସ୍ୱୀକାର କରିଛନ୍ତି କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନୀ । ଆମେରିକାର ପୂର୍ବତନ ରାଷ୍ଟ୍ରପତି ରୋନାଲ୍ଡ ରିଗାନଙ୍କ ପୁରୁଣା ଭାଷଣକୁ ବ୍ୟବହାର କରି ଟାରିଫ ବିରୋଧୀ ବିଜ୍ଞାପନ କରିଥିଲା କାନାଡା । ସେଥିପାଇଁ କାର୍ନୀ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ କ୍ଷମା ମାଗିଛନ୍ତି । ଦକ୍ଷିଣ କୋରିଆର ଗିଓଙ୍ଗଜୁରେ ସାମ୍ବାଦିକଙ୍କ ପ୍ରଶ୍ନରେ କାର୍ନୀ କହିଛନ୍ତି, 'ମୁଁ ରାଷ୍ଟ୍ରପତିଙ୍କୁ କ୍ଷମା ମାଗିଛି। ସେ ଅସନ୍ତୁଷ୍ଟ ଥିଲେ।' ସେ ଏହା ମଧ୍ୟ କହିଛନ୍ତି ଯେ, ୱାଶିଂଟନ୍ ପ୍ରସ୍ତୁତ ହେଲେ ବାଣିଜ୍ୟ ଆଲୋଚନା ପୁଣି ଆରମ୍ଭ ହେବ। ବିଜ୍ଞାପନଟି କାନାଡାର ଅଣ୍ଟାରିଓ ପ୍ରଦେଶ ସରକାରଙ୍କ ଦ୍ୱାରା ଚଲାଇଥିଲେ । ଏହାକୁ ଦେଖିବା ପରେ ଟ୍ରମ୍ପ ରାଗି ଯାଇଥିଲେ । ଫଳରେ ସେ କାନାଡା ସାମଗ୍ରୀ ଉପରେ ଅତିରିକ୍ତ ୧୦% ଶୁଳ୍କ ଘୋଷଣା କରିଥିଲେ ଏବଂ ଆମେରିକା-କାନାଡା ବାଣିଜ୍ୟ ଆଲୋଚନାକୁ ବନ୍ଦ କରି ଦେଇଥିଲେ। ବିଜ୍ଞାପନରେ ପୂର୍ବତନ ଆମେରିକା ରାଷ୍ଟ୍ରପତି ରୋନାଲ୍ଡ ରିଗାନଙ୍କ ଶବ୍ଦ ବ୍ୟବହାର କରାଯାଇଥିଲା । ପ୍ରତ୍ୟେକ ଆମେରିକୀୟଙ୍କ ପାଇଁ ଶୁଳ୍କ କ୍ଷତିକାରକ ବୋଲି ବର୍ଣ୍ଣନା କରାଯାଇଥିଲା। ଆମେରିକା ପୂର୍ବରୁ କାନାଡା ଉପରେ ୩୫% ଶୁଳ୍କ ଲାଗୁ କରିଛି । ଅତିରିକ୍ତ ୧୦ ପ୍ରତିଶତ ଶୁଳ୍କ ସହ ଏହାକୁ ୪୫ ପ୍ରତିଶତକୁ ବୃଦ୍ଧି କରିଥିଲେ ଟ୍ରମ୍ପ । ଭାରତ ଏବଂ ବ୍ରାଜିଲ ପରେ ଏହା ସର୍ବାଧିକ ଶୁଳ୍କ।

## ଇଣ୍ଡିଗୋ ବିମାନକୁ ବୋମା ଧମକ




ମୁମ୍ବାଇ,୧।୧୧ : ସାଉଦି ଆରବର ଜେଦ୍ଦାରୁ ଭାରତର ହାଇଦ୍ରାବାଦ ଆସୁଥିବା ଏକ ଇଣ୍ଡିଗୋ ବିମାନକୁ ବୋମା ଦ୍ୱାରା ଉଡ଼ାଇଦେବାକୁ ଧମକ ମିଳିବା ପରେ ତାହାକୁ ମୁମ୍ବାଇରେ ଜରୁରୀକାଳୀନ ଅବତରଣ କରାଯାଇଛି । ବିମାନକୁ '୧୯୮୪ ମାଡ୍ରାସ ବିମାନବନ୍ଦର ଶୈଳୀରେ ବିସ୍ଫୋରଣ' କରି ଉଡ଼ାଇଦିଆଯିବ ବୋଲି ଧମକ ମିଳିଥିଲା । ଇଣ୍ଡିଗୋ ଏକ ବିବୃତ୍ତିରେ କହିଛି ଯେ ମୁମ୍ବାଇ ବିମାନବନ୍ଦରରେ ଆବଶ୍ୟକୀୟ ଯାଞ୍ଚ କରାଯାଇଥିଲା ଏବଂ ଯାତ୍ରୀମାନଙ୍କ ଅସୁବିଧାକୁ କମ କରିବା ପାଇଁ ସମସ୍ତ ପ୍ରକାରର ପ୍ରୟାସ କରାଯାଇଥିଲା। ଇଣ୍ଡିଗୋ ବିମାନ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ଶନିବାର ସକାଳ ପ୍ରାୟ ସାଢ଼େ ୫ଟାରେ ଏକ ଇମେଲ୍ ମିଳିଥିଲା, ଯେଉଁଥିରେ ଇଣ୍ଡିଗୋ ବିମାନରେ ଏକ 'ମାନବ ବୋମା' ଥିବା ଦାବି କରାଯାଇଥିଲା। ଇମେଲରେ ବିମାନକୁ ହାଇଦ୍ରାବାଦରେ ଅବତରଣ ନକରିବାକୁ ଚେତାବନୀ ଦିଆଯାଇଥିଲା। ୧୯୮୪ ଚେନ୍ନାଇ ଏୟାରପୋର୍ଟ ବିସ୍ଫୋରଣ ୧୯୮୪ ମସିହାର ଅଗଷ୍ଟ ୨ ତାରିଖରେ ତତକାଳୀନ ମାଦ୍ରାସ ବିମାନବନ୍ଦରରେ ଘଟିଥିବା ଏକ ଭୟାବହ ବିସ୍ଫୋରଣରେ ୩୩ ଜଣ ମଣିଷ ମୃତ୍ୟୁ ଓ ୨୦ ରୁ ଅଧିକ ଆହତ ହୋଇଥିଲେ। କୋଲମ୍ବୋ ଯିବାକୁ ଥିବା ଏକ ଏୟାର ଇଣ୍ଡିଆ ବିମାନରେ ଥିବା ଏକ ସୁଟକେସ୍ ମଧ୍ୟରେ ଲୁଚାଇ ରଖାଯାଇଥିବା ବୋମା ବିସ୍ଫୋରଣ ହୋଇଥିଲା । ଏହି ଘଟଣା ପଛରେ ଶ୍ରୀଲଙ୍କାର ଏଲଟିଟିଇର ହାତ ଥିବା କୁହାଯାଇଥିଲା।

## ପୋକ୍ସୋ ଅଭିଯୁକ୍ତଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି

# 'ଅପରାଧ କାମନାର ନୁହେଁ, ପ୍ରେମର ପରିଣାମ'

ନୂଆଦିଲ୍ଲୀ,୧।୧୧: ଏକ ବିରଳ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ସୁପ୍ରିମକୋର୍ଟ ପୋକ୍ସୋ ଆକ୍ଟରେ ଜଣେ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଛନ୍ତି । ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିବା ପରେ ତାଙ୍କୁ ବିବାହ କରିଥିବା ଅଭିଯୁକ୍ତଙ୍କୁ ଆଶ୍ୱସ୍ତି ଦେଇଛନ୍ତି ସର୍ବୋଚ୍ଚ ଅଦାଲତ । ସମ୍ବିଧାନର ଧାରା ୧୪୨ ଆଧାରରେ ନିଜର ପୂର୍ଣ୍ଣ କ୍ଷମତାର ବ୍ୟବହାର କରି ସୁପ୍ରିମକୋର୍ଟ ଏହି ରାୟ ଶୁଣାଇଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି, 'ଏହି ଅପରାଧ କାମନାର ନୁହେଁ, ବରଂ ପ୍ରେମର ପରିଣାମ।' ଜଷ୍ଟିସ୍ ଦୀପଙ୍କର ଦତ୍ତ ଏବଂ ଜଷ୍ଟିସ୍ ଏଜି ମସୀହଙ୍କ ଖଣ୍ଡପୀଠ କହିଛନ୍ତି, ପୀଡ଼ିତା (ଏବେ ପତ୍ନୀ) କହିଥିଲେ ସେ ଯୁବକଙ୍କୁ ବିହାହ କରିଛନ୍ତି ଏବଂ ତାଙ୍କର ବର୍ଷକର ପୁଅ ଅଛି । ସେମାନେ ଏବେ ଖୁସିରେ ଜୀବନ ଯାପନ କରୁଛନ୍ତି । ମହିଳାଙ୍କ ପିତା ମଧ୍ୟ ଚାହୁଁଛନ୍ତି, ତାଙ୍କ ଜ୍ୱାଇଁଙ୍କ ବିରୋଧରେ ଥିବା ମାମଲା ସମାପ୍ତ ହେଉ । ଖଣ୍ଡପୀଠ କହିଛନ୍ତି, 'ଅପରାଧ କେବଳ ଜଣେ ବ୍ୟକ୍ତିଙ୍କ ବିରୋଧରେ ନୁହେଁ, ବରଂ ପୁରା ସମାଜ ବିରୋଧରେ ହୁଏ ବୋଲି ଆମେ ଅବଗତ ଅଛୁ । ଯେବେ କୌଣସି ଅପରାଧ ହୁଏ ତାହା ସାମୂହିକ ଚେତନାକୁ ଆହତ କରେ । ତେଣୁ ସମାଜ ନିଜର ନିର୍ବାଚିତ ସାଂସଦଙ୍କ ମାଧ୍ୟମରେ ଏଭଳି ଅପରାଧ ଲାଗି ଦଣ୍ଡ କଣ ହେବ ଏବଂ ଅପରାଧୀ ପ୍ରତି କେଉଁଭଳି ବ୍ୟବହାର କରାଯିବ ନିର୍ଦ୍ଧାରଣ କରେ । ଏହା ଦ୍ୱାରା ଅପରାଧର ଯେଉଁଭଳି ପୁନରାବୃତ୍ତି ନହୁଏ ତାହା ସୁନିଶ୍ଚିତ କରେ ।'

## ଚୀନକୁ ବଡ଼ ସଫଳତା

# ରେକର୍ଡ ସ୍ପିଡ୍‌ରେ ସ୍ପେସକୁ ମହାକାଶ ଯାତ୍ରୀଙ୍କ ସହ ପଠାଇଲା ୪ ମୂଷା

ନୂଆଦିଲ୍ଲୀ,୧।୧୧: ଚୀନ୍ ଶନିବାର ଘୋଷଣା କରିଛି ଯେ, ତା'ର ଶେନଝୋଉ-୨୧ ମହାକାଶ ଯାନ ନିଜର ତିନି ସଦସ୍ୟ ଦଳଙ୍କ ସହ ଦେଶର ମହାକାଶ ଷ୍ଟେସନ୍ ତିୟାନଗୋଙ୍ଗରୁ ରେକର୍ଡ ସମୟରେ ଯୋଡି ଯାଇଛି। ଚୀନ୍ ମାନବ ମହାକାଶ ଏଜେନ୍ସି ଅନୁସାରେ, ଏହି ଡକିଂ ପକ୍ରିୟା କେବଳ ୩.୫ ଘଣ୍ଟାରେ ପୁରା ହୋଇଛି,ଯାହାକି ଗତ ମିଶନ ତୁଳନାରେ ପ୍ରାୟ ୩ ଘଣ୍ଟା ଅଧିକ। ଶେନଝୋଉ-୨୧ ମହାକାଶ ଯାନ ଶୁକ୍ରବାର ବିଳମ୍ବିତ ରାତିରେ ସ୍ଥାନୀୟ ସମୟ ଅନୁସାରେ, ୧୧ଟା ୪୪ ମିନିଟରେ ଚୀନର ଉତ୍ତର-ପଶ୍ଚିମ ଭାଗରେ ଥିବା ଜିଉକଭାନ ଉତ୍କ୍ଷେପଣ କେନ୍ଦ୍ରରୁ ଉଡାଣ ଭରିଥିଲା। ସଫଳ ଉତ୍କ୍ଷେପଣ ପରେ ଏହି ମହାକାଶ ଯାନ ସିଧା ତିୟାନହେ କୋର ମଡ୍ୟୁଲ ଆଡକୁ ଆଗକୁ ବଢୁଛି ଓ ସଫଳତାର ସହ ତା ସହ ଯୋଡି ହୋଇଛି। ଏହି ମିଶନ୍ ଦଳର ନେତୃତ୍ୱ ପାଇଲଟ୍ ଓ ମିଶନ୍ କମାଣ୍ଡର ଝାଙ୍ଗ ଲୁ'ଙ୍କ ହାତରେ ରହିଛି, ଯିଏକି ଦୁଇ ବର୍ଷ ପୂର୍ବରୁ ଶେନ୍‌ଝୋଉ-୧୫ ମିଶନରେ ରହିସାରିଛନ୍ତି। ତାଙ୍କ ସହ ଦୁଇ ନୂଆ ମହାକାଶଯାତ୍ରୀ ରହିଛନ୍ତି। ୩୨ ବର୍ଷୀୟ ଇଞ୍ଜିନିୟର ଭୁ ଫେଇ ଯିଏ ଏପର୍ଯ୍ୟନ୍ତ ଚୀନ୍ ଇତିହାସରେ ସବୁଠାରୁ ଯୁବ ମହାକାଶଯାତ୍ରୀ ଅଛନ୍ତି। ଏହାଛଡା



ପେଲୋଡ୍ ବିଶେଷଜ୍ଞ ଝାଙ୍ଗ ହୋଙ୍ଗଝାଙ୍ଗ ମଧ୍ୟ ଅଛନ୍ତି, ଯିଏକି ପୂର୍ବରୁ ନୂଆଁ ଶକ୍ତି ଓ ନୂଆ ସାମଗ୍ରୀ ଉପରେ ରିର୍ସଚ୍ଚ କରୁଥିବା ବୈଜ୍ଞାନିକ ଥିଲେ। ଝାଙ୍ଗ ଲୁ ଉତ୍କ୍ଷେପଣ ପୂର୍ବରୁ କହିଥିଲେ, ଟିମ୍ ତିୟାନଗୋଙ୍ଗ ଷ୍ଟେସନକକୁ ଏକ 'ୟୁଟୋପିୟା'ରେ ବଦଳାଇ ଦେବ। ଯେଉଁଠି ସେ ତାଇ-ଚୀ, ଚାଷବାସ ଓ କବିତା ପାଠ ଭଳି ଗତିବିଧି କରିବେ।ଦଳର ସଦସ୍ୟ ପ୍ରାୟ ୬ ମାସ ପର୍ଯ୍ୟନ୍ତ ମହାକାଶ ଷ୍ଟେସନରେ ରହିବେ। ମିଶନ୍ ବେଳେ ମହାକାଶ ଯାତ୍ରୀ ୨୭ ବୈଜ୍ଞାନିକ ଓ ଅନୁପଯୁକ୍ତ ଚେଷ୍ଟା ଉପରେ କାମ କରିବେ। ଏଥିରେ ଜୈବ ପ୍ରାଦୋଗିକ, ଏରୋସ୍ପେସ୍ ମେଡିସିନ୍ ମ୍ୟାଟେରିଆଲ ସାଇନ୍ସ ରହିଛି। ଏଥର ଚୀନ୍ ପ୍ରଥମ ଥର ନିଜର ମହାକାଶ ଷ୍ଟେସନରେ ମୂଷା ପଠାଇବାକୁ ଯାଉଛି। ମୋଟ ଚାରୋଟି ମୂଷା ପଠାଇଛି, ଯାହାଫଳରେ ଜିରୋ ଗ୍ରାଭିଟି ଓ ସୀମିତ ବାତାବରଣରେ ତାଙ୍କ ବ୍ୟବହାରିକ ପରିବର୍ତ୍ତନର ଅଧ୍ୟୟନ କରାଯାଇ ହେବ।

## ଦୁଲାରଚାନ୍ଦ ଯାଦବ ହତ୍ୟା ମାମଲା ବଦଳିଲେ ଏସ୍‌ପିଙ୍କ ସମେତ ୪ ଅଧିକାରୀ

ପାଟନା,୧।୧୧: ବିହାରର ମୋକାମାରେ ଦୁଲାରଚାନ୍ଦ ଯାଦବ ହତ୍ୟା ମାମଲାରେ ନିର୍ବାଚନ କମିସନ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ମାମଲା ସହିତ ଜଡିତ ତିନି ଜଣ ଅଧିକାରୀଙ୍କୁ ହଟାଇ ଦିଆଯାଇଛି। ସ୍ଥାନୀୟ ଏସଡିଓ ଏବଂ ଏସଡିପିଓଙ୍କ ବିରୋଧରେ ବି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ପାଟନାର ଗ୍ରାମୀଣ ପୋଲିସ ଅଧିକ୍ଷକଙ୍କୁ ବଦଳି କରାଯାଇଛି। ଷଡ଼ଯନ୍ତ୍ର, ଅବହେଳା ଏବଂ ଠିକ୍ ସମୟରେ ଘଟଣାଗୁଡ଼ିକୁ ନିୟନ୍ତ୍ରଣ କରିବାରେ ବିଫଳତାର ଅଭିଯୋଗ ପରେ ନିର୍ବାଚନ କମିସନ ମୋକାମା ଏବଂ ବାର୍ହରୁ ତିନି ଜଣ ଅଧିକାରୀଙ୍କୁ ସେମାନଙ୍କ ପଦବୀରୁ ହଟାଇ ଦେଇଛନ୍ତି। କମିସନ ଏହି ଅଧିକାରୀଙ୍କ ମଧ୍ୟରୁ ଜଣଙ୍କୁ ତୁରନ୍ତ ନିଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ତାଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏସପିଙ୍କ ବଦଳି ସ୍ଥାନୀୟ ପୁଲିସ ଅଧିକ୍ଷକଙ୍କୁ ମଧ୍ୟ ବଦଳି କରାଯାଇଛି। ଆଇନ ଶୃଙ୍ଖଳା ଏବଂ ଏକ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ଆବଶ୍ୟକ ବୋଲି ନିର୍ବାଚନ କମିଶନ ସ୍ପଷ୍ଟ କରିଛନ୍ତି।

## ଏଣିକି ୩ ଦିନରେ ମିଳିବ ଜିଏସ୍‌ଟି ପଞ୍ଜୀକରଣ ମଞ୍ଜୁରି

ନୂଆଦିଲ୍ଲୀ,୧।୧୧: ଜିଏସଟି ହାରକୁ ସରଳ କରିବା ପରେ ଏବେ ସରକାର ଜିଏସଟି ପଞ୍ଜୀକରଣ ପ୍ରକ୍ରିୟାକୁ ସରଳ କରିଛନ୍ତି। ଆଜିଠାରୁ ମାତ୍ର ତିନିଦିନରେ ଜିଏସଟି ପଞ୍ଜୀକରଣର ମଂଜୁରି ମିଳିପାରିବ । ସରକାରଙ୍କର ଏହି ସରଳ ଜିଏସଟି ପଞ୍ଜୀକରଣ ସ୍କିମ ଦ୍ୱାରା ଛୋଟ ଓ ମଧ୍ୟମ ଧରଣର ବ୍ୟବସାୟୀମାନେ ଉପକୃତ ହେବେ। ଏ ନେଇ ଗତ ସପ୍ତାହରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଘୋଷଣା କରିଥିଲେ। ଏହି ନୂତନ ବ୍ୟବସ୍ଥା ଅନୁଯାୟୀ, ନୂତନ ଆବେଦନକାରୀମାନେ ମାତ୍ର ତିନି କାର୍ଯ୍ୟ ଦିବସ ମଧ୍ୟରେ ଅନୁମୋଦନ ପାଇବେ। ସରକାରଙ୍କ ଜିଏସଟି ସଂସ୍କାରର ଅଂଶ ଭାବରେ ଜିଏସଟି ପରିଷଦ ଗତମାସରେ ଏହାକୁ ଅନୁମୋଦନ କରିଥିଲା। ନୂଆ ବ୍ୟବସ୍ଥା ପଞ୍ଜୀକରଣ ପ୍ରକ୍ରିୟାକୁ ସରଳ କରିବ ଏବଂ ମାନବ ହସ୍ତକ୍ଷେପ ହ୍ରାସ କରିବ। ନୂତନ ବ୍ୟବସ୍ଥା ଅନୁଯାୟୀ, ଦୁଇଟି ବର୍ଗର ଆବେଦନକାରୀ ସ୍ୱୟଂଚାଳିତ ଭାବରେ ପଞ୍ଜୀକୃତ ହେବେ। ତଥ୍ୟ ଏବଂ ବିପଦ ବିଶ୍ଳେଷଣ ଉପରେ ଆଧାର କରି ସିଷ୍ଟମ ଦ୍ୱାରା ମନୋନୀତ ହୋଇଥିବା ବ୍ୟକ୍ତି ଏବଂ ଯେଉଁମାନଙ୍କର କର ଦାୟିତ୍ୱ (ଆଉଟପୁଟ୍ କର) ପ୍ରତି ମାସରେ ୨.୫ ଲକ୍ଷରୁ କମ୍ ହେବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅନୁଯାୟୀ, ଏହି ନୂତନ ପ୍ରକ୍ରିୟା ପ୍ରାୟ ୯୬ ପ୍ରତିଶତ ନୂତନ ଆବେଦନକାରୀଙ୍କୁ ସିଧାସଳଖ ଲାଭ ଦେବ।

## ଶେଖ ହସିନାଙ୍କୁ ପଳାତକ ଘୋଷଣା କଲେ ବାଂଲାଦେଶ କୋର୍ଟ

ଢାକା,୧।୧୧: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଢାକା ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ କୋର୍ଟ ତାଙ୍କୁ ପଳାତକ ଘୋଷଣା କରିଛନ୍ତି। ଚଳିତ ବର୍ଷ ଦାୟର ହୋଇଥିବା ଏକ ଦେଶଦ୍ରୋହ ମାମଲାରେ ଶେଖ ହସିନାଙ୍କ ସହିତ ଅନ୍ୟ ୨୬୦ ଜଣଙ୍କୁ ପଳାତକ ଘୋଷଣା କରାଯାଇଛି। ବାଂଲାଦେଶର ଅପରାଧ ତଦନ୍ତ ବିଭାଗ ଦୁଇଟି ଜାତୀୟ ଖବରକାଗଜରେ ଏକ ନୋଟିସ ଜାରି କରି ସମସ୍ତ ଅଭିଯୁକ୍ତଙ୍କୁ ନଭେମ୍ବର ୧୧ ସୁଦ୍ଧା କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବାଂଲାଦେଶର ଅପରାଧ ତଦନ୍ତ ବିଭାଗ ଶେଖ ହସିନା ଏବଂ ଦେଶଦ୍ରୋହ ଅଭିଯୋଗର ସମ୍ମୁଖୀନ ହେଉଥିବା ଅନ୍ୟ ୨୬୦ ଜଣଙ୍କ ବିରୁଦ୍ଧରେ ଏକ ପଳାତକ ନୋଟିସ ଜାରି କରିଛି। ଏହି ନୋଟିସଟି ଇଂରାଜୀ ଖବରକାଗଜ



ଦି ଡେଲି ଷ୍ଟାର ଏବଂ ବଙ୍ଗାଳୀ ଖବରକାଗଜ ଅମର ଦେଶରେ ପ୍ରକାଶିତ ହୋଇଥିଲା। ଏହି ନୋଟିସଟି ସ୍ୱତନ୍ତ୍ର ପୋଲିସ ଅଧୀକ୍ଷକ ଜସିମ ଉଦ୍ଦିନ ଖାନଙ୍କ ସ୍ୱାକ୍ଷରିତ ଏବଂ ଢାକା ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ କୋର୍ଟଙ୍କ ନିର୍ଦ୍ଦେଶରେ ଜାରି କରାଯାଇଛି। ସିଆଇଡି କହିଛି ଯେ ଗୃହ ମନ୍ତ୍ରଣାଳୟରୁ ଅନୁମତି ପାଇବା ପରେ ଦେଶଦ୍ରୋହ ତଦନ୍ତ ଫୌଜଦାରୀ ପ୍ରକ୍ରିୟା ସଂହିତାର ଧାରା ୧୯୬ ଅନୁଯାୟୀ ଆରମ୍ଭ କରାଯାଇଥିଲା। ତଦନ୍ତରୁ ଜଣାପଡିଛି ଯେ 'ଜୟ ବଙ୍ଗଳା ବ୍ରିଗେଡ' ନାମକ ଏକ ଅନଲାଇନ ପ୍ଲାଟଫର୍ମକୁ ଦେଶୀ ଏବଂ ବିଦେଶୀ ଉଭୟ ଦଳ ବୈଧ ସରକାରଙ୍କୁ ଗାଦିଚ୍ୟୁତ କରିବା ପାଇଁ ବ୍ୟବହାର କରୁଛନ୍ତି। ତଦନ୍ତ ସମାପ୍ତ ହେବା ପରେ, ସିଆଇଡି ଶେଖ ହସିନାଙ୍କ ସମେତ ୨୮୬ ଜଣଙ୍କ ବିରୁଦ୍ଧରେ ଏକ ଚାର୍ଜସିଟ ଦାଖଲ କରିଥିଲା।

## ବ୍ରାଜିଲରେ ବାଦୁଡ଼ିଠାରୁ କୋଭିଡ୍ ଭଳି ଭୂତାଣୁ ଚିହ୍ନଟ

ନୂଆଦିଲ୍ଲୀ,୧।୧୧: ବ୍ରାଜିଲରେ ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ବାଦୁଡ଼ିଠାରେ କୋଭିଡ୍-୧୯ ଭଳି ଭୂତାଣୁ ଚିହ୍ନଟ ହୋଇଛି। ଆମେରିକା, ଜାପାନ,ଅଷ୍ଟ୍ରେଲିଆ ଏବଂ ବେଲଜିୟମର ବୈଜ୍ଞାନିକମାନଙ୍କ ଏକ ଅନ୍ତର୍ଜାତୀୟ ଟିମ୍ ଏହି ନୂଆ ଭାଇରସ୍ ଚିହ୍ନଟ କରିଥିବାବେଳେ ଏହାକୁ ନେଇ ସମ୍ଭାବ୍ୟ ସଂକ୍ରମଣ ଓ ନୂଆ ରୋଗର ଆଶଙ୍କା ଦେଖାଦେଇଛି। ବେଟାକରୋନା ଭୂତାଣୁ ଯଥା ସିଭିୟର୍ ଆକ୍ୟୁଟ୍ ରେସ୍ପିରେଟୋରି ସିଣ୍ଡ୍ରୋମ୍ ଭାଇରସ୍ (ଏସ୍‌ଏଆରଏସ୍-ସିଓଭି-୨) ଏବଂ ମିଡିଲ୍ ଇଷ୍ଟ୍ ରେସ୍ପିରେଟୋରି ସିଣ୍ଡ୍ରୋମ୍ ଭାଇରସ୍ (ଏମ୍‌ଇଆରଏସ୍-ସିଓଭି) ସମେତ ଅନେକ ଭୂତାଣୁର ପ୍ରାକୃତିକ ଭଣ୍ଡାର ହେଉଛନ୍ତି ବାଦୁଡ଼ି। ଟେରୋନୋଟସ୍ ପାର୍ନେଲି ନାମକ ଏକ କ୍ଷୁଦ୍ର ତଥା ମୁହଁରେ ମୁଛ ଥିବା ବାଦୁଡ଼ିଠାରୁ ବିଆର୍ଜେଡ୍ ବ୍ୟାଟ୍ କୋଭ୍ ନାମରେ ଭୂତାଣୁକୁ ଓସାକା ଏବଂ ସିଡନୀ ୟୁନିଭର୍ସିଟିର ଗବେଷକ ଟିମ୍ ଚିହ୍ନଟ କରିଛି। ଏହା ବେଟାକରୋନା ଭାଇରସଠାରୁ ବର୍ଗାନୁବଂଶିକ ଭାବେ ଭିନ୍ନ ବୋଲି ଗବେଷକମାନେ କହିଛନ୍ତି। ତେବେ ବିଆର୍ଜେଡ୍ ବ୍ୟାଟ୍ ସିଓଭି କୋଭିଡ୍ ନୁହେଁ, ବରଂ ଏହାର ଏମ୍‌ଇଆର୍‌ଏସ୍ ଭୂତାଣୁ ସହ ଅଧିକ ନିବିଡ଼ ସମ୍ପର୍କ ରହିଥିବା କୁହାଯାଇଛି।

# ଦିଲ୍ଲୀରେ ୧୦ ବର୍ଷରେ ୧.୮ ଲକ୍ଷ ଶିଶୁ ନିଖୋଜ

## ଝିଅଙ୍କ ସଂଖ୍ୟା ଖୁବ୍ ଅଧିକ

ନୂଆଦିଲ୍ଲୀ,୧।୧୧: ଶିଶୁଙ୍କ ନିଖୋଜ ହେବା ମାମଲା ଦିଲ୍ଲୀରେ ଖୁବ୍ ଡରାଇବାରେ ଲାଗିଛି। ଦିଲ୍ଲୀ ପୋଲିସର ସୂଚନାନୁସାରେ, ଗତ ୧୦ ବର୍ଷରେ ରାଷ୍ଟ୍ରୀୟ ରାଜଧାନୀରେ ୧.୮ ଲକ୍ଷରୁ ଅଧିକ ଶିଶୁ ନିଖୋଜ ହୋଇଛନ୍ତି। ଏଥିରେ ୫୦ ହଜାରରୁ ଅଧିକଙ୍କର ଏପର୍ଯ୍ୟନ୍ତ କିଛି ପତା ମିଳିପାରିନି। ତଥ୍ୟ ଯାହା କହୁଛି ସେ ଅନୁସାରେ ପୁଅଙ୍କ ତୁଳନାରେ ଅଧିକ ଝିଅ ନିଖୋଜ ହେଉଛନ୍ତି। ଦିଲ୍ଲୀ ପୋଲିସର ସୂଚନା ଅନୁସାରେ, ୨୦୧୫ ରୁ ୨୦୨୫ ଭିତରେ ପୁରା ସହରରେ ୧.୮୪ ଲକ୍ଷ ଶିଶୁ ନିଖୋଜ ହୋଇଥିଲେ। ତାଙ୍କ ଭିତରୁ ୧.୩୩ ଲକ୍ଷଙ୍କ ପତା ଲଗାଯାଇଛି। ସେଭଳି ୫୦୭୭୧ ଶିଶୁ ଏବେ ବି ସମ୍ପୂର୍ଣ୍ଣ ନିଖୋଜ। ତଥ୍ୟ ଅନୁସାରେ, ନିଖୋଜ ପିଲାଙ୍କ ସଂଖ୍ୟା ୨୦୧୯ ରେ (୧୮୦୬୩ ମାମଲା),୨୦୨୩ ଷଣ (୧୮୧୯୭) ଓ ୨୦୨୪ ରେ (୧୯୦୪୭) ରହିଛି। ସବୁଠାରୁ କମ୍ ସଂଖ୍ୟା




୨୦୨୦ ରେ କୋଭିଡ୍-୧୯ ମହାମାରୀ ବେଳେ ରେକର୍ଡ କରାଯାଇଛି। ଲକଡାଉନ୍ କଟକଣା କାରଣରୁ ମାମଲା ଦ୍ରୁତ ଗତିରେ ହ୍ରାସ ପାଇଛି। ଏହି ସଂଖ୍ୟା ହ୍ରାସ ପାଇ ୧୩୬୪୭ ହୋଇ ଯାଇଛି। ଲିଙ୍ଗ ଆଧାରରେ ପ୍ରତି ବର୍ଷ ପୁଅଙ୍କ ତୁଳନାରେ ଅଧିକ ଝିଅ ନିଖୋଜ ହେଉଛନ୍ତି। ୨୦୧୫ ଓ ୨୦୨୫ ଭିତରେ ୮୬୩୬୮ ପୁଅଙ୍କ ତୁଳନାରେ ୯୮୦୩୬ ଝିଅ ନିଖୋଜ ହେବାର ସୂଚନା ମିଳିଛି। ଏପର୍ଯ୍ୟନ୍ତ ୭୦୬୯୬ ଝିଅଙ୍କର ପତା ମିଳିଛି, କିନ୍ତୁ ୨୭୦୦୦ ରୁ ଅଧିକ ଏବେ ବି ନିଖୋଜ ଅଛନ୍ତି। ନିଖୋଜ ପିଲାଙ୍କ ବୟସ ଉପରେ ଯଦି ନଜର ପକାଇବା ତେବେ ୧୨ରୁ ୧୮ ବର୍ଷର ଝିଅଙ୍କ ସଂଖ୍ୟା ୮୨% ରହିଛି। ଏକାକୀ ୨୦୨୫ରେ ୪୧୬୭ କିଶୋରୀ ନିଖୋଜ ହେବାର ସୂଚନା ମିଳିଛି। ଏଥିରେ ତିନି ତୃତୀୟାଂଶ ଝିଅ ଥିଲେ। ଏପର୍ଯ୍ୟନ୍ତ କେବଳ ପ୍ରାୟ ୬୯ ପ୍ରତିଶତ ଲୋକଙ୍କ ବିଷୟରେ ଜଣାପଡିଛି। ୨୦୨୫ର ପ୍ରଥମ ୧୦ ମାସରେ ନିଖୋଜ ପିଲାଙ୍କ ଭିତରେ ୧୪୮୨୮ ମାମଲା ସାମନାକୁ ଆସିଛି। ଏଥିରେ ଏପର୍ଯ୍ୟନ୍ତ ୭୪୪୩ ନିଖୋଜ ଅଛନ୍ତି। ୭୩୮୫ (ପ୍ରାୟ ୫୦%) ଏବେ ବି ନିଖୋଜ ଅଛନ୍ତି।

## ସାଇବର ସୁରକ୍ଷା ସଚେତନତା



ଚାରିଛକ (ନିପ୍ର ): ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ପୁରୀ ସାଇବର ଥାନା ଏବଂ ଚାରିଛକ ଥାନା ଆନୁକୂଲ୍ୟରେ ଏକ 'ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କର ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ପୁରୀ ସାଇବର ଥାନା ତରଫରୁ ଛାତ୍ରୀମାନଙ୍କୁ ସାଇବର ଅପରାଧ ଓ ତାର ସୁରକ୍ଷା ପାଇଁ ସଚେତନ କରାଯାଇଥିଲା । ଅଜଣା ଲୋକଙ୍କୁ ନିଜର ମୋବାଇଲ ନମ୍ବର ନ ଦେବା, କାହାରିକୁ ନିଜର ଓ.ଟି.ପି କି ବ୍ୟାଙ୍କ ଆକାଉଣ୍ଟ ନମ୍ବର ନ ଦେବା, ସାଇବର ଠକେଇରୁ ପ୍ରତ୍ୟେକ ବ୍ୟକ୍ତି ନିବୃତ ରହିବା,ସାଇବର ଠକେଇର ଶିକାର ହେଲେ ତତକ୍ଷଣାତ୍ ୧୯୩୦ ସାଇବର ହେଲ୍ପଲାଇନ ନମ୍ବରକୁ ଫୋନ କରି ଜଣାଇବା ଆବଶ୍ୟକ । ଏ.ଆଇ ଯୁଗରେ ସମସ୍ତେ ଶିକ୍ଷିତ ହେବା, ସ୍ମାର୍ଟ ହେବା ଠାରୁ ଅଧିକ ଡିଜିଟାଲ ସୁରକ୍ଷିତ ରହିବା ଆବଶ୍ୟକ । ଭିଡିଓ କଲ୍, ହ୍ୱାଟସପ୍ କଲ୍, କିମ୍ବା ଫେସବୁକ୍ କଲ୍ ପ୍ରତି ସଜାଗ ରହିବାକୁ ଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା ।

## କାଶୀନଗର ପୋଲିସ ଦ୍ୱାରା ସେକ୍ସ ରାକେଟ ଠାବ

କାଶୀନଗର(ନିପ୍ର):କାଶୀନଗର ଠାରେ ଥିବା ଦମୟନ୍ତୀ ନିରଞ୍ଜନ ନିବାସ ଲୋଡ଼ଜ ରେ କାଶୀନଗର ଥାନା ତରଫରୁ କୌଣସି ପ୍ରକାରେ ସେକ୍ସ ହେଉଥିବା ସୂଚନା ପାଇ କାଶୀନଗର ଥାନା ଅଧିକାରୀ ସୁନୀଲ କୁମାର ବେହେରା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱଧାନ ରେ ଅଚାନକ ଚଢ଼ାଉ ହୋଇଥିଲା । ଏହି ଚଢ଼ାଉ ସମୟରେ ଦୁଇ ଜଣ ମହିଳାଙ୍କ ଜଣେ ଗ୍ରାହକ ସହ ଲଜ ମଧ୍ୟରେ ଆପତ୍ତିଜନକ ସାମଗ୍ରୀ ସହ ତିନୋଟି ବିଅର କାଚ ଜବତ ହୋଇଛି । ଏନେଇ ଏକ ମାମଲା ରୁଜୁ କରି ଥିବା ସୂଚନା ମିଳିଛି । କାଶୀନଗର ପ୍ରଶାସନିକ ଅଧିକାରୀ ସୁଧୀର କୁମାର ନନ୍ଦ ଲଜଠାରେ ତଦନ୍ତ କରି ସେକ୍ସ ରାକଟ ଠାବ କରି ଅସାମାଜିକ ପଦାର୍ଥ ସବୁ ଜବତ କରି ସେମାନଙ୍କୁ କୋର୍ଟ ଚାଲାଣ କରିଥବା ସୂଚନା ହସ୍ତ ଗତ ହୋଇଛି ।

## ଖଣ୍ଡୋକଟା ଧନୁଯାତ୍ରା ପାଇଁ କର୍ମକର୍ତ୍ତା ଚୟନ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର ଖଣ୍ଡୋକଟା ପ୍ରସିଦ୍ଧ ଧନୁଯାତ୍ରା ପାଇଁ ଆଗାମୀ ୨୦୨୬ ଯାତ୍ରା ନିମନ୍ତେ କର୍ମକର୍ତ୍ତା ଚୟନ ହୋଇଯାଇଛି । ପୂର୍ଣ୍ଣଚନ୍ଦ୍ର ପଟେଲଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଦୀର୍ଘ ୩୨ବର୍ଷ ଧରି ଖଣ୍ଡୋକଟା ଗ୍ରାମବାସୀ ପ୍ରତ୍ୟେକଟି ଘାତ ପ୍ରତିଘାତକୁ ସାମ୍ନା କରି ନିରବଚ୍ଛିନ୍ନ ଭାବେ ଧନୁଯାତ୍ରା ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିଥିବାରୁ ଆଗାମୀ ୨୦୨୬ ଧନୁଯାତ୍ରାକୁ ମଧ୍ୟ ଆଡ଼ମ୍ବର ସହକାରେ ପାଳନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି । ଖଣ୍ଡୋକଟା ଗ୍ରାମ ହେଉଛି କଳା ଓ ସଂସ୍କୃତିର ମାଟି । ଯେଉଁଥି ପାଇଁ ଜିଲ୍ଲା ପ୍ରଶାସନ ଖଣ୍ଡୋକଟାକୁ କଳାକାର ଗ୍ରାମ ଭାବେ ଘୋଷଣା କରି ପ୍ରତିବର୍ଷ ତାର ବାର୍ଷିକ ଉତ୍ସବ ପାଳନ କରି ଆସୁଛି । ତେଣୁ ହେବାକୁଥିବା ଧନୁଯାତ୍ରାକୁ କିଭଳି ଶୃଙ୍ଖଳାର ସହ ସମ୍ପାଦନ କରାଯିବ ସେନେଇ ଆଲୋଚନା ହୋଇଥିଲା । ବୈଠକରେ ଧନୁଯାତ୍ରା ଉପଦେଷ୍ଟା ତଥା ବରିଷ୍ଠ କଳାକାର ସୁରେଶ ଚନ୍ଦ୍ର ପଟେଲଙ୍କ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

## ପାରାଦୀପ ରିଫାଇନାରୀ ରାଷ୍ଟ୍ରୀୟ ଏକତା ଦିବସ

ପାରାଦୀପ(ନିପ୍ର): ରାଷ୍ଟ୍ରୀୟ ଏକାତା ଦିବସ ପାଳନ ତଥା ଲହୌମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଇଣ୍ଡିଆନ୍ ଅଏଲ ପାରାଦୀପ ରିଫାଇନାରୀ ପକ୍ଷରୁ ପାଳିତ ହୋଇଯାଇଛି । ପାରାଦୀପ ରିଫାଇନାରୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ରିଫାଇନାରୀ ମୁଖ୍ୟ



କୌଶିକ ବସୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରାଇଥିଲେ । ଶ୍ରୀ ବସୁଙ୍କ ସମେତ ପାରାଦୀପ ରିଫାଇନାରୀର ବରିଷ୍ଠ ଅଧିକାରୀ, ସିଆଇଏସଏଫ ସମେତ ଡିଜିଆର ସଦସ୍ୟମାନେ ଲୌହମାନଙ୍କୁ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ଚନ୍ଦକା ଜଙ୍ଗଲରୁ ନରକଙ୍କାଳ ମିଳିବା ଘଟଣା

# ଗୁଣିଗାରେଡି ସନ୍ଦେହରୁ ବୃଦ୍ଧଙ୍କୁ ତଣ୍ଟିଚିପି ହତ୍ୟା: ୨ ଗିରଫ

ଭୁବନେଶ୍ୱର,(ନିପ୍ର): ଚନ୍ଦକା ଥାନା ଅନ୍ତର୍ଗତ ପିଠାଗଡ଼ିଆ ଗାଁ ପାଖରେ ଥିବା ଘଞ୍ଚ ଜଙ୍ଗଲ ମଧ୍ୟରୁ ଶୁକ୍ରବାର ଜଣେ ବ୍ୟକ୍ତିଙ୍କର ନରକଙ୍କାଳକୁ ପୋଲିସ ଜବତ କରିଥିଲା । ନରକଙ୍କାଳ ଜବତ ହେବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ପୋଲିସ ମୃତ ବ୍ୟକ୍ତିଙ୍କ ପରିଚୟ ଚିହ୍ନଟ କରିବାରେ ସଫଳ ହେବା ସହ ତାଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଗୁଣିଗାରେଡି ସନ୍ଦେହରୁ ଅଭିଯୁକ୍ତ ଦ୍ୱୟ ମୃତକ ବଳରାମ ଦେଓଗାମ (୭୨)କୁ ତଣ୍ଟି ଚିପି ହତ୍ୟା କରିଥିବା ପୋଲିସ କମିଶନର ସୁରେଶ ଦେବଦତ ସିଂ ଶନିବାର ସନ୍ଧ୍ୟାରେ ପୋଲିସ ସେବା ଭବନରେ ଅନୁଷ୍ଠିତ ପ୍ରେସ୍‌ମିଟ୍‌ରେ ସୂଚନା ଦେଇଛନ୍ତି । ଏହି ମାମଲାରେ ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ହେଉଛନ୍ତି କହ୍ନେଇ ହେମ୍ବ୍ରମ(୨୭) ଓ ରାମ ଶାମଡ଼ା (୨୫) । ଏହି ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି କହ୍ନେଇ ହେମ୍ବ୍ରମ । ମାସେ ତଳେ ଅର୍ଥାତ ସେପ୍ଟେମ୍ବର ୩୦ ତାରିଖ ବିଳମ୍ବିତ ରାତିରେ ଦୁଇ ଅଭିଯୁକ୍ତ କହ୍ନେଇ ଓ ରାମ ପୂର୍ବ ଯୋଜନା ମୁତାବକ ବଳରାମଙ୍କୁ ପିଠାଗଡ଼ିଆ ଜଙ୍ଗଲ ଭିତରେ ଥିବା ଏକ ପୋଖରୀ କୂଳରେ ମାଡ଼ି ବସି ତଂଟି ଚିପି ହତ୍ୟା କରିବା ପରେ ଘଂଚ ଜଙ୍ଗଲରେ ପୋତି ଦେଇଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି । ଏହି ପ୍ରେସ୍‌ମିଟରେ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଡିସିପି ଜଗମୋହନ ମୀନା ଓ ଜୋନ ୬ଏସିପି ସୋନାଲୀ ପନାରା ଉପସ୍ଥିତ ଥିଲେ । ସୂଚନାନୁସାରେ ମୃତକ ବଳରାମ ପିଠାଗଡ଼ିଆ ଗାଁରେ ଜଣେ ଗୁଣିଆ ଭାବେ ପରିଚିତ ଥିଲେ । ସେ ଯଦିଓ କାହାକୁ ଗୁଣି ଗାରେଡି କରୁ ନ ଥିଲେ କିନ୍ତୁ ଗାଁରେ ରହୁଥିବା ଛୋଟ ପିଲାମାନଙ୍କର ଦେହ ଖରାପ ହେଲେ ତାଙ୍କୁ ସେ ଝଡ଼ାଫୁଙ୍କା କରୁଥିଲେ । ଯେହେତୁ ସେ ଝଡ଼ାଫୁଙ୍କା କରୁଥିଲେ ତେଣୁ ସେ ଗୁଣି କରୁଥିବା ନେଇ ମୁଖ୍ୟ ଅଭିଯୁକ୍ତ କହ୍ନେଇ ସନ୍ଦେହ କରି ଆସୁଥିଲେ । ଏହାରି ମଧ୍ୟରେ ବଳରାମଙ୍କ ନାତି ଜନ୍ମଦିନ ଭୋଜିରେ ଅଭିଯୁକ୍ତ କହ୍ନେଇଙ୍କ ବାପା ଯୋଗ ଦେଇଥିବା ବେଳେ ସେଠାରେ ଅତ୍ୟଧିକ ହାଣ୍ଡିଆ ପିଇବା ଯୋଗୁଁ ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଥିଲା । ତେବେ ବାପାଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରି ନ ଥିଲେ ପୁଅ କହ୍ନେଇ । ସେ ତାଙ୍କ ବାପାଙ୍କୁ ବଳରାମ ଗୁଣିକରି ହତ୍ୟା କରିଥିବା କଥା ଧରି ନେଇଥିଲେ । ଏପରିକି କିଛିଦିନ ତଳେ ଅନ୍ୟତମ ଅଭିଯୁକ୍ତ ରାମଙ୍କ ବାପା ମଧ୍ୟ ସାମାନ୍ୟ ଜରରେ ପୀଡ଼ିତ ହେବାର ଦିନକ ପରେ ତାଙ୍କର ମୃତ୍ୟୁ ହୋଇଥିଲା । ତେଣୁ ଉଭୟ ଅଭିଯୁକ୍ତ ଧରି ନେଇଥିଲେ କି, ସେମାନଙ୍କ ବାପାଙ୍କର ମୃତ୍ୟୁ ପଛରେ ବଳରାମଙ୍କ ଗୁଣିଗାରେଡି ରହିଛି । ବର୍ତମାନ ସମୟରେ କହ୍ନେଇଙ୍କ ଦୁଇଟି ନବଜାତ ପିଲା ଥିବା ବେଳେ ରାମର ସ୍ତ୍ରୀ ଅନ୍ତଃସ୍ୱତ୍ତା ଅଛନ୍ତି । ତେଣୁ ସେମାନଙ୍କ ପିଲାଙ୍କ ଉପରେ ମଧ୍ୟ ବଳରାମର ନଜର ଥିବା ଉଭୟ ଭାବି ନେଇଥିଲେ ।

## ପାରିବାରିକ ବିବାଦର କରୁଣ ଚିତ୍ର

# ଭାଇକୁ ରକ୍ତାକ୍ତ କରି ଭାଇ ଗିରଫ

ଭୁବନେଶ୍ୱର,(ନିପ୍ର): ଭରତପୁର ଥାନା ଅନ୍ତଗର୍ତ ଆଇଆରସି ଭିଲେଜର ପ୍ଲଟନଂ ଏନ୍/୩୦୧ରେ ରହୁଥିବା ଦୁଇ ଭାଇଙ୍କ ମଧ୍ୟରେ ଲାଗି ରହିଥିବା ଦୀର୍ଘଦିନର ଶତ୍ରୁତାକୁ କେନ୍ଦ୍ରକରି ଭାଇକୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଅନ୍ୟଜଣେ ଭାଇଙ୍କୁ ଗିରଫ କରିଛି ପୋଲିସ । ଗିରଫ ଅଭିଯୁକ୍ତଙ୍କ ନାମ ଅବଦୁଲ କ୍ୱାଇ (୪୮) । ଏନେଇ ଆହତ ଭାଇ ଗକାରୀ ମୁସ୍ତାକ ଅହମ୍ମଦ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଆଇଆରସି ଭିଲେଜ୍‌ର ପ୍ଲଟ୍ ନଂ ଏନ୍/୩୦୧ର ତଳ ମହଲାରେ ରହୁଛନ୍ତି । ଯେତେବେଳେ ତାଙ୍କ ବଡ଼ ଭାଇ ଅବଦୁଲ କି ସମାନ କୋଠାର ଉପର ମହଲାରେ ରହୁଛନ୍ତି । ଗତ ୨୬ତାରିଖରେ, ଅଭିଯୋଗକାରୀ ଛାତକୁ ଯାଇ ଗଦି ସାଉଁଟୁଥିବା ସମୟରେ ତାଙ୍କ ବଡ଼ ଭାଉଜ ଏହି ବିଷୟ ତାଙ୍କ ବଡ଼ ଭାଇଙ୍କୁ ଜଣାଇଥିଲେ । ପରେ ଅଭିଯୁକ୍ତ ଅଭିଯୋଗକାରୀଙ୍କୁ ଭରତପୁରର ଆୟୁର୍ବେଦିକ ଛକ ନିକଟରେ ଥିବା ତାଙ୍କ ମେର୍ସସ ପ୍ଲାଏ ହାଉସ୍ ଦୋକାନକୁ ଡାକିଥିଲେ । ଯେଉଁଠାରେ ସେ ଅଭିଯୋଗକାରୀଙ୍କୁ ଖରାପ ଭାଷାରେ ଗାଳି ଦେଇଥିଲେ ଏବଂ କାଠ ଖଣ୍ଡ ସାହାଯ୍ୟରେ ଆକ୍ରମଣ କରିଥିଲେ । ଫଳରେ ତାଙ୍କ ମୁଣ୍ଡରେ ରକ୍ତସ୍ରାବ ହୋଇଥିଲା ।

## ଦୁଇ ମୋବାଇଲ ଲୁଟେରା ଗିରଫ

ଭୁବନେଶ୍ୱର,(ନିପ୍ର): ଖାରବେଳନଗର ଥାନା ପୋଲିସ ଶନିବାର ଦୁଇଜଣ ମୋବାଇଲ ଲୁଟେରାଙ୍କୁ ଗିରଫ କରିଛି । ଗିରଫ ଦୁଇ ମୋବାଇଲ ଲୁଟେରା ହେଉଛନ୍ତି, ଲକ୍ଷ୍ମୀସାଗର ହଳଦୀପଡ଼ିଆ ବସ୍ତିର ସନ୍ତୋଷ ବେହେରା (୩୪) ଓ ସିନ୍ଟୁ କୁମାର (୨୬) । ଗିରଫ ଅଭିଯୁକ୍ତଦ୍ୱୟଙ୍କ ଠାରୁ ପୋଲିସ ଗୋଟାଏ ବାଇକ ଓ ଦୁଇଟି ମୋବାଇଲ ଫୋନକୁ ଜବତ କରିଛି । ଏନେଇ ବିଶ୍ୱରଞ୍ଜନ ବାରିକ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ୨୯ ତାରିଖ ରାତି ପ୍ରାୟ ୮ଟାରୁ ରୁ ୮ଟା ୩୦ ମଧ୍ୟରେ ଅଭିଯୋଗକାରୀ ସତ୍ୟନଗର ଓଭର ବ୍ରିଜରୁ ବିଗ୍ ବଜାର ଟ୍ରାଫିକ୍ ଛକ ଦିଗକୁ ସାଇକେଲରେ ଯାଉଥିବା ସମୟରେ, ସ୍ମାର୍ଟ ବଜାର ନିକଟରେ ଦୁଇ ଅଜଣା ବ୍ୟକ୍ତି ଏକ ମୋଟରସାଇକେଲ୍‌ରେ ପଛରୁ ଆସି ତାଙ୍କର ମୋବାଇଲ ଫୋନ ଛଡ଼ାଇ ନେଇ ପଳାଇଯାଇଥିଲେ ।

# ଆସିକାର ବିଭିନ୍ନ ଲଜ୍‌ରେ ଚାଲିଛି ଖୋଲାଖୋଲି ଦେହ ବ୍ୟବସାୟ !

ଆସିକା (ନିପ୍ର): ଆସିକାର ବିଭିନ୍ନ ଲଜରେ ଚାଲିଛି ଖୋଲା ଖୋଲି ଦେହ ବ୍ୟବସାୟ । କିଛି ଦିନ ହେବ ଆସିକା ବିଜୁ ପଟ୍ଟନାୟକ ଛକ ଓ କଳିଙ୍ଗ ରୋଡ଼ରେ ଥିବା ବହୁ ତଳ ବିଶିଷ୍ଟ ଲଜ ଏଣ୍ଡ ହୋଟେଲ ଗୁଡିକରେ ଚାଲିଛି ଖୁଲମଖୁଲା ଦେହ ବ୍ୟାପର । ପ୍ରକାଶ ଥାଉକି ଆସିକାରେ କଳିଙ୍ଗ ରୋଡ଼ରେ ଥିବା ହୋଟେଲ ମାଲିକମାନେ ସରକାରଙ୍କ ହୋଟେଲ ଓ ଲଜିଙ୍ଗ ନିୟମ ଭାଙ୍ଗି ରୁମ ଗୁଡିକରେ ବିଭିନ୍ନ ଅନୈତିକ କାର୍ଯ୍ୟ କରିବାକୁ ପ୍ରଶ୍ରୟ ଦେଉଥିବା ନେଇ ବହୁ ସମୟରେ ଅଭିଯୋଗ ହେଉଥିଲେ ମଧ ପୋଲିସ ହାତ ସବୁବେଳେ ଖାଲି ରହୁଛି । ହୋଟେଲ ମାଲିକମାନେ ଚଢା ଦରରେ ପଇସା ପାଇବା ପାଇଁ ବିଭିନ୍ନ ନିଶା ଦ୍ରବ୍ୟ ବେପାରୀ ସାଙ୍ଗକୁ ବିଭିନ୍ନ ରାଜ୍ୟର ଦେହଜୀବି, ଓ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ଆଳ ଦେଖାଇ ଏହି ଲଜିଙ୍ଗ ଗୁଡିକରେ ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଥିବା ଦେଖିବାକୁ ମିଳୁଛି । ଆସିକା ଗଞ୍ଜାମ ଜିଲ୍ଲାର ଏକ ସମ୍ବେଦନଶୀଳ ଓ କେନ୍ଦ୍ରସ୍ଥଳୀ ହୋଇଥିବା ଯୋଗୁଁ ଏହି ଲଜ ଗୁଡିକରେ ସନ୍ଧ୍ୟା ହୋଇଗଲେ ମଦ ଓ ଜୁଆ ଖେଳର ଅସାର ଜମିବା ସାଙ୍ଗକୁ ଏହି ଲଜ ଗୁଡିକରେ ବିଭିନ୍ନ ପ୍ରକାର ଟେଣ୍ଡର ଫିକ୍ସିଙ୍ଗ, ଡକାୟତି, ହତ୍ୟାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବାକୁ ଏହାକୁ ଲଜିଂ ମାଲିକମାନେ ପ୍ରଶ୍ରୟ ଦେଉଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି । ହୋଟେଲ ମାଲିକମାନଙ୍କ ବିରୋଧରେ ପୋଲିସ ପ୍ରଶାସନ କୌଣସି ପଦକ୍ଷେପ ନନେବା, ଅଚାନକ ହୋଟେଲ ଲର୍ଡ଼ଜରେ ଚଢ଼ାଉ ନକରିବା ହୋଟେଲ ମାଲିକଙ୍କ ଉପରେ କଡା କାର୍ଯ୍ୟନୁଷ୍ଠାନ ଗ୍ରହଣ ନକରିବା ଯୋଗୁଁ ଆସିକା ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଉଚି । ବିଶେଷ କରି କଲେଜ ପଢୁଆ ଛାତ୍ର ଛାତ୍ରୀଙ୍କ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ଏହି ସମସ୍ୟା ଚିନ୍ତାର କାରଣ ପାଲଟିଛି ।ତୁରନ୍ତ ଏହି ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ହୋଟେଲ ଗୁଡିକ ବିରୁଦ୍ଧରେ ପୋଲିସ ପ୍ରଶାସନ ପକ୍ଷରୁ ତଦନ୍ତ କରିବା ସହ ଆଗକୁ ପାର୍ବଣ ଋତୁ ଆସୁଥିବା ଯୋଗୁଁ ଆଗାମୀ ଦିନରେ ଏକ ବଡ଼ ଧାରଣର ଅଘଟଣ ଘଟିଯିବା ସମ୍ଭାବନା ରହିଛି ।

# ଘରେ ପଶି ଚୋରି,ଅଭିଯୁକ୍ତ ଧରାପଡ଼ିଲା

ଭୁବନେଶ୍ୱର,(ନିପ୍ର): ଘରେ ପଶି ଚୋରି କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ଶନିବାର ଜଣେ ଚୋରକୁ ଗିରଫ କରିଛି । ଗିରଫ ଚୋରର ନାମ ବିଶ୍ୱାଳ ଶବର (୨୨) ଓ ତାଙ୍କ ଘର କ୍ୟାପିଟାଲ ଥାନା ଅନ୍ତଗର୍ତ ପଟେଲ ବସ୍ତିରେ ବୋଲି ଜଣାପଡ଼ିଛି । ଏନେଇ ଚୋରି ହୋଇଥିବା ଘରର ମାଲିକାଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନା ଅନୁଯାୟୀ, ୩୧ ତାରିଖ ରାତିପ୍ରାୟ ୧ଟା ସମୟରେ ଅଭିଯୁକ୍ତ ବିଶ୍ୱାଳ ସବର ଅଭିଯୋଗକାରିଣୀଙ୍କ ଘରର ତାଲା ଭାଙ୍ଗି ଭିତରକୁ ପ୍ରବେଶ କରି ଏକ ମୋବାଇଲ୍ ଫୋନ୍ ଏବଂ ଘର ବାହାରେ ଲାଗିଥିବା ଦୁଇଟି ସିସିଟିଭି କ୍ୟାମେରା ଚୋରି କରିଥିଲେ । ଘଟଣାବେଳେ ଅଭିଯୋଗକାରୀ ଓ ପରିବାର ସଦସ୍ୟ ଉଠି ତାଙ୍କୁ ଧରିବା ଚେଷ୍ଟା କରିବା ବେଳେ, ସେ ସେମାନଙ୍କୁ ଠେଲି ଦେଇ ପଳାଇଯାଇଥିଲେ । ପରେ ଅଭିଯୁକ୍ତଙ୍କ ପରିବାରର କିଛି ସଦସ୍ୟ ଆସି ଅଭିଯୋଗକାରିଣୀଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ, ଯାହା ପରେ କ୍ୟାପିଟାଲ ଥାନାରେ ଅଭିଯୋଗ ଦାଖଲ ହୋଇଥିଲା । ତଦନ୍ତ ସମୟରେ ଘଟଣାସ୍ଥଳରୁ ଏକ ଭଙ୍ଗା ସିସି କ୍ୟାମେରା ଓ ଏକ ଭଙ୍ଗା ତାଲା ଜବତ କରି ଅଭିଯୋଗକାରିଣୀଙ୍କୁ ଜିମାରେ ହସ୍ତାନ୍ତର କରାଯାଇଛି ।

# ବିଭିନ୍ନ ସ୍ଥାନରେ ଦୁର୍ନୀତି ନିବାରଣ ସଚେତନତା



ଭଦ୍ରକ: ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗ ତରଫରୁ ଏକ ସଚେତନତା ପଦଯାତ୍ରା ଜିଲ୍ଲା ପୁଲିସ କାର୍ଯ୍ୟାଳୟରୁ ବାହାରି ଜିଲ୍ଲା ସଂସ୍କୃତି ଭବନରେ ସମାପ୍ତି ହୋଇଥିଲା । ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଜିଲ୍ଲାପାଳ ଦିଲୀପ ରାଉତରାଏ, ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଡେପୁଟି କଲେକ୍ଟର ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ପତାକା ଦେଖାଇ ଉକ୍ତ ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ । ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନଗର ପରିକ୍ରମା କରି ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସବୁ ବର୍ଗର ଲୋକମାନେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ ।

ବଲାଙ୍ଗିର : ଦୁର୍ନୀତି ନିବାରଣ ସଚେତନତା ସପ୍ତାହ -୨୦୨୫ ଅକ୍ଟୋବର ୨୭ ତାରିଖ ଠାରୁ ଆରମ୍ଭ ହୋଇ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି । ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ - ୨୦୨୫ ପାଳନ ଉପଲକ୍ଷେ ଆଜି ପୂର୍ବାହ୍ନରେ ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ବଲାଙ୍ଗିର ଶାଖା ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଡଃ. ବିଜୟାନନ୍ଦ ସେଠୀ ଓ ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ ପତାକା ଦେଖାଇ ଶୋଭାଯାତ୍ରା ଆରମ୍ଭ କରିଥିଲେ । ସ୍ଥାନୀୟ ଜିଲ୍ଲା ବନଖଣ୍ଡ କାର୍ଯ୍ୟାଳୟର ବୈଠକ ଗୃହ ଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ. ବିଜୟାନନ୍ଦ ସେଠୀ ମୁଖ୍ୟଅତିଥି ଭାବେ, ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ତରଣୀ ସୁନା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୁଣନିଧି ମଲ୍ଲିକ, ସହ କମାଣ୍ଡାଣ୍ଟ, ଶରତ ସୁନା, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ, ପୌରପରିଷଦ ସନ୍ତୋଷ ବେହେରା, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ, ସୁଷୁମା ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ ।

କାଶୀନଗର: ଶ୍ରୀରାମ ଡିଗ୍ରୀ କଲେଜ, କାଶୀନଗରରେ ଆଜି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି । ଏହି ସପ୍ତାହର ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀ ଓ ସମାଜ ମଧ୍ୟରେ ସତ୍ୟନିଷ୍ଠା, ପାରଦର୍ଶିତା ଓ ନିଷ୍ଠା ବିଷୟରେ ସଚେତନତା ବଢ଼ାଇବା । କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଡ଼. ପ୍ରଶାନ୍ତ ବନପାଲିଙ୍କ ଦ୍ୱାରା ଦୁର୍ନୀତି ବିରୋଧୀ ଶପଥ ଦିଆଯାଇଥିଲା । ସେ ସମସ୍ତଙ୍କୁ ସତ୍ୟ ଓ ନୀତିର ପଥ ଅନୁସରଣ କରି ଦେଶ ଗଢ଼ିବାରେ ସକ୍ରିୟ ଭାବେ ଅଂଶ ନେବାକୁ ଆହ୍ୱାନ କରିଥିଲେ । ଏହି ଅବସରରେ ଏନ୍‌ଏସ୍‌ଏସ୍, ୱାଇରସି ଓ ଏନ୍‌ସିସି ସଂଘର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ସଫଳ ସଞ୍ଚାଳନ କରିଥିଲେ ଜାତୀୟ ସେବା ଯୋଜନା କାର୍ଯ୍ୟକାରୀ ଅଧିକାରୀ ବିଶ୍ୱ ରଞ୍ଜନ ଗୌଡା, ୱାଇରସି କାଉନ୍ସିଲର ପାଡାଲା ଭେଙ୍କଟ ରାଓ ଓ ଏନ୍‌ସିସି ଏଏନ୍‌ଓ ଭେଙ୍କଟ ରାଓ ପାଡାଲା । ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇ ଦୁର୍ନୀତି ବିରୋଧରେ ଜାଗରୁକତା ବଢ଼ାଇବା ଓ ନୈତିକ ମୂଲ୍ୟବୋଧକୁ ଜୀବନରେ ଅନୁସରଣ କରିବା ପାଇଁ ସଙ୍କଳ୍ପ ଗ୍ରହଣ କରିଥିଲେ ।

ରାୟଗଡ଼: ଜିଲ୍ଲା ପ୍ରଶାସନ ତଥା ଦୁର୍ନୀତି ନିବାରଣ ବିଭାଗ ତରଫରୁ ଶନିବାର ଦିନ ଆୟୋଜିତ ହୋଇଯାଇଛି । ସ୍ଥାନୀୟ ଜିଲ୍ଲା ପରିଷଦ କକ୍ଷରେ ଆୟୋଜିତ ଏହି ସାଧାରଣ ସଭାରେ ରାୟଗଡ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଶ୍ରୀଜଗନ୍ନାଥଙ୍କ ପାଦପଙ୍କଜରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପ ମାଲ୍ୟାର୍ପଣ କରି ଶୁଭାରମ୍ଭ କରିଥିଲେ । ଅତୀତରେ ଭାରତୀୟଙ୍କ ନୀତି, ସଂସ୍କାର ଓ ମୂଲ୍ୟବୋଧର ଭୂୟଷୀ ପ୍ରଶଂସା କରିବା ସହ କାଳକ୍ରମେ ଲୋକଙ୍କ ଚାରିତ୍ରିକ ସ୍ଖଳନର ଅନେକ ନମୁନା ଉପସ୍ଥାପନ କରି ସମାଜରେ ନାଗରିକଙ୍କ ନୈତିକ ମୂଲ୍ୟବୋଧ ବିକାଶର ଆବଶ୍ୟକତା ବିଷୟରେ କହିଥିଲେ । ଛୋଟ ଛୋଟ ଘଟଣାରୁ ଦୁର୍ନୀତି ପ୍ରାରମ୍ଭ ହୁଏ ପରେ ବୃହତ ରୂପ ନେଇଥାଏ । ଏହାର ମୂଳ ଉତ୍ପାଟନ ନିମନ୍ତେ ସାମୁହିକ ପ୍ରଚେଷ୍ଟା ଜରୁରୀ ବୋଲି କହିଥିଲେ । ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର, ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ମୁଖ୍ୟବକ୍ତାଭାବେ ବିଶିଷ୍ଟ ଶିକ୍ଷାବିତ ଡ: ଦୁଷ୍ମନ୍ତ କୁମାର ମହାନ୍ତି ଓ ସମ୍ମାନିତ ବକ୍ତା ଭାବେ ବିଶିଷ୍ଟ ଆଇନଜିବୀ ପଦ୍ମନାଭ ଦାଶ ଏବଂ ଦୁର୍ନୀତି ନିବାରଣ ବିଭାଗରୁ ଉପ ଆରକ୍ଷୀ ଅଧିକ୍ଷକ ସୂର୍ଯ୍ୟମଣୀ ଟାକ୍ରୀ ମଞ୍ଚାସୀନ ହୋଇ ନିଜ ବକ୍ତବ୍ୟ ରଖିଥିଲେ । ଦେଶକୁ ଦୁର୍ନୀତି ମୁକ୍ତ କରିବା ସାମୁହିକ ଦାୟିତ୍ୱ ।

# ମୁଟୁଦା ଗ୍ରାମ୍ୟରାସ୍ତା ଶୋଚନୀୟ, ମରାମତି ଦାବି



ଯୋଡା(ନିପ୍ର): କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଅନ୍ତର୍ଗତ ମୁଟୁଦା ଗ୍ରାମ୍ୟ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଫଳରେ ଗ୍ରାମବାସୀମାନେ ଯାତାୟାତରେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ଖବର ନେବାରୁ ଜଣାପଡିଛି ଯେ,ଏହି ରାସ୍ତାଟି ବିରିକଳା ଗ୍ରାମ ସହିତ ସଂଯୋଗ ହୋଇଛି । ମରାମତି ଅଭାବରୁ ରାସ୍ତାଟି ଖାଲଖୋମା ହୋଇ ପଡ଼ିରହିଛି । ସାମାନ୍ୟ ବର୍ଷା ହେଲେ ପାଣି ଜମି ରହିବା ଯୋଗୁଁ ବାଇକ୍ ଆରୋହୀ ମାନେ ଖସି ପଡ଼ି ଦୁର୍ଘଟଣା ଗ୍ରସ୍ତ ହେଉଛନ୍ତି । ଗ୍ରାମ ସଭାରେ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଦୀର୍ଘ ବର୍ଷ ହେବ ଦାବି ହୋଇ ଆସୁଥିଲେ ମଧ ଏଥିପ୍ରତି ବ୍ଲକ୍ କତୃପକ୍ଷଙ୍କ ଦୃଷ୍ଟି ପଡୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମର ଚତୁପାର୍ଶ୍ୱରେ ବଡ ବଡ ଖଣି ଓ ଶିଳ୍ପ ସଂସ୍ଥା ରହିଛି । ଏହି ସବୁ କମ୍ପାନୀ ମାନେ ଗ୍ରାମାଞ୍ଚଳରେ ସାମାଜିକ କାର୍ଯ୍ୟ କରୁଥିବାର ଡିଣ୍ଡିମ ପିଟୁଥିବା ବେଳେ ଏଥିପ୍ରତି କୌଣସି କମ୍ପାନୀ ମାନଙ୍କର ଦୃଷ୍ଟି ପଡୁ ନାହିଁ ବୋଲି ଗ୍ରାମର ୨୮ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଡମ୍ବରୁଧର କୁଦାଦା ଅଭିଯୋଗ କରିଛନ୍ତି । ଏହି ରାସ୍ତାର ମରାମତି ପାଇଁ ବ୍ଲକ୍ କତୃପକ୍ଷ ତୁରନ୍ତ ଦୃଷ୍ଟି ଦେବା ପାଇଁ ସେ ଦାବି କରିଛନ୍ତି । ଅନ୍ୟ ପକ୍ଷରେ ଖଣି ଅଞ୍ଚଳର ଉନ୍ନତି ପାଇଁ ଜିଲ୍ଲା ଖଣିଜ ପାଣ୍ଠିରେ କୋଟି କୋଟି ଟଙ୍କା ଗଚ୍ଛିତ ରହିଥିଲେ ହେଁ ଗ୍ରାମାଞ୍ଚଳର ବିକାଶ କ୍ଷେତ୍ରରେ ଏହାକୁ କାହିଁକି ଖର୍ଚ୍ଚ କରାଯାଉ ନାହିଁ ବୋଲି କୁଦାଦା ଗଣମାଧ୍ୟମ ଆଗରେ ଜିଲ୍ଲା ପ୍ରଶାସନକୁ ପ୍ରଶ୍ନ କରିଛନ୍ତି ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଭୁବନେଶ୍ୱର(ନିପ୍ର): ଶୁକ୍ରବାର ଓରକଳ ବୋଡଣ୍ଡା ସରକାରୀ ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ମହାନ୍ତି କର୍ମକ୍ଷେତ୍ରରୁ ଅବସର ଗ୍ରହଣ ପରିପ୍ରେକ୍ଷୀରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ସଭାରେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ବିଦ୍ୟାଳୟର ଉନ୍ନତି ପାଇଁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଜଟଣୀ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଯୋଗେଶ ଚନ୍ଦ୍ର ସାମନ୍ତସିଂହାଙ୍କ ସଭାପତିତ୍ୱରେ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ପ୍ରଧାନଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ମହାନ୍ତିଙ୍କ ଶିକ୍ଷାଦାନ ଏବଂ ବିଦ୍ୟାଳୟ କାର୍ଯ୍ୟକଳାପକୁ ଉଚ୍ଚ ପ୍ରଶଂସା କରିଥିଲେ ।

# ବାଲିଯାତ୍ରା ଉପର ପଡ଼ିଆରେ ଏଯାଏଁ ହୋଇନି ପ୍ରସ୍ତୁତି

## ପ୍ରଶାସନ କହୁଛି,ଆଗ୍ରହ ଦେଖାଉନାହାନ୍ତି ବ୍ୟବସାୟୀ

କଟକ,(ନିପ୍ର): ଆଉ ୩ ଦିନ ପରେ ଆରମ୍ଭ ହେବ ଐତିହାସିକ କଟକ ବାଲିଯାତ୍ରା । ତେବେ ବାଲିଯାତ୍ରା ଯେତିକି ପାଖେଇ ଆସୁଛି, ବିବାଦ ସେତିକି ବଢ଼ିବାରେ ଲାଗିଛି । ଐତିହାସିକ ବାଲିଯାତ୍ରା ଯେଉଁ ସ୍ଥାନରୁ ଆରମ୍ଭ ହୋଇଥିଲା, ଜିଲ୍ଲା ପ୍ରଶାସନ ପ୍ରଥମେ ସେହି ସ୍ଥାନ ଅର୍ଥାତ ଉପର ବାଲିଯାତ୍ରା ପଡ଼ିଆକୁ ଚଳିତ ବର୍ଷ ଆୟୋଜନରୁ ବାଦ ଦେବାକୁ ନିଷ୍ପତ୍ତି ନେଇଥିଲା । ଉପର ପଡ଼ିଆରେ ଆୟୋଜନ ପାଇଁ ଅଦାଲତଙ୍କର କୌଣସି କଟକଣା ନଥିବା ସ୍ପଷ୍ଟ କରିଥିଲେ ହାଇକୋର୍ଟ । ତଥାପି ବାଲିଯାତ୍ରାକୁ ଆଉ ମାତ୍ର ୩ ଦିନ ବାକି ଥିବାବେଳେ ପ୍ରଶାସନ ଉପର ପଡ଼ିଆରେ କୌଣସି ପ୍ରସ୍ତୁତି ଆରମ୍ଭ କରିନାହିଁ । ସଂପତ୍ରି ଉପର ପଡ଼ିଆ ଖାଁ ଖାଁ ଲାଗୁଛି । ଅପର ପକ୍ଷରେ ଜିଲ୍ଲାପାଳ କହିଛନ୍ତି, ଏଯାଏ ଉପର ପଡ଼ିଆରେ ଷ୍ଟଲ କରିବାକୁ ମାତ୍ର ୧୮ଜଣ ବ୍ୟବସାୟୀ ଷ୍ଟଲ ବୁକ କରିଛନ୍ତି । ଏବେବି ବ୍ୟବସାୟୀମାନେ ଆଗ୍ରହ ପ୍ରକାଶ କରିବା ଯଥେଷ୍ଟ କମ ଦାମେର ପ୍ଲଟ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ପ୍ରତିବର୍ଷ ବାଲିଯାତ୍ରା ଆୟୋଜନରେ ସିଏମସି ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ତେବେ ଚଳିତ ବର୍ଷ ସିଏମସିକୁ ବାଲିଯାତ୍ରା ଆୟୋଜନରୁ ଜିଲ୍ଲା ପ୍ରଶାସନ ଦୂରେଇ ରଖିଥିବା ବିଜେଡ଼ି ଅଭିଯୋଗ କରିଛି । ଏଥିସହ ସିଏମସି କାଉନସିଲର ନିର୍ବାଚିତ ପ୍ରତିନିଧି ଓ ମେୟରଙ୍କୁ ବାଲିଯାତ୍ରା ପ୍ରସ୍ତୁତି ଓ ଯାତ୍ରାର ବିଭିନ୍ନ ଉଦ୍‌ଘାଟନ ନେଇ ଜିଲ୍ଲା ପ୍ରଶାସନ ନିମନ୍ତ୍ରଣ ମଧ କରୁନଥିବା ଅଭିଯୋଗ



ହୋଇଛି । ଶନିବାର ବାଲିଯାତ୍ରା ଗାଥା ସମ୍ବଳିତ ଏକ ପ୍ରଜ୍ଞାପନ ମେଢ଼ର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଆଜି ବାଲିଯାତ୍ରା ପଡ଼ିଆଠାରେ ଏହି ପ୍ରଜ୍ଞାପନ ମେଢ଼ର ଶୁଭାରମ୍ଭ କରିଥିଲେ । ଏହି ପ୍ରଜ୍ଞାପନ ମେଢ଼ ପୁରୀ, ଖୋର୍ଦ୍ଧା, ଜଗତପୁର, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲା ପରିକ୍ରମା କରିବ । କଟକ ଜିଲ୍ଲା ଓ ବିଶେଷ କରି ସମଗ୍ର ରାଜ୍ୟର ସାଂସ୍କୃତିକ ଐତିହ୍ୟର ବାର୍ତ୍ତା ପ୍ରଚାର ଏହି ପ୍ରଜ୍ଞାପନ ମେଢ଼ କରିବ । ଏହି କାର୍ଯ୍ୟକ୍ରମରେ କଟକ ମହାନଗର ନିଗମ ଆୟୁକ୍ତ କିରଣଦୀପ କୌର ସେହାତା, ଅତିରିକ୍ତ ଜିଲ୍ଲାପାଳ ଡ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଓ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଚଳିତ ବର୍ଷ ବାଲିଯାତ୍ରାର ଥିମ ସଂଗ ମଧ ଉନ୍ମୋଚିତ ହୋଇଯାଇଛି । ଓଡ଼ିଶାର ପୁରାତନ ବାଣିଜ୍ୟ, ଐତିହ୍ୟ ଓ ସାମୁଦ୍ରିକ ଗୌରବ ଏହି ଗୀତରେ ସ୍ଥାନିତ ହୋଇଛି । ଏସିପି କୃଷ୍ଣଚନ୍ଦ୍ର ସେଠି ଏହି ଗୀତ ରଚନା କରିଥିବାବେଳେ ବିକାଶ ଶୁକ୍ଲା ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି । ଗୀତରେ ଏସପି କୃଷ୍ଣଚନ୍ଦ୍ର ସେଠି, ଏସିପି ସତ୍ୟଜିତ ଦାସ, ବିଷ୍ଣୁମୋହନ କବି ଓ ସୌଜନ୍ୟା ରଥ କଣ୍ଠଦାନ କରିଛନ୍ତି । ଚଳିତବର୍ଷ ଗଣକବି ବୈଷ୍ଣବପାଣି ମଞ୍ଚ ଓ ଅକ୍ଷୟ ମହାନ୍ତି ମଞ୍ଚ ଏବଂ କଟକ-ଇନ-କଟକ ମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି ।

### ବାରବାଟୀରେ ଓଡ଼ିଶା-ଆନ୍ଧ୍ର ରଣଜୀ ମ୍ୟାଚ୍

# ଆନ୍ଧ୍ର ବ୍ୟାଟ୍ସମ୍ୟାନଙ୍କ ଦାୟିତ୍ୱସଂପନ୍ନ ବ୍ୟାଟିଂ



- ପ୍ରଥମ ଦିନରେ ଆନ୍ଧ୍ର ୩/୨୨୨
- କେଏସ୍ ଭରତ ୯୩ ଓ ଅଭିଷେକ ରେଡ୍ଡି ୭୬
- ସମ୍ବିତ ବରାଲଙ୍କୁ ୨ଟି ୱିକେଟ
- ରଣଜୀ ପଦାର୍ପଣ କଲେ ସୌରଭ କେ. ଗୌଡ଼

କଟକ,୧।୧୧(ନିପ୍ର): ଘରୋଇ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଶନିବାରଠାରୁ ସ୍ଥାନୀୟ ବାରବାଟୀ ଷ୍ଟାଡ଼ିୟମଠାରେ ଚଳିତ ରଣଜୀ ଟ୍ରଫିର ୩ୟ ରାଉଣ୍ଡ ମ୍ୟାଚ ଆରମ୍ଭ ହୋଇଛି । ଏଲିଟ ଗ୍ରୁପ-ଏ ଗ୍ରୁପର ଏହି ମ୍ୟାଚରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ପ୍ରଥମେ ବ୍ୟାଟିଂ କରି ଆନ୍ଧ୍ରପ୍ରଦେଶ ୬୮ଓଭର ଖେଳି ୩ଟି ୱିକେଟ ହରାଇ ୨୨୨ ରନ ସ୍କୋର କରିଛି । ଆନ୍ଧ୍ରପ୍ରଦେଶ ପକ୍ଷରୁ କେଏସ ଭରତ ୯୩ ରନ ଏବଂ ଅଭିଷେକ ରେଡ଼ି ୭୬ ରନ ସ୍କୋର କରିଛନ୍ତି । ଷ୍ଟମ୍ପ ଅପସାରଣ ବେଳକୁ ଏସକେ ରସିଦ ଅପରାଜିତ ୨୫ ଓ କରଣ ସିନ୍ଦେ ଅପରାଜିତ ୧୬ ରନ କରି କ୍ରିଜରେ ଅଛନ୍ତି। ଓଡ଼ିଶା ପକ୍ଷରୁ ସମ୍ବିତ ବରାଳ ୨ଟି ଓ ବାଦଲ ବିଶ୍ୱାଳ ୧ଟି ୱିକେଟ ଅକ୍ତିଆର କରିଛନ୍ତି । ଓଡ଼ିଶା ଦଳ ପକ୍ଷରୁ ସୌରଭ କେ ଗୌଡ଼ ଆଜି ରଣଜୀ ପଦାର୍ପଣ କରିଛନ୍ତି । ଭ୍ରମଣକାରୀ ଆନ୍ଧ୍ରପ୍ରଦେଶ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପିଚ୍‌ର ରୂପ ମଧ୍ୟ ବ୍ୟାଟିଂକୁ ସୁହାଇବା ଭଳି ରହିଥିଲା । ଦଳ ପକ୍ଷରୁ କେଏସ ଭରତ ଓ ଅଭିଷେକ ରେଡ଼ି ଇନିଂସ ଆରମ୍ଭ କରିଥିଲେ । ଆନ୍ଧ୍ରପ୍ରଦେଶ ପ୍ରାରମ୍ଭିକ ବ୍ୟାଟସମ୍ୟାନ ଦ୍ୱୟ ସଂପନ୍ନ ବ୍ୟାଟିଂ କରି ପ୍ରଥମ ୱିକେଟ ଯୋଡ଼ିରେ ୧୬୧ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ କେଏସ ଭରତ ଚିତାକର୍ଷକ ୯୩ରନ କରି ବାଦଲ ବିଶ୍ୱାଳଙ୍କ ବଲରେ ଆଉଟ ହୋଇଥିଲେ । କେଏସ ଭରତ ତାଙ୍କ ଇନିଂସରେ ୧୦ଟି ଚଉକା ଓ ୩ଟି ଦର୍ଶନୀୟ ଛକା ମାରିଥିଲେ । ଏହାପରେ ଦ୍ୱିତୀୟ ୱିକେଟ ଯୋଡ଼ିରେ ଅଭିଷେକ ରେଡ଼ି ଓ ଏସକେ ରସିଦ ୪୦ ରନ ଯୋଡ଼ିଥିଲେ । ବ୍ୟକ୍ତିଗତ ୭୬ରନ କରି ଅଭିଷେକ ରେଡ଼ି ଆଉଟ ହୋଇ ଯାଇଥିଲେ । ଅଭିଷେକ ତାଙ୍କ ଇନିଂସରେ ୯ଟି ଚଉକା ଓ ଗୋଟିଏ ଛକା ମାରିଥିଲେ। ଏହାପରେ କ୍ରିଜକୁ ବ୍ୟାଟିଂ କରିବାକୁ ଆସିଥିବା ଆନ୍ଧ୍ରପ୍ରଦେଶ ଅଧିନାୟକ ରିକି ଭୁଇ ବିନା ଖାତା ଖୋଲି ସମ୍ବିତ ବରାଳଙ୍କ ବଲରେ ଆଉଟ ହୋଇଯାଇଥିଲେ । ଖେଳ ଶେଷ ବେଳକୁ ଏସକେ ରସିଦ ୨୫ କରଣ ସିନ୍ଦେ ୧୬ ରନ କରି କ୍ରିଜରେ ଅପରାଜିତ ଅଛନ୍ତି । ଓଡ଼ିଶା ଦଳ ପକ୍ଷରୁ ସମ୍ବିତ ବରାଳ ୨ଟି ଓ ବାଦଲ ବିଶ୍ୱାଳ ୧ଟି ୱିକେଟ ଅକ୍ତିଆର କରିଛନ୍ତି । ଓଡ଼ିଶା ବୋଲରମାନଙ୍କର ଆଜି ବି ନୈରାଶ୍ୟଜନକ ବୋଲିଂ ପ୍ରଦର୍ଶନ ଦେଖିବାକୁ ମିଳିଥିଲା ।

### ମହିଳା ଦିନିକିଆ ବିଶ୍ୱକପ୍

# ବିଜେତାଙ୍କ ଉପରେ ହେବ ଟଙ୍କା ବର୍ଷା




ମୁମ୍ବାଇ,୧।୧୧: ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରତିଶୋଧମୂଳକ ବିଜୟ ସହ ଫାଇନାଲ୍‌ରେ ପ୍ରବେଶ କରିଛି ଭାରତୀୟ ଦଳ । ସାତଥର ବିଜେତା ଅଷ୍ଟ୍ରେଲିଆକୁ ୫ ୱିକେଟ୍‌ରେ ହରାଇ ଭାରତ ତୃତୀୟ ଥର ପାଇଁ ଫାଇନାଲ୍ ଖେଳିବାକୁ ଯାଉଛି । ରବିବାର, ନଭେମ୍ବର ୨ ତାରିଖରେ ମହିଳା କ୍ରିକେଟ ବିଶ୍ୱକପ୍ ୨୦୨୫ର ଫାଇନାଲରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ମୁକାବିଲା ହେବାର କାର୍ଯ୍ୟକ୍ରମ ରହିଛି । ମ୍ୟାଚ୍‌ଟି ନଭି ମୁମ୍ବାଇର ଡିୱାଇ ପାଟିଲ ସ୍ପୋର୍ଟ୍ସ ଏକାଡେମୀରେ ଅପରାହ୍ଣ ୩ଟାରେ ଆରମ୍ଭ ହେବ । ଭାରତ କିମ୍ବା ଦକ୍ଷିଣ ଆଫ୍ରିକା ଏପର୍ଯ୍ୟନ୍ତ ମହିଳା ବିଶ୍ୱକପ୍ ଜିତି ନାହାନ୍ତି । ଏହା ବିଜେତା ଦଳ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ହେବ । ଟାଇଟଲ୍ ମ୍ୟାଚ୍‌ଟି ରୋମାଞ୍ଚକର ହେବ ବୋଲି ଆଶା କରାଯାଉଛି । ତେବେ ମ୍ୟାଚ୍ ପୂର୍ବରୁ ବିଜେତା ଦଳକୁ ମିଳିବାକୁ ଥିବା ପୁରସ୍କାର ରାଶିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଏଥର ବିଶ୍ୱକପ୍ ଜିତିବାକୁ ଥିବା ଦଳ ଉପରେ ଟଙ୍କା ବର୍ଷା ହେବ ବୋଲି ଜଣାପଡ଼ିଛି । ମହିଳା ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣର ବିଜେତା ଦଳକୁ ୪.୪୮ ମିଲିୟନ ଡଲାର (ପ୍ରାୟ ୪୦ କୋଟି ଟଙ୍କା) ମିଳିବ । ଏହି ରାଶି ୨୦୨୨ରେ ଅଷ୍ଟ୍ରେଲିଆ ପାଇଥିବା ପୁରସ୍କାର ରାଶି (୧.୩୨ ମିଲିୟନ ଡଲାର) ତୁଳନାରେ ୨୩୯ ପ୍ରତିଶତ ଅଧିକ । ସେହିଭଳି ସମାନ ପରିଶ୍ରମ କରିଥିବା ରନର୍ସଅପ ଦଳ ମଧ୍ୟ ଖାଲି ହାତରେ ଘରକୁ ଫେରିବ ନାହିଁ । ମ୍ୟାଚ୍ ହାରିଲେ ବି ସେମାନଙ୍କୁ କୋଟି କୋଟି ଟଙ୍କା ମିଳିବ । ସୂଚନା ମିଳିଛି ଯେ, ରନର୍ସଅପ ଦଳ ୨.୨୪ ମିଲିୟନ ଡଲାର (ପ୍ରାୟ ୨୦ କୋଟି ଟଙ୍କା) ପାଇବେ । ଏହି ପରିମାଣ ୨୦୨୨ ମସିହାରେ ଇଂଲଣ୍ଡ ପାଇଥିବା ରାଶି ଅପେକ୍ଷା ଢ଼େର ଅଧିକ ।

## ଦମ୍ପତିଙ୍କୁ ଲଙ୍କାଗୁଣ୍ଡ ଫୋପାଡି ଗହଣା ଲୁଟ୍ ଉଦ୍ୟମ: ଜଣେ ଗିରଫ

ହିଞ୍ଜିଳିକାଟୁ,୧।୧୧(ନିପ୍ର): ହିଞ୍ଜିଳି ଥାନା କୀର୍ତ୍ତିପୁର ଗ୍ରାମର ଜୈନିକ ଦମ୍ପତି ଶନିବାର ଭୋର୍ ସମୟରେ ମୋଟର ସାଇକେଲ ଯୋଗେ ମନ୍ଦିରକୁ ଯାଉଥିବା ବେଳେ ଜଣେ ଯୁବକ ଦମ୍ପତିଙ୍କ ମୁହଁରେ ଲଙ୍କାଗୁଣ୍ଡ ଫୋପାଡି ଗହଣା ଲୁଟ୍ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି । ଘଟଣାରେ ସଂପୃକ୍ତ ଜଣେ ଯୁବକଙ୍କୁ ପୁଲିସ ଗିରଫ କରିଛି । ଗିରଫ ଜଣଙ୍କ ହେଲେ କୋଟିନଡା ଥାନା ମଣ୍ଡାପଡା ଗ୍ରାମର କୁନା ଜେନା (୩୦) । ଏ ନେଇ ହିଞ୍ଜିଳି ଥାନାରେ କେସ ନଂ - ୮୯୧/୨୫ ରେ ଏକ ମାମଲା ରୁଜୁ କରି ଗିରଫ ଯୁବକଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ପ୍ରକାଶ । ପ୍ରକାଶ ଯେ, ଶନିବାର ଭୋର୍ ପ୍ରାୟ ସାଢେ ୩ ଘଣ୍ଟା ସମୟରେ ହିଞ୍ଜିଳି ଥାନା କୀର୍ତ୍ତିପୁର ଗ୍ରାମର ବିଚିତ୍ରାନନ୍ଦ ମୁନି ଓ ସ୍ତ୍ରୀ ବବିତା ମୁନି ମୋଟର ସାଇକେଲ ଯୋଗେ ଗ୍ରାମରୁ ନିକଟସ୍ଥ ରାଜେନ୍ଦ୍ରପୁର ଗ୍ରାମ ବାଲୁଙ୍କେଶ୍ୱର ମନ୍ଦିରକୁ ଯାଉଥିଲେ । ରାସ୍ତାରେ କୁନା ଦମ୍ପତିଙ୍କ ମୋଟର ସାଇକେଲ ଅଟକାଇବା ସହ ଦମ୍ପତିଙ୍କ ମୁହଁରେ ଲଙ୍କାଗୁଣ୍ଡ ଫୋପାଡି ମହିଳା ପରିଧାନ କରିଥିବା ଗହଣା ଲୁଟ୍ ଉଦ୍ୟମ କରିଥିଲେ । କୌଶଳ କ୍ରମେ ଦମ୍ପତି ଘଟଣା ସ୍ଥଳରୁ ଦୌଡ଼ି ରାଜେନ୍ଦ୍ରପୁର ଗ୍ରାମକୁ ଚାଲି ଯାଇଥିଲେ । ଦମ୍ପତି ଘଟଣା ସମ୍ପର୍କରେ ରାଜେନ୍ଦ୍ରପୁର ଗ୍ରାମବାସୀଙ୍କୁ ଜଣାଇବା ପରେ ଗାଁର ବହୁଲୋକେ ଆସି ଫେରାର ହେବାକୁ ଉଦ୍ୟମ କରୁଥିବା ଯୁବକଙ୍କୁ କାବୁ କରି ହିଞ୍ଜିଳି ଥାନାକୁ ଖବର ଦେଇଥିଲେ । ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି କାବୁ ଯୁବକଙ୍କୁ ଗିରଫ କରିଛି । ଘଟଣା ନେଇ ବିଚିତ୍ରାନନ୍ଦ ମୁନି ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି । ସଂପୃକ୍ତ ଯୁବକ ଅନ୍ୟ କେଉଁ କେଉଁ ମାମଲାରେ ଜଡିତ ଅଛି କି ନାହିଁ ସେ ନେଇ ପୁଲିସ ତଦନ୍ତ ଚଳାଇଛି ।

## ଜୋନାଲସ୍ତରୀୟ ମହିଳା କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବୁଗୁଡା,୧।୧୧(ନିପ୍ର): ସ୍ଥାନୀୟ ପିପୁଲ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଜୋନାଲସ୍ତରୀୟ ଆନ୍ତଃ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମହିଳା କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଓଡିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପ୍ରାୟୋଜିତ ଉକ୍ତ ତ୍ରିଦିବସୀୟ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବ ପିପୁଲ୍ସ କଲେଜ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଭଞ୍ଜନଗର ଏସଡିପିଓ ଡ.ଦିପକ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ବୁଗୁଡା ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତା, ପିପୁଲ୍ସ କଲେଜ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ ଓ ଆଡମିନିଷ୍ଟ୍ରେଟିଭ୍ ଡ.ପ୍ରଦୀପ କୁମାର ଦାଶ, ଯୁକ୍ତ ଦୁଇ କ୍ରୀଡା ଉପଦେଷ୍ଟା ଆମ୍ ପ୍ରକାଶ ନାୟକ ଓ ଯୁକ୍ତ ତିନି କ୍ରୀଡା ଉପଦେଷ୍ଟା ଅକ୍ଷୟ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ମାର୍ଗଦର୍ଶନ ପୂର୍ବକ ଉତ୍ସାହିତ କରିଥିଲେ । । ଉକ୍ତ ଟୁର୍ଣ୍ଣାମେଣ୍ଟରେ ସିଏଚଏସଇ ଜୋନ-୯ ଅନ୍ତର୍ଗତ ୨୪ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମହିଳା ଦଳ ଅଂଶ ଗ୍ରହଣ କରିବାକୁ ଥିବାବେଳେ ଉଦ୍‌ଘାଟନୀ ମ୍ୟାଚଟି ବୁଗୁଡା ପିପୁଲ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଶ୍ରୀ ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରେଫେରି ଭଞ୍ଜ କିଶୋର ଗୌଡ ଏବଂ ସହଯୋଗୀ ରବିନ୍ଦ୍ର କୁମାର ବେହେରା ଓ ହରିହର ବିଶ୍ୱାଳ ଖେଳ ପରିଚାଳନା କରିଥିବା ବେଳେ ସରୋଜ ସାହୁ ଏବଂ ସହଯୋଗୀ ସଞ୍ଜିବ ମହାରଣା ଓ ସନ୍ତୋଷ କୁମାର ଖଣ୍ଡେଇ ପ୍ରମୁଖ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ । ଉକ୍ତ ଟୁର୍ଣ୍ଣାମେଣ୍ଟକୁ ପିପୁଲ୍ସ କଲେଜ କ୍ରୀଡା ଅଧ୍ୟାପକ କ୍ରିଷ୍ଣାରାଓ ପାତ୍ର ପରିଚାଳନା କରୁଥିବା ବେଳେ ସ୍ୱେଚ୍ଛାସେବୀ ମାନଙ୍କ ସକ୍ରିୟ ସହଯୋଗ ଦେଖିବାକୁ ମିଳିଥିଲା ।



## ଛାୟା ପାର୍ଲିଆମେଣ୍ଟରେ ଶାସକ-ବିରୋଧୀ ମୁହାଁମୁହିଁ

ନିମାପଡ଼ା,୧।୧୧(ନିପ୍ର): ନିମାପଡ଼ା ବ୍ଲକ୍ ଅଧୀନରେ କାର୍ଯ୍ୟରତ ଏକମାତ୍ର ପିଏମଶ୍ରୀ ବିଦ୍ୟାଳୟ (ନିମାପଡ଼ା ବାଳକ ସରକାରୀ ଉଚ୍ଚ ବିଦ୍ୟାଳୟ)ର ଛାତ୍ରମାନଙ୍କୁ ନେଇ ଛାତ୍ର ପାର୍ଲିଆମେଣ୍ଟ ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶୀତକାଳୀନ ଅଧିବେଶନ ନାମରେ ନାମିତ କାର୍ଯ୍ୟକ୍ରମ ଅନୁସାରେ ପ୍ରଥମେ ଦିବଙ୍ଗତ ବ୍ୟକ୍ତି ବିଶେଷଙ୍କ ପାଇଁ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା । ପରେ ବାଚସ୍ପତିଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟର ଛାତ୍ରମାନେ ନିଜ ନିଜ ଅଭିନୟ (ସ୍ୱାସ୍ଥ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ପରିବହନ ମନ୍ତ୍ରୀ ଇତ୍ୟାଦି) ପ୍ରଶ୍ନକାଳ ମଧ୍ୟରେ କରି ଦର୍ଶକଙ୍କୁ ମୁଗ୍ଧ କରିଥିବା ଲକ୍ଷ୍ୟ କରାଯାଇଥିଲା । ଏହି ଅଭିନୟ ସମୟରେ ଅଭିନୟ କରୁଥିବା ଛାତ୍ରମାନେ ବିରୋଧୀ ଦଳ, ସରକାରଙ୍କୁ ଘେରିବା ସହ ଯୋଜନା ସଂପର୍କରେ ପ୍ରଶ୍ନମାନ ପଚାରି ଥିଲେ । ଲୋକଙ୍କ ବିଭିନ୍ନ ସମସ୍ୟା, ରାଜ୍ୟର ନୂତନ ଶିକ୍ଷାନୀତି, ଖାଲି ପଡ଼ିଥିବା ଶିକ୍ଷକ ଓ କର୍ମଚାରୀ ପଦ ପୂରଣ, ବିଦ୍ୟାଳୟ ଭିତ୍ତିଭୂମି ବିକାଶ, ପରୀକ୍ଷା ପରିଚାଳନାରେ ଶୃଙ୍ଖଳା ଓ ଜଳବାୟୁ ପରିବର୍ତ୍ତନ ସମସ୍ୟା ସଂପର୍କରେ ସରକାରଙ୍କୁ ଘେରିବା ସହ ଆଲୋଚନା କରାଯାଇଥିଲା । ଶାସକ ଦଳ ବିରୋଧୀଙ୍କୁ ମୁକାବିଲା କରିବା ସହିତ ସଠିକ୍ ଜବାବ୍ ଦେଇଥିଲେ । ଗୃହକୁ ସଠିକ୍ ଭାବରେ ଚଳାଇବା ପାଇଁ ବାଚସ୍ପତି ସବୁ ଦଳୀୟ ନେତାଙ୍କ ସହଯୋଗ ଲୋଡ଼ିଥିଲେ ।

ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ଦୁର୍ଗା ପ୍ରସାଦ ବାରିକ, ଅକ୍ଷୟ ମହାନ୍ତି, ରଣଜିତ ନାୟକ, ଜ୍ୟୋତି ରଂଜନ ରଥ, ଶିକ୍ଷୟିତ୍ରୀ ବୀଣାପାଣି ଆଚାର୍ଯ୍ୟ, ସୁଗନ୍ଧା ଦେ ପ୍ରମୁଖ ସହଯୋଗ କରି ସଫଳ ରୂପାୟନ ଦେଇଥିଲେ । ଅଭିନୟ କରୁଥିବା ୪ ଜଣ ଛାତ୍ରଙ୍କୁ ଜିଲ୍ଲା ସତ୍ରୀୟ ପ୍ରତିଯୋଗିତାକୁ ମନୋନୀତ କରାଯାଇଥିଲା ।

## ଅଲିଭ୍ ରିଡଲେ କଇଁଛଙ୍କ ସୁରକ୍ଷା : ୭ ମାସ ଯାଏଁ କଟକଣା

ଭୁବନେଶ୍ୱର,୧।୧୧(ନିପ୍ର) ଶନିବାରଠୁ ୭ ମାସ ଯାଏଁ ସମୁଦ୍ରରେ ମାଛମାରିବା ନିଷେଧ କରାଯାଇଛି । ବିରଳ ଅଲିଭ୍ ରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ମେ ୩୧ ପର୍ଯ୍ୟନ୍ତ ସମୁଦ୍ରରେମାଛ ଧରିବା ଉପରେ କଟକଣା ଲାଗୁ କରାଯାଇଛି । ସମୁଦ୍ର କୂଳ ଠାରୁ ୨୦ କିଲୋମିଟର ପର୍ଯ୍ୟନ୍ତ ମାଛ ଧରିବା ବାରଣ । ଋଷିକୂଲ୍ୟା, ଧାମରା ଓ ଦେବୀ ନଦୀ ମୁହାଣରେ ମଧ୍ୟ ମାଛଧରା ନିଷେଧ ହୋଇଛି । କଇଁଛ ଆଗମନ, ମିଳନସ୍ଥଳ ଏବଂ ଅଣ୍ଡାଦାନ ଅଞ୍ଚଳରେ ବ୍ୟାପକ କଟକଣା ଲାଗିଛି ।

## ୩ରେ ୪ ଜିଲ୍ଲାରେ ସରକାରୀ ଛୁଟି

ଭୁବନେଶ୍ୱର,୧।୧୧: ଆସନ୍ତା ୩ ତାରିଖରେ ଦକ୍ଷିଣ ଓଡିଶାର ୪ ଜିଲ୍ଲାରେ ସରକାରୀ ଛୁଟି ଘୋଷଣା କରାଯାଇଛି । ଗଞ୍ଜାମ , ଗଜପତି, ନବରଙ୍ଗପୁର, ମାଲକାନଗିରିରେ ସରକାରୀ ଛୁଟି ଘୋଷଣା କରିଛନ୍ତି । କନ୍ଧମାଳ ଜିଲ୍ଲାର ବାଲିଗୁଡା ଉପଖଣ୍ଡରେ ମଧ୍ୟ ସରକାରୀ ଛୁଟି ଘୋଷଣା କରାଯାଇଛି । କାର୍ତ୍ତିକ ଶେଷ ସୋମବାର ପାଇଁ ସ୍ଥାନୀୟ ଛୁଟି ଘୋଷଣା କରିଛନ୍ତି ଆର୍‌ଡିସି ।

## ଭିନ୍ନ ଭିନ୍ନ ସ୍ଥାନରୁ ୪ ମୃତଦେହ ଉଦ୍ଧାର

### ବୃଦ୍ଧ ଦମ୍ପତି ଓ ପ୍ରେମୀଯୁଗଳ

ବରଗଡ,୧।୧୧: ଜିଲ୍ଲାର ଭିନ୍ନ ଭିନ୍ନ ଦୁଇଟି ସ୍ଥାନରୁ ୪ ଜଣଙ୍କ ମୃତ ଦେହ ଉଦ୍ଧାର ହୋଇଛି । ଗୋଟିଏ ପଟେ ଏକ ବୃଦ୍ଧ ଦମ୍ପତିଙ୍କ ମୃତ ଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଥିବାବେଳେ ଆଉ ଗୋଟିଏ ସ୍ଥାନରେ ଦୁଇ ଜଣ ଯୁବକ ଯୁବତୀଙ୍କୁ ମଧ୍ୟ ସମାନ ସ୍ଥିତିରେ ଦେଖିବାକୁ ମିଳିଛି । ବରଗଡ଼ ସଦର ଥାନା ଏବଂ ଅତାବିରା ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି । ମିଳିଥିବା ପ୍ରାଥମିକ ସୂଚନା ଅନୁସାରେ, ସଦର ଥାନା ସରସରା ପଞ୍ଚାୟତ ଗଞ୍ଜିହାଟିକରା ଗ୍ରାମରେ ସକାଳୁ ସକାଳୁ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ଏକ ଘରୁ ବୃଦ୍ଧି ଦମ୍ପତିଙ୍କ ଝୁଲନ୍ତା ମୃତ ଦେହ ମିଳିଛି । ମୃତ ଦମ୍ପତି ହେଲେ କିରତି ପଧାନ (୭୦) ଓ ଶାନ୍ତି ପଧାନ (୬୫) । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛି । ତେବେ ଏହା ହତ୍ୟା କି ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇ ନାହିଁ । ପୋଲିସ ତଦନ୍ତ ଆରମ୍ଭ କରିଛି । ଅପରପକ୍ଷରେ ଅତାବିରା ଥାନା କୁମେଲସିଙ୍ଘା ଗାଁରୁ ମଧ୍ୟ ସମାନ ଖବର ଆସିଛି । ଏକ ଗଛରୁ ଉଦ୍ଧାର ମହିଳା ଏବଂ ପୁରୁଷଙ୍କ ମୃତ ଦେହ ମିଳିଛି । ଉଭୟ ପ୍ରେମୀ ଯୁଗଳ ହୋଇଥିବା ଅନୁମାନ କରାଯାଉଛି । ଅତାବିରା ପୋଲିସ ପହଞ୍ଚି ସେମାନଙ୍କ ମୃତ ଦେହ ଉଦ୍ଧାର କରିବା ସହିତ ତଦନ୍ତ ଆରମ୍ଭ କରିଛି । ମୃତକ ହେଲେ କୁମଲେସିଂହ ଶବରପଡ଼ାର ହିମାଂଶୁ ଭୁଏ(୪୧) ଓ ବରର୍ତ୍ତୀଟିକ୍ରାର ୩୫ ବର୍ଷୀୟା ମହିଳା । ଉଭୟ ବିବାହିତ ଥିଲେ । ହିମାଂଶୁଙ୍କର ୨ଟି ପିଲା ଥିବାବେଳେ ମହିଳା ଜଣକ ୪ଟି ପିଲାର ମା ଥିଲେ । କିନ୍ତୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା । ଉଭୟେ ସପ୍ତାହେ ପୂର୍ବରୁ ଫେରାର ହୋଇଯାଇଥିଲେ । ଉଭୟ ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ମହିଳାଙ୍କ ପରିବାର ଲୋକ ତାଙ୍କ ଶବକୁ ଗ୍ରହଣ କରିନଥିବା ଜଣାପଡ଼ିଛି । ଶେଷରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଶବଦାହ କରାଯାଇଛି ।



## ବବି ଦାସ ଓ ଅଧିରାଜ ପାଣିଗ୍ରାହୀଙ୍କ ନାଁରେ ମାମଲା ରୁଜୁ

ଭୁବନେଶ୍ୱର, ୧।୧୧(ନିପ୍ର); ବବି ଦାସଙ୍କ ନାଁରେ ରୁଜୁ ହୋଇଛି ମାମଲା ।ନୂଆପଡ଼ା ଜିଲ୍ଲା କୋମନା ଥାନାରେ ବିଜେଡି ନେତା ବବି ଦାସ ଓ ଖରିଆର ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କ ନାଁରେ ରୁଜୁ ହେଇଛି ମାମଲା । ଭାରତୀୟ ନ୍ୟାୟ ସଂହିତା ୧୨୬(୨) ,୨୯୬,୧୧୫(୨) ,୩୫୧(୨) ,୩(୫) ଧାରାରେ ବବି ଦାସ ଓ ଅଧିରାଜ୍ ପାଣିଗ୍ରାହିଙ୍କ ନାଁରେ ମାମଲା ରୁଜୁ ହେଇଛି । ନୂଆପଡ଼ାରେ ଆଦିବାସୀ ଯୁବକ ଜିତୁ ଆଡବଙ୍ଗ ବିଜେଡି ନେତା ବବି ଦାସ, ଖରିଆର ବିଧାୟକ ଅଧିରାଜ୍ ପାଣଗ୍ରାହୀଙ୍କ ନାଁ ରେଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁସାରେ ବିଜେଡିର ସାଧାରଣ ସମ୍ପାଦକ ମନୋଜ ମିଶ୍ରଙ୍କ ଫାର୍ମ ହାଉସକୁ ଗତ ଗୁରୁବାର ଦିନ ୨ ଟା ସମୟରେ ଜିତୁ ଆଡବଙ୍ଗଙ୍କୁ ଏକ ଅଜଣା ଫୋନ ନମ୍ବରରେ ଫୋନ୍‌କରି ଡାକିଥିଲେ । ସେଠାରେ ପହଞ୍ଚିବା ପରେ କାହିଁକି ବିଜେଡି ଛାଡି ବିଜେପିରେ ବୁଲୁଛୁ ପଚାରିବା ସହ ଜିତୁ ଆଡବଙ୍ଗଙ୍କୁ ବିଜେଡି ନେତା ବବି ଦାସ ଓ ବିଧାୟକ ଅଧିରାଜ୍ ପାଣିଗ୍ରାହୀ ମାଡ଼ ମାରିବାସହ ପରିବାରକୁ ଜୀବନରୁ ମାରିଦେବା ପାଇଁ ଧମକ ଦେଉଥିବା କଥା ଜିତୁ ଆଡବଙ୍ଗ ନିଜ ଅଭିଯୋଗରେ ଦର୍ଶାଇଥିଲେ । କେବଳ ସେତିକି ନୁହେଁ ଲିଖିତ ଅଭିଯୋଗରେ ଜିତୁ ଆଡବଙ୍ଗ ଏକଥା ମଧ୍ୟ କହିଛନ୍ତି ଯେ ନୂଆପଡ଼ା ଜିଲ୍ଲା କୋମନା ଥାନା ଆଇଆଇସି ଓ ଖରିଆର ଏସଡିପିଓନିଜେ ତାଙ୍କୁ ଫାର୍ମ ହାଉସରୁ ଉଦ୍ଧାର କରି ନେଇଛନ୍ତି ।ହୁଏତ ଆଇଆସି ଓ ଏସଡିପିଓ ବିଜେଡି ନେତା ମନୋଜ ମିଶ୍ରଙ୍କ ଫାର୍ମ ହାଉସରେ ପହଞ୍ଚି ଜିତୁଆଡବଙ୍ଗଙ୍କୁ ଉଦ୍ଧାର କରି ନଥିଲେ ସେ ଜୀବନ ଫେରି ପାଇ ନଥାନ୍ତେ ବୋଲି ଜିତୁ ଆଡବଙ୍ଗ ନିଜଅଭିଯୋଗରେ ଲେଖିଛନ୍ତି ।

## ପିଉଳ ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

- ୧୭ରୁ ୮ ଉପସ୍ଥିତ ରହିଲେ
- କୋରମ ଅଭାବ
- ସରପଞ୍ଚ ପଦବୀ କାୟମ

ଶେରଗଡ,୧।୧୧(ନିପ୍ର): ଶେରଗଡ଼ ବ୍ଲକ ଅନ୍ତର୍ଗତ ପିଉଳ ପଞ୍ଚାୟତ ସରପଞ୍ଚ ବିରୋଧରେ ଅନାସ୍ଥା ପ୍ରସ୍ତାବ ଯୋଗୁଁ ଶନିବାର ଦିନ ଧାର୍ଯ୍ୟ ହୋଇଥିଲା । ଶନିବାର ପଞ୍ଚାୟତରେ ପିଉଳ ପଞ୍ଚାୟତର ସରପଞ୍ଚ ବିରୋଧରେ ଅନାସ୍ଥା ଭୋଟ ପାଇ ଉପଜିଲ୍ଲାପାଳ ଭଞ୍ଜନଗର ତାରିଖ ଧାର୍ଯ୍ୟ ହୋଇଥିଲା ।ସେହି ପରିପ୍ରେକ୍ଷୀରେ ତହସିଲଦାର ତ୍ରିଦେବ ରଥ ନିର୍ବାଚନ ଅଧିକାରୀ ଭାବେ ଉପସ୍ଥିତ ରହିଥିବା ବେଳେ ବିଡ଼ିଓ ତୃପ୍ତିମୟୀ ଜେନା ସହ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ ।ସମୟ ଧାର୍ଯ୍ୟ ହୋଇଥିଲା ପୂର୍ବାହ୍ନ ୧୧ଟା, ପିଉଳ ପଞ୍ଚାୟତର ମୋଟ ୱାର୍ଡ ସଭ୍ୟ ସଂଖ୍ୟା ୧୮ ଥିଲା । ପରନ୍ତୁ ବହୁଦିନ ପୂର୍ବରୁ ଜଣେ ସଭ୍ୟାଙ୍କ ସଭ୍ୟ ପଦ ରଦ୍ଦ ହୋଇଥିଲା । ଆଜି ମୋଟ ୧୭ ଜଣ ସଭ୍ୟସଭ୍ୟା ଅନାସ୍ଥା ପ୍ରସ୍ତାବ ଭୋଟରେ ଭାଗ ନେଇଥାନ୍ତେ ।ସମୟ ରେ ମାତ୍ର ୮ଜଣ ସଭ୍ୟ ସଭ୍ୟା ପହଞ୍ଚି ଥିଲେ ।ମୋଟ ୯ ଜଣ ପହଞ୍ଚିଥିଲେ ଅନସ୍ଥା ପାଇଁ ଭୋଟ ହୋଇଥାନ୍ତା ।ସମୟ ସରିବା ପର୍ଯ୍ୟନ୍ତ ମାତ୍ର ୮ ଜଣ ସଭ୍ୟ ସଭ୍ୟା ରହିଥିଲେ । ଆବଶ୍ୟକ ୯ ଜଣ ଥିବାବେଳେ ୮ ଜଣ ରହିବାରୁ ଅନାସ୍ଥା ପାଇଁ କୋରମ ହୋଇ ନଥିଲା । ଫଳରେ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର ତ୍ରିଦେବ ରଥ କୋରମ ଅଭାବ ଯୋଗୁଁ ଅନସ୍ଥା ପାଇଁ ଭୋଟ ଗ୍ରହଣ କରାଯାଇ ନଥିଲା ।ପ୍ରକାଶ ଥାଉକି ନଭେମ୍ବର ୨୯ ତାରିଖ ୨୦୨୪ ରେ ପିଉଳ ପଞ୍ଚାୟତର ସଂଖ୍ୟାଧିକ ସଭ୍ୟମାନେ ସରପଞ୍ଚ ରାମ ରାଘବ ପାତ୍ର ଙ୍କ ମନୋମୁଖୀ କାର୍ଯ୍ୟକଳାପ ବିରୋଧରେ ଅନାସ୍ଥା ପ୍ରସ୍ତାବ ଭୋଟ କରିବାକୁ ଭଞ୍ଜନଗର ଉପଜିଲ୍ଲାପାଳ ଠାରେ ଭେଟି ଦରଖାସ୍ତ ଦେଇଥିଲେ । ଏହି ଅଭିଯୋଗ ପତ୍ର ରାୟ ଦେଇ ନଭେମ୍ବର ୧ ,୨୦୨୫ରେ ଭୋଟ କରିବାକୁ ସ୍ଥାନୀୟ ତହସିଲଦାର ଓ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିପିଓ ରବି କୁମାର ଓ ଗ୍ରାମସେବକ ପ୍ରଦ୍ୟୁମ୍ନ କୁମାର ଦାଶ ନିର୍ବାଚନରେ ସହଯୋଗ କରିଥିଲେ ।

# ପାଲତଳେ ବିତୁଛି ଜଗବନ୍ଧୁଙ୍କ ଜୀବନ

## ଆବାସ ଯୋଜନାକୁ ଚାହିଁ ଗଲା ବୃଦ୍ଧ ମା'ର ଜୀବନ

କେନ୍ଦ୍ରାପଡ଼ା,୧।୧୧(ନିପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କଂସାର ଗ୍ରାମ ପଞ୍ଚାୟତ ସାହସପୁର ଗ୍ରାମର ନିବାସୀ ଜଗବନ୍ଧୁ ବେହେରା ଦୀର୍ଘ ଦୁଇ ବର୍ଷରୁ ଅଧିକ ହୋଇଯିବ ଏବଂ ତାଙ୍କ ବୃଦ୍ଧ ମା' ସତ୍ୟଭାମା ବେହେରା ସାଥିରେ ୧୦ ବର୍ଷର ପୁଅକୁ ଧରି ପାଲ ତଳେ ବିତୁଛି ଜୀବନ । ଜଗବନ୍ଧୁଙ୍କ କହିବା କଥା ସ୍ଥାନୀୟ ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବ୍ଲକ ଏବଂ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି କଲି ଆବାସ ଗୃହ ପାଇଁ କିନ୍ତୁ କେହି ଟିକେବି ଶୁଣିଲେନି ଜଗବନ୍ଧୁଙ୍କ ଦୁଃଖ । ଶେଷରେ ବର୍ଷା, ଖରା, କାକର ଏବଂ ଶୀତ ସହି ବୃଦ୍ଧ ମା' ଏବଂ ଏକ ଶିଶୁ ପୁତ୍ରକୁ ଧରି ଜରିପାଲ ତଳେ କାଳାତିପାତ କରୁଛନ୍ତି । ବିଭିନ୍ନ ସମୟରେ ବିଲୁଆ ପଶିଗଲେଣି ତ କୁକୁର ପଶି ଭାତ ଖାଇଦେଲେଣି । ବିଷଧର ସାପଠାରୁ ଆରମ୍ଭ କରି ଦୁଇ ଗୋଡ଼ିଆ ମଣିଷ ପର୍ଯ୍ୟନ୍ତ ସମସ୍ତେ ଏଠି ଆମକୁ ଭୟଭୀତ କରୁଛନ୍ତି । ବର୍ଷା ତୋଫାନରେ ଆମେ ଅନ୍ୟ କାହାରି ପିଣ୍ଡାରେ ରାତି କଟାଇ ଦେଉଛୁ ଆମ ଦୁଃଖ କହିଲେ ନ ସରେ । ଏହି କିଛିଦିନ ତଳେ ଜଗବନ୍ଧୁଙ୍କ ବୃଦ୍ଧ ମା ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡି ତାଙ୍କର ଅକାଳ ମୃତ୍ୟୁ ଘଟିଛି । ଆଗରୁ ବାପା ଯାଇଥିଲେ ଏବେ ମା' । ଜଗବନ୍ଧୁ ସମ୍ପୂର୍ଣ୍ଣ ଭାବେ ଦୁନିଆରେ ଅନାଥ ହୋଇଯାଇଛନ୍ତି । ଏବେ ତାଙ୍କର ଦୁଃଖ ଦୁଇ ଗୁଣିତ ହୋଇଯାଇଛି ସାଥିରେ କୁନି ପୁଅଟି ରହିଛି ଆଗକୁ ଜୀବନ ବିତାଇବା ବଡ କଷ୍ଟକର ହୋଇପଡିଛି ବୋଲି ଜଗବନ୍ଧୁ କହିଛନ୍ତି । ସରକାର ସାଧାରଣ ଗରିବ ଗୁରୁବାମାନଙ୍କ ପାଇଁ ଏତେ ଯୋଜନା କରିଥିବା ବେଳେ ଜଗବନ୍ଧୁଙ୍କ ଭଳି ଦୁଃଖୀ କାହିଁକି ଏହି ଯୋଜନା ମାନଙ୍କରୁ ବଞ୍ଚିତ ହୋଇଛନ୍ତି । କାହିଁକି ଦୁଇବର୍ଷ ହୋଇଗଲାଣି ଜଗବନ୍ଧୁଙ୍କୁ ବ୍ଲକ ପ୍ରଶାସନ ଏବଂ ସ୍ଥାନୀୟ ପ୍ରତିନିଧି ଆବାସ ଯୋଜନାରେ ଗୃହ ଦେଲେ ନାହିଁ, ଯାହା ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନିକଟରେ ଜଗବନ୍ଧୁଙ୍କ ମା ଚାଲିଯାଇଥିବା ବେଳେ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ମଧ୍ୟ ସଂଘର୍ଷ କରୁଛନ୍ତି ଜଗବନ୍ଧୁ । ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗ ସାମାନ୍ୟ ମିଳିଥିବା ବେଳେ ପ୍ରଶାସନ ପାଖରୁ ଯଦି କିଛି ଆର୍ଥିକ ସହଯୋଗ ମିଳିପାରନ୍ତା ତେବେ ନିଶ୍ଚିନ୍ତ ଭାବରେ ଜଗବନ୍ଧୁ ତାଙ୍କ ମାର ଅନ୍ତେଷ୍ଟ୍ୟିକ୍ରିୟା କରିପାରନ୍ତେ । ବ୍ଲକ ପ୍ରଶାସନ ପକ୍ଷରୁ କାହିଁକି ଏପର୍ଯ୍ୟନ୍ତ ଜଗବନ୍ଧୁଙ୍କ ପାଖରେ ବିଡ଼ିଓ ପହଁଚିଲେ ନାହିଁ ଏବଂ ସହଯୋଗର ହାତ ବଢ଼ାଇଲେ ନାହିଁ ଯାହା ସାଧାରଣରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଖାଲି ଦେଖିବା ବାକି ରହିଲା କେବେ ନିଦ ଭାଙ୍ଗୁଛି ବ୍ଲକ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନର ।



Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ | ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ